# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୦/୨୦୨୦ (୧୩ ପୃଷ୍ଠା) | Bhubaneswar, Monday, July 20/2020 | ★★★★★★

୪୬ଶ ଭାଗ ୨୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ନୂଆ ଆଶା ଦେଇଛି ପ୍ଲାଜ୍ମା

## ୬ଜଣଙ୍କ ମଧ୍ୟରୁ ୪ ସୁସ୍ଥ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

ରାଜ୍ୟରେ କରୋନା ମହାମାରୀ ଦିନକୁ ଦିନ ଚିନ୍ତା ବଢ଼ାଉଥିବାବେଳେ ପ୍ଲାଜ୍ମା ଥେରାପି ଏକ ନୂଆ ଆଶା ସୃଷ୍ଟି କରିଛି। ପ୍ରାଥମିକ ପର୍ଯ୍ୟାୟରେ ୪ଜଣଙ୍କଠାରୁ ସଂଗ୍ରହ ହୋଇଥିବା ୮ୟୁନିଟ ପ୍ଲାଜମାରୁ ୬ୟୁନିଟକୁ ରାଜ୍ୟର ୬ଜଣ ଗୁରୁତର କରୋନା ସଂକ୍ରମିତଙ୍କଠାରେ ବ୍ୟବହାର କରାଯାଇଥିଲା। ପ୍ଲାଜମା ଥେରାପି ନେବାପରେ ୪ଜଣ ରୋଗୀ ରବିବାର ଭେଣ୍ଟିଲେଟରରୁ ବାହାରକୁ ଆସିଛନ୍ତି। ସେମାନଙ୍କୁ ଖୁବ୍ ଶୀଘ୍ର ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ପ୍ଲାଜମା ଥେରାପି ନେଇଥିବା ଅନ୍ୟ୨ଜଣ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ସ୍ଥିର ରହିଥିବା ଜଣାପଡ଼ିଛି। ୪ଜଣ ଗୁରୁତର ରୋଗୀ ସୁସ୍ଥ ହେବା ଏବଂ ୨ଜଣଙ୍କ ସ୍ୱାସ୍ଥ୍ୟବସ୍ଥାରେ ସ୍ଥିର ଆସିବା ପରେ ରାଜ୍ୟ ସରକାରଙ୍କ ମନରେ ଏକ ନୂଆ ସଞ୍ଚାର ସୃଷ୍ଟି କରିଛି।

ଏଯାବତ୍ ଖୁବ୍ କମ୍ ରାଜ୍ୟ ପ୍ଲାଜ୍ମା ଥେରାପି ବ୍ୟବସ୍ଥା ଆରମ୍ଭ କରିଛନ୍ତି। ସେଥିମଧ୍ୟରୁ ଓଡିଶା ଅନ୍ୟତମ। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ପ୍ଲାଜମା ବ୍ୟାଙ୍କର ଶୁଭାରମ୍ଭ କରିଥିଲେ। ଏହା ନୋଡାଲ ସେଣ୍ଟରଭାବେ କାର୍ଯ୍ୟ କରୁଛି। ପ୍ରଥମ ଦିନରେ ୪ଜଣ ପ୍ଲାଜମା ଦାନ କରିଥିଲେ। ୪ଜଣଙ୍କ ଠାରୁ ପ୍ଲାଜମା ସଂଗ୍ରହ ହୋଇଥିବା ୮ୟୁନିଟ ପ୍ଲାଜମାରୁ ୬ ୟୁନିଟ ବ୍ୟବହାର କରାଯାଇଛି। ସମ୍ କୋଭିଡ୍ ଡାକ୍ତରଖାନାରେ ୪ଜଣ ରୋଗୀ ଏବଂ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ୨ଜଣ ରୋଗୀଙ୍କୁ ଏହି ପ୍ଲାଜମା ଥେରାପି ଦିଆଯାଇଥିଲା। ଖୁବ୍‌ଶୀଘ୍ର କିମ୍ସରେ ଏହି ପ୍ଲାଜମା ଥେରାପି ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ସେହିପରି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କରୋନାରୁ ସୁସ୍ଥ ହେଉଥିବା କରୋନା ଆକ୍ରାନ୍ତଙ୍କୁ ପ୍ଲାଜମା ଦାନ ନିମନ୍ତେ ଅନୁରୋଧ କରିଛନ୍ତି। ଅଧିକରୁ ଅଧିକ ଲୋକ ଏଥିରେ ସାମିଲ ହେବା ପାଇଁ ମଧ୍ୟ ସେ କହିଛନ୍ତି। ଅମ୍ଫନ ବାତ୍ୟାରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ଉଦ୍ଧାର ପାଇଁ କଲିକତା ଯାଇ କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇସାରିଥିବା ଏନ୍‌ଡିଆରଏଫ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ପ୍ଲାଜମା ☞ପୃଷ୍ଠା-୪

# ମୁଗୁନି ପଥର ଖଣି ମୁକୁଳା



- ବ୍ୟବସାୟୀଙ୍କ ନଜରରେ ଓଡ଼ାପଡ଼ା ତହସିଲ
- ନିଲାମ ଦିଆଯାଇଛି ୧୭ ସୈରାତ
- ଚାଲିଛି ୮୦ରୁ ଊର୍ଦ୍ଧ୍ୱ ବେଆଇନ ଖାଦାନ
- ୪୮,୫୯୬ ଘନମିଟର ଉତ୍ତୋଳନ ଅନୁମତି
- ଖୋଲାହେଉଛି ୧.୨୫ଲକ୍ଷ ଘନମିଟର
- ବାର୍ଷିକ ୫୫ କୋଟି ଟଙ୍କାର ରାଜସ୍ୱ ହାନି

ଦୀନେଶ ଦାସ

ଓଡ଼ାପଡ଼ା, ୧୯।୭

ରତ୍ନଗର୍ଭା ବ୍ରାହ୍ମଣୀ ନଦୀର ଛାତିଚିରି ଖୋଲାଖୋଲି ଚାଲିଛି ବାଲି ଚାଲାଣ। ଚୋରା ବ୍ୟବସାୟୀଙ୍କ ନଜରରୁ ବର୍ତ୍ତୁନି ମାଙ୍କଡ଼ା ପଥର ଖଣି। ତେବେ ସବୁକିଛିକୁ ବଳିଯାଇଛି ମୂଲ୍ୟବାନ କଳା ମୁଗୁନି ପଥର (ବ୍ଲାକ୍ ଗ୍ରାନାଇଟ୍)ର କଳା ବ୍ୟବସାୟ। ରାଜ୍ୟର ଲଘୁ ଖଣିଜ ଦ୍ରବ୍ୟରୁ ହଜାରେ କୋଟି ଟଙ୍କା ରାଜସ୍ୱ ଆଦାୟ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଚୋରା ବ୍ୟବସାୟୀଙ୍କ ପାଇଁ ମୁକୁଳା ପଡ଼ିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲର ଲଘୁ ଖଣିଜ ଦ୍ରବ୍ୟ ସୈରାତ ଅଞ୍ଚଳ। ତହସିଲ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଖଣି ଭିତରୁ ମାତ୍ର ୧୭ଟିକୁ ନିଲାମ ଦିଆଯାଇଛି। ଏସବୁ ଖଣିରୁ ୪୮,୫୯୬ ଘନମିଟର ପଥର ଉତ୍ତୋଳନ କରିବାକୁ ଅନୁମତି ମିଳିଛି। ହେଲେ ବେଆଇନ ଭାବେ ଚାଲିଥିବା ୮୦ରୁ ଊର୍ଦ୍ଧ୍ୱ ଖାଦାନରୁ ୧.୨୫ ଲକ୍ଷ ଘନମିଟର ପଥର ବିଭିନ୍ନ ବାଟରେ ଚାଲାଣ ହେଉଛି। ମୂଲ୍ୟବାନ ମୁଗୁନିପଥରର ☞ପୃଷ୍ଠା-୪

# ୫୦% କର୍ମଚାରୀରେ ସକାଳୁଆ ବ୍ୟାଙ୍କ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

**ଲକ୍‌ଡାଉନ୍ ଅଞ୍ଚଳ ପାଇଁ ନୂଆ ନିର୍ଦ୍ଦେଶନାମା**

ଲକ୍‌ଡାଉନ୍ ଲାଗୁ ହୋଇଥିବା ଖୋର୍ଦ୍ଧା, କଟକ, ଯାଜପୁର, ଗଞ୍ଜାମ ଜିଲା ସହ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ରାଜ୍ୟ ସରକାର ବ୍ୟାଙ୍କ୍ ଖୋଲିବା ସମୟରେ ପରିବର୍ତ୍ତନ କରିଛନ୍ତି। ରବିବାର ସ୍ୱତନ୍ତ୍ର ରିଲିଫ୍ କମିଶନର ଏନେଇ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁସାରେ, ବ୍ୟାଙ୍କଗୁଡ଼ିକ ସକାଳ ୮ଟାରେ ଖୋଲି ଅପରାହ୍ନ ୨ଟାରେ ବନ୍ଦ ହେବ। ଗ୍ରାହକମାନେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବ୍ୟାଙ୍କ ସେବା ପାଇପାରିବେ। ଏଥିସହିତ ଭିଡ଼ ଏଡ଼ାଇବା ପାଇଁ କର୍ମଚାରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅର୍ଥନୀତି ବଞ୍ଚାଅ**









ରାଜସ୍ଥାନ ହାଇକୋର୍ଟରେ ବିଦ୍ରୋହୀ ନେତା ସଚିନ ପାଇଲଟଙ୍କ ସମେତ ୧୯ ବିଧାୟକଙ୍କ ପିଟିଶନର ଶୁଣାଣି ସୋମବାର ହେବ। କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଗେହଲଟ ସରକାରକୁ ଭାଙ୍ଗିଦେବା ପାଇଁ ଘୋଡ଼ାବେପାରରେ ସମ୍ପୃକ୍ତ ଥିବା ଅଭିଯୋଗ ଆଣି ତାଙ୍କୁ ପଦରୁ ହଟାଇବା ଲାଗି କଂଗ୍ରେସ ଦାବି କରିଛି। ଇତିମଧ୍ୟରେ ଅଡିଓ ଟ୍ୟାପ୍ ଷଡ଼ଯନ୍ତ୍ରର ତଦନ୍ତ ଲାଗି ରାଜସ୍ଥାନ ପୋଲିସର ଏକ ୮ ଜଣିଆ ଟିମ୍ ଗଠନ କରାଯାଇଛି।



# ବର୍ଷକରେ ୨୩୦ କେ.ଜି. ସୁନା ଚାଲାଣ

ଥିରୁଭାନନ୍ତପୁରମ,୧୯।୭

କେରଳ ସୁନା ଚାଲାଣ ମାମଲାରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଛି। ଏହାର ତଦନ୍ତ ବେଳେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ହାତରେ ଲାଗିଛି ବଡ଼ ପ୍ରମାଣ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ବର୍ଷକ ମଧ୍ୟରେ ୨୩୦ କେ.ଜି. ସୁନା କେରଳ ରାଜଧାନୀ ଥିରୁଭାନନ୍ତପୁରମକୁ ଚୋରା ଚାଲାଣ ହୋଇ ଆସିଥିବା ରବିବାର ଏନ୍‌ଆଇଏ କହିଛି।

ଜୁଲାଇ ୫ରେ ଥିରୁଭାନନ୍ତପୁରମ ବିମାନବନ୍ଦରରୁ ୩୦ କେ.ଜି. ସୁନା ଜବତ ହୋଇଥିଲା। ପ୍ରାୟ ୧୫ କୋଟି ଟଙ୍କାର ଏହି ସୁନା ୟୁଏଇରୁ ଥିରୁଭାନନ୍ତପୁରମସ୍ଥିତ ଏହି ଉପସାଗରୀୟ ରାଷ୍ଟ୍ରର କନ୍‌ସୁଲେଟ ଅଫିସକୁ ଚୋରା ଚାଲାଣ ହେଉଥିବାବେଳେ ସୀମାଶୁଳ୍କ ବିଭାଗ ଅଧିକାରୀମାନେ ଏହାକୁ ଧରିବାରେ ସକ୍ଷମ ହୋଇଥିଲେ। ମୁଖ୍ୟ ଅଭିଯୁକ୍ତ ପି.ଏସ୍. ସାରିଥ ଓ ସ୍ୱପ୍ନା ସୁରେଶ ୟୁଏଇ କନ୍‌ସୁଲେଟର ଜାଲ ଦସ୍ତାବିଜ ବ୍ୟବହାର କରି କୂଟନୈତିକ ଚ୍ୟାନେଲଗୁଡ଼ିକ ଜରିଆରେ ଏହାକୁ ଚାଲାଣ କରି ଆଣୁଥିଲେ ବୋଲି ଜଣାପଡ଼ିଛି। ଦୁବାଇରେ ଥିବା ଫୈଜଲ ଫରିଦ, ତାଙ୍କ ସହଯୋଗୀ ସନ୍ଦୀପ ନାୟାର ଏବଂ କେ.ଟି. ରମିଜ୍‌ଙ୍କ ମଧ୍ୟ ଏଥିରେ ସମ୍ପୃକ୍ତି ସାମ୍ନାକୁ ଆସିଛି।



ସ୍ୱପ୍ନା ସୁରେଶ

ପି.ଏସ୍. ସାରିଥ

ତଦନ୍ତ ବେଳେ ଏନ୍‌ଆଇଏ ଟିମ୍ ଜାଣିବାକୁ ପାଇଛି ଯେ, ଏମାନେ ସମସ୍ତେ ମିଶି ୨୦୧୯ ଜୁଲାଇରୁ ଅଦ୍ୟାବଧି ଅନ୍ୟୂନ ୨୩୦ କେ.ଜି. ସୁନା ଚାଲାଣ କରି ଭାରତକୁ ଆଣିବାରେ ସକ୍ଷମ ହୋଇଛନ୍ତି। କୂଟନୈତିକ ଢାଲକୁ ବ୍ୟବହାର କରି ଚାଲାଣ ହେଉଥିବାରୁ ସେଗୁଡ଼ିକୁ ଅତିକମ୍‌ରେ ୧୩ ଥର ବିନା ଯାଞ୍ଚରେ ଅଣାଯାଇ ପାରିଛି। ସେଥିରୁ ୧୦୦-୧୫୦ କେ.ଜି. କେବଳ ଗତ ୮-୯ ମାସ ମଧ୍ୟରେ ଚାଲାଣ ହୋଇ ଆସିଛି। ଗତ ୫ ତାରିଖରେ ଧରାପଡ଼ିଥିବା ବ୍ରିଫ୍‌କେଶ ୭୦ କେ.ଜି. ହୋଇଥିବାବେଳେ ପୂର୍ବରୁ ଚାଲାଣ ହୋଇଥିବା କନ୍‌ସାଇନ୍‌ମେଣ୍ଟଗୁଡ଼ିକ ମଧ୍ୟରୁ କେତେକ ଆହୁରି ଓଜନିଆ ଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ମଧ୍ୟ ତନାଘନା ଚାଲିଛି ବୋଲି ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

**ସନ୍ଦେହ ଘେରରେ ଏମାନେ**

ଏହି ହାଇପ୍ରୋଫାଇଲ ମାମଲାରେ ଏନ୍‌ଆଇଏ ୪ ଜଣଙ୍କୁ ଗିରଫ କରିଥିବାବେଳେ ସୀମାଶୁଳ୍କ ବିଭାଗ ୧୩ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତମାନଙ୍କୁ ଜେରା ବେଳେ ଯେଉଁମାନଙ୍କ ନାମ ସାମ୍ନାକୁ ଆସିଛି ସେମାନଙ୍କୁ ସମନ କରାଯିବ। ସେମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍‌ଙ୍କ ପୂର୍ବତନ ସଚିବ ଏମ୍. ଶିବଶଙ୍କର ଏବଂ ସରକାରଙ୍କ ପୂର୍ବତନ ଆଇଟି ଅଧିକାରୀ ଅରୁଣ ବାଲାଚନ୍ଦ୍ରନ ଅଛନ୍ତି। ଗତ ସପ୍ତାହରେ କଷ୍ଟମ ଡିପାର୍ଟମେଣ୍ଟ ଶିବଶଙ୍କରଙ୍କୁ ୯ ଘଣ୍ଟା ଧରି ଜେରା କରିଥିଲା। ତଦନ୍ତକାରୀ ଅଧିକାରୀମାନେ ବିଜୟନଙ୍କ କ୍ୟାବିନେଟର ଜଣେ ମନ୍ତ୍ରୀଙ୍କୁ ମଧ୍ୟ ପଚରାଉଚରା କରିପାରନ୍ତି, ଯାହାଙ୍କ ନାମ ଦ୍ୱିତୀୟ ଅଭିଯୁକ୍ତ ସ୍ୱପ୍ନା ସୁରେଶଙ୍କ କଲ୍ ଲିଷ୍ଟରୁ ସାମ୍ନାକୁ ଆସିଛି।

**କେରଳ ସୁନା ଚାଲାଣ ର୍‍ୟାକେଟ**

**ଆଳୁ ଖୋଳୁ ଖୋଳୁ ମହାଦେବ**

**ଫୈଜାଲଙ୍କୁ ଭାରତ ଅଣାଯିବ**



ଇତିମଧ୍ୟରେ ଦୁବାଇରୁ ରିପୋର୍ଟ ଆସିଛି ଯେ ତୃତୀୟ ଅଭିଯୁକ୍ତ ଫୈଜାଲ ଫରିଦଙ୍କୁ ଗିରଫ କରାଯାଇଛି। ୟୁଏଇ ତାଙ୍କୁ ଖୁବଶୀଘ୍ର ପ୍ରତ୍ୟର୍ପଣ କରିବ। ଥ୍ରୀସୁର ବାସିନ୍ଦା ଫୈଜାଲ ଦୁବାଇରେ ଏକ ଜିମ୍ ଓ ଗ୍ୟାରେଜ ଚଳାନ୍ତି। ସୁନା ଚାଲାଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଏନ୍‌ଆଇଏ ଜାଣିବାକୁ ପାଇଛି। ତେଣୁ ଫୈଜାଲଙ୍କ ବିରୋଧରେ ବ୍ଲୁ କର୍ନର ନୋଟିସ ଜାରି କରିବା ପାଇଁ ଇଣ୍ଟରପୋଲକୁ ଏନ୍‌ଆଇଏ ଅନୁରୋଧ କରିଥିଲା।

**ରାଜନୀତିରେ ଭୂକମ୍ପ**

ସୁନା ଚାଲାଣ ମାମଲାକୁ ନେଇ କେରଳ ରାଜନୀତିରେ ଭୂକମ୍ପ ସୃଷ୍ଟି ହୋଇଥିବାବେଳେ ଜାତୀୟ ରାଜନୀତି ମଧ୍ୟ ସରଗରମ ହୋଇଛି। ବିରୋଧୀ କଂଗ୍ରେସ ଓ ଭାଜପା ଏନେଇ ବିଜୟନ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଛନ୍ତି। ସିପିଏମ୍ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଏବଂ ଏହାର କନିଷ୍ଠ ସହଯୋଗୀ ସିପିଆଇ ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ ମତଭେଦ ସୃଷ୍ଟି ହୋଇଛି।

ଶନିବାର କୋଝିକୋଡ଼ର ଦୁଇଜଣ ଜୁଏଲର୍ସଙ୍କଠାରୁ ୧୦ କେ.ଜି. ସୁନା ଜବତ ହୋଇଥିବାବେଳେ ତଦନ୍ତକାରୀ ଅଧିକାରୀମାନେ ସେନେଇ ଖୋଳତାଡ଼ ଆରମ୍ଭ କରିଛନ୍ତି। ଏନ୍‌ଆଇଏ ପକ୍ଷରୁ କୁହାଯାଇଛି ଯେ ଏହି ସ୍ମଗ୍‌ଲିଂ ସିଣ୍ଡିକେଟରେ ସମ୍ପୃକ୍ତ ଥିବା ଅନେକ ବ୍ୟକ୍ତି ଏବେ ସ୍ୱେଚ୍ଛାକୃତ ଭାବେ ବୟାନ ଦେବା ପାଇଁ ଆଗେଇ ଆସୁଛନ୍ତି। ତେବେ ଚାଲାଣ ହୋଇ ଆସିଥିବା ସମସ୍ତ ସୁନାକୁ ଠାବ କରିବା କଷ୍ଟସାଧ୍ୟ। କାରଣ ଏଥିରେ ରାଜନୈତିକ ଲିଙ୍କ୍ ପଦାକୁ ଅସିଛି।

# କରୋନା ଭଳି ଭାଇରସ୍ ରାଫେଲଙ୍କ ଜୀବନ ନେଇଥିଲା

ନୂଆଦିଲ୍ଲୀ,୧୯।୭

୫୦୦ ବର୍ଷ ତଳେ ଇଟାଲୀରେ ଶିଳ୍ପକଳାର ଉଚ୍ଚ ପୁନର୍ଜାଗରଣ (ହାଇ ରେନେସାଁ) ସମୟ ଚାଲିଥିଲା। ୧୪୯୫ରୁ ୧୫୨୦ ମଧ୍ୟରେ ଯେଉଁ ତିନିଜଣ ମହାନ କଳାକାରଙ୍କୁ ନେଇ ଇଟାଲୀୟ କଳା ସମୃଦ୍ଧ ହୋଇଥିଲା ସେମାନଙ୍କ ମଧ୍ୟରୁ ଅଗ୍ରଣୀ ଥିଲେ ରାଫେଲୋ ସାଞ୍ଜିୟୋ ଦା ଉର୍ବିନୋ। ରାଫେଲ ନାମରେ ପରିଚିତ ଏହି ମହାନ୍ ଶିଳ୍ପୀ ୧୪୮୩ ଏପ୍ରିଲ ୬ରେ ଜନ୍ମ ଗ୍ରହଣ କରିଥିଲେ। ୧୫୨୦ ଏପ୍ରିଲ ୬ରେ ତାଙ୍କ ପରଲୋକ ହୋଇଥିଲା। ୩୭ ବର୍ଷୀୟ ରାଫେଲ ଶୀତରାତିରେ ତାଙ୍କ ପ୍ରେମିକାଙ୍କ ସହ ରାତିରେ ବୁଲୁଥିବାବେଳେ ଜ୍ୱର ହେବାରୁ ପ୍ରାଣ ହରାଇଥିବା ଅଧିକାଂଶ ବିଶ୍ୱାସ କରନ୍ତି। କିନ୍ତୁ ଏବେ ଏକ ନୂଆ ଅଧ୍ୟୟନରେ ଦାବି କରାଯାଇଛି ଯେ, ଏହି ମାଷ୍ଟର ଆର୍ଟିଷ୍ଟ ତଥା ଆର୍କିଟେକ୍ଟ ଯୌନ ସଂକ୍ରମଣଜନିତ ସିଫିଲିସ୍ ଯୋଗୁ ନୁହେଁ, ବରଂ କରୋନା ଭାଇରସ୍ ଭଳି ଏକ ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇ ଶେଷରେ ଆଖି ବୁଜିଦେଇଥିଲେ। ଇଣ୍ଟର୍ନାଲ ଆଣ୍ଡ ଏମର୍ଜେନ୍ସି ମେଡିସିନ ଜର୍ନାଲରେ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଏହା ଜଣାପଡ଼ିଛି।

ଏଜେନ୍ସେ ଫ୍ରାନ୍ସେ ପ୍ରେସେ (ଏଏଫ୍‌ପି)ରେ ଶନିବାର ପ୍ରକାଶିତ ଅଧ୍ୟୟନ ରିପୋର୍ଟରେ ଡାକ୍ତରୀ ଐତିହାସିକ ମେଶିଲ ଅଗୁସ୍ତୋ ରିଭା ଉଲ୍ଲେଖ କରିଛନ୍ତି, ଆମେ ଯାହା ଜାଣିଛୁ ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୋଇ ରାଫେଲଙ୍କ ମୃତ୍ୟୁ ଘଟିଥିଲା, ଯାହାକି କରୋନା ଭାଇରସ୍ ଭଳି ଏକ ସଂକ୍ରମଣ ବୋଲି ମନେହେଉଛି। ରିଭାଙ୍କ ସମେତ ୟୁନିଭର୍ସିଟି ଅଫ୍ ମିଲାନୋ-ବାଇକୋକାର ଅନ୍ୟ ୩ ଗବେଷକଙ୍କ ମତରେ କ୍ରମାଗତ ଉଚ୍ଚ ଜ୍ୱର ଯୋଗୁ ଏକ ପ୍ରଖର ରୋଗରେ ପୀଡ଼ିତ ହୋଇ ରାଫେଲଙ୍କ ଜୀବନ ଯାଇଥିଲା। ରାଫେଲ ରୋଗାକ୍ରାନ୍ତ ହେବା ପରେ ସେ ଶୀତରାତିରେ ବାହାରକୁ ଯାଇଥିବା ଓ ପ୍ରେମିକାଙ୍କ ସହ ସମୟ ବିତାଇଥିବା ସମ୍ପର୍କରେ ଡାକ୍ତରଙ୍କୁ ଜଣାଇ ନ ଥିଲେ। ଯୌନକ୍ରିୟା ଯୋଗୁ ନୁହେଁ, ଥଣ୍ଡା ପାଗରେ ତାଙ୍କୁ ଜ୍ୱର ଧରିଥିଲା। ଫଳରେ ଠିକ୍ ୫୦୦ ବର୍ଷ ତଳେ (୧୫୨୦ ମସିହାରେ) ମାତ୍ର ୩୭ ବର୍ଷ ବୟସରେ ସେ ପ୍ରାଣ ହରାଇଥିଲେ।



# ଲଦାଖରେ ମୁତୟନ ହେବ ରାଫାଲ

ନୂଆଦିଲ୍ଲୀ,୧୯।୭

ଚାଇନା ସହ ସୀମାକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ପୂର୍ବ ଲଦାଖରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ସ୍ଥିତି ଏବଂ ରାଫାଲ ଲଢୁଆ ବିମାନର ତ୍ୱରିତ ପରିଚାଳନା ଷ୍ଟେଶନ ସମ୍ପର୍କରେ ଆଲୋଚନା ପାଇଁ ଭାରତୀୟ ବାୟୁସେନାର ଶୀର୍ଷ କମାଣ୍ଡରସ୍ତରୀୟ ବୈଠକ ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ମାସ ଶେଷ ସୁଦ୍ଧା ରାଫାଲ ଯୁଦ୍ଧବିମାନ ଭାରତରେ ପହଞ୍ଚିବ। ଏହାକୁ ସୀମାରେ ମୁତୟନ ନେଇ ବୈଠକରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଆର୍.କେ.ଏସ୍. ଭଦୌରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସମସ୍ତ ୭ କମାଣ୍ଡର ଇନ୍-ଚିଫ୍ ଯୋଗଦେବେ।

**୨୨ରେ ବାୟୁସେନା ଅଧିକାରୀଙ୍କ ବୈଠକ**

ବାୟୁସେନା ପୂର୍ବ ଲଦାଖ ଏବଂ ଉତ୍ତର ସୀମାର ଫରୱାର୍ଡ ବେସ୍‌ରେ ମିରାଜ ୨୦୦୦, ସୁଖୋଇ-୩୦, ମିଗ୍-୨୯ ଆଦି ଅତ୍ୟାଧୁନିକ ଯୁଦ୍ଧବିମାନ ମୁତୟନ କରିଛି। ଏଥିସହିତ ଚାଇନା ସୀମାର ଫରୱାର୍ଡ ବେସ୍‌ରେ ଲଢୁଆ ଆପାଚେ ହେଲିକପ୍ଟର ମଧ୍ୟ ମୁତୟନ ହୋଇଛି। ଏଗୁଡ଼ିକ ଦିନରାତି ସୀମା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଫ୍ରାନ୍ସରୁ ଆସିବାକୁ ଥିବା ଅତ୍ୟାଧୁନିକ ରାଫାଲ ଯୁଦ୍ଧବିମାନ ଭାରତୀୟ ବାୟୁସେନାର ଶକ୍ତି ବୃଦ୍ଧି କରିବ। ଏଥିରେ ମେଟେଓର ଭଳି ଦୀର୍ଘ ଲକ୍ଷ୍ୟଭେଦ କ୍ଷମତା ଥିବା କ୍ଷେପଣାସ୍ତ୍ର ସଂଯୋଗ କରାଯାଇଛି।



ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁ ମିଣ୍ଟୋ ବ୍ରିଜ୍ ଅଣ୍ଡରପାସ୍ ଜଳମଗ୍ନ ହୋଇଯାଇଥିବାବେଳେ ଡିଟିସି ବସ୍‌ଟି ବୁଡ଼ିଯାଇଛି।

# ୭ ମୁଖ୍ୟମନ୍ତ୍ରୀଙ୍କ ସହ କଥାହେଲେ ମୋଦି

ନୂଆଦିଲ୍ଲୀ, ୧୯।୭(ଆଇଏଏନ୍‌ଏସ୍)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଫୋନ୍ ଯୋଗେ ୭ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି। ସମ୍ପୃକ୍ତ ରାଜ୍ୟଗୁଡ଼ିକର କରୋନା ସ୍ଥିତି ସମ୍ପର୍କରେ ମୋଦି ମୁଖ୍ୟମନ୍ତ୍ରୀମାନଙ୍କଠାରୁ ଅବଗତ ହୋଇଥିଲେ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରାଓ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଓ. ପନିରସେଲଭାମ୍, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଏବଂ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତଙ୍କ ସହ ପ୍ରଧାନମନ୍ତ୍ରୀ କଥା ହୋଇଥିଲେ। କରୋନା ବ୍ୟତୀତ ବନ୍ୟା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ମୋଦି ଆଲୋଚନା କରିଥିଲେ।



# ଗ୍ଲେନ୍‌ମାର୍କକୁ ଡିଜିସିଆଇ ନୋଟିସ

ନୂଆଦିଲ୍ଲୀ,୧୯।୭(ଆଇଏଏନ୍‌ଏସ୍)

କୋଭିଡ୍-୧୯ ଔଷଧ ଫାବିଫ୍ଲୁ ସମ୍ପର୍କରେ ମିଥ୍ୟା ଦାବି ଓ ଅତ୍ୟଧିକ ମୂଲ୍ୟକୁ ନେଇ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ପକ୍ଷରୁ ଏହାର ନିର୍ମାତା ମୁମ୍ବାଇର ଔଷଧ କମ୍ପାନୀ ଗ୍ଲେନ୍‌ମାର୍କକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ନିକଟରେ ଏହି ଔଷଧକୁ ବ୍ୟବହାର ପାଇଁ ଭାରତର ଔଷଧ ମହାନିୟନ୍ତ୍ରକ (ଡିଜିସିଆଇ) ପକ୍ଷରୁ ଅନୁମତି ମିଳିଥିଲା। ଏହି ଔଷଧରେ ଚିକିତ୍ସା ଖର୍ଚ୍ଚ ୧୨,୫୦୦ ଟଙ୍କା ପଡୁଥିବା ନେଇ ଜଣେ ଏମ୍‌ପି ଅଭିଯୋଗ କରିଥିଲେ। ଗ୍ଲେନ୍‌ମାର୍କ ପ୍ରସ୍ତୁତ ଉକ୍ତ ଔଷଧ ଗରିବ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ଶ୍ରେଣୀଙ୍କ ସ୍ୱାର୍ଥରେ ଆସୁନାହିଁ ବୋଲି ସେ କହିଥିଲେ। ଫାବିଫ୍ଲୁ ଉଚ୍ଚ ରକ୍ତଚାପ, ମଧୁମେହ ଆଦି ଅନ୍ୟାନ୍ୟ ରୋଗକୁ ନିୟନ୍ତ୍ରଣ କରିପାରିବ ବୋଲି ଗ୍ଲେନ୍‌ମାର୍କ ପକ୍ଷରୁ ଦାବି କରାଯାଇଥିଲା, ଯାହା ବାସ୍ତବରେ ପରୀକ୍ଷା କରାଯାଇ ନ ଥିବା ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀଙ୍କ ଟୁଇଟର ଅନୁଗାମୀ ୬ କୋଟି

ନୂଆଦିଲ୍ଲୀ,୧୯।୭(ଆଇଏଏନ୍‌ଏସ୍)

ସୋସିଆଲ ମିଡିଆରେ ସକ୍ରିୟ ରହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟୁଇଟର ଅନୁଗାମୀ ସଂଖ୍ୟା ରବିବାର ୬ କୋଟି ଅତିକ୍ରମ କରିଛି। ସାରା ବିଶ୍ୱରେ ସର୍ବାଧିକ ଫଲୋ ହେବାରେ ମୋଦି ତୃତୀୟ ସ୍ଥାନରେ ରହିଛନ୍ତି। କେବଳ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କଠାରୁ ଆଗରେ ଅଛନ୍ତି। ୨୦୦୯ ଜାନୁୟାରୀରେ ପ୍ରଧାନମନ୍ତ୍ରୀ ମାଇକ୍ରୋବ୍ଲଗିଂ ସାଇଟରେ ସାମିଲ ହୋଇଥିଲେ। ୨୦୧୪ରେ ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ଲୋକପ୍ରିୟତା ବହୁତ ବଢ଼ିଯାଇଥିଲା। ମୋଦି ବର୍ଷେରୁ କମ୍ ସମୟ ମଧ୍ୟରେ ୧ କୋଟି ଫଲୋଅର୍ସ ହାସଲ କରିପାରିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ତାଙ୍କର ଟୁଇଟର ଫଲୋଅର୍ସ ସଂଖ୍ୟା ୫ କୋଟି ଥିଲା।

# ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା ଅଭିଯୋଗ




କୋଲକାତା, ୧୯।୭

ପଶ୍ଚିମବଙ୍ଗରେ ଜଣେ ସ୍କୁଲ୍ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା ଅଭିଯୋଗ ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତାରୋକୋ ଓ ପୋଡ଼ାଜଳା କରିଥିଲେ। ହିଂସାତ୍ମକ ପ୍ରତିବାଦ ଫଳରେ ରବିବାର ଅପରାହ୍ନରେ କୋଲକାତାରୁ ସିଲିଗୁଡ଼ିକୁ ସଂଯୋଗ କରୁଥିବା ୩୧ ନମ୍ବର ଜାତୀୟ ରାଜପଥ ରଣକ୍ଷେତ୍ରରେ ପରିଣତ ହୋଇଥିଲା। କୋଲକାତାର ଉତ୍ତରରେ ୫୦୦ କିଲୋମିଟର ଦୂର ଚୋପ୍ରାଠାରେ ଏହି ଘଟଣା ଘଟିଛି। ବିକ୍ଷୋଭ ସ୍ଥଳରେ ପୋଲିସ-ଜନତା ଧସ୍ତାଧସ୍ତି ହୋଇଥିଲେ। ବିକ୍ଷୋଭକାରୀ ଧନୁତୀରରେ ପୋଲିସକୁ ଆକ୍ରମଣ କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ଯାଇ ପୋଲିସକୁ ଲାଠିଚାଳନା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିବାକୁ ପଡ଼ିଥିଲା। ପୀଡ଼ିତା ନିକଟରେ ଦଶମ ବୋର୍ଡ ପରୀକ୍ଷାରେ ପାସ୍ କରିଥିଲେ। ଗତ ରାତିରୁ ସେ ନିଖୋଜ ଥିଲେ। ଖୋଜାଖୋଜି ପରେ ଏକ ଗଛମୂଳରୁ ପୀଡ଼ିତାଙ୍କ ମୃତଦେହ ମିଳିଥିଲା। ଶବବ୍ୟବଚ୍ଛେଦ ରିପୋର୍ଟରୁ ବିଷକ୍ରିୟା ଯୋଗୁ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଯୌନ ଉତ୍ପୀଡ଼ନ କିମ୍ବା ମାଡ଼ର କୌଣସି ଚିହ୍ନବର୍ଣ୍ଣ ନ ଥିବା ପୋଲିସ କହିଛି।

# ୩ ଦିନରେ ଲକ୍ଷାଧିକ ସଂକ୍ରମିତ

ନୂଆଦିଲ୍ଲୀ,୧୯।୭(ପି.ଟି.)

ଭାରତରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଛି। ୩ ଦିନ ମଧ୍ୟରେ ଲକ୍ଷାଧିକ ଲୋକ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୩୮,୯୦୨ ନୂଆ ପଜିଟିଭ୍ ଚିହ୍ନଟ ହେବା ପରେ ରବିବାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୭୭,୬୧୮ରେ ପହଞ୍ଚିଛି। ଶୁକ୍ରବାର ୩୪,୯୫୬ ଏବଂ ଶନିବାର ୩୪, ୮୮୪ ନୂଆ ମାମଲା ସାମନାକୁ ଆସିଥିଲା। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୬,୭୭,୪୨୨ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୨୬,୮୧୪ ଜଣଙ୍କର ମୃତ୍ୟୁ ଘଟିଲାଣି। ବିଭିନ୍ନ ହସ୍ପିଟାଲରେ ୩,୭୩,୩୭୯ କରୋନା ରୋଗୀ ଚିକିତ୍ସିତ ହେଉଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୨୩,୬୭୨ ଜଣ ସୁସ୍ଥ ହୋଇଥିବାବେଳେ ୫୪୩ ଜଣଙ୍କ ମୃତ୍ୟୁ ଘଟିଛି।

ଭାରତରେ କରୋନାଜନିତ ମୃତ୍ୟୁହାର ସାରା ବିଶ୍ୱରେ ସର୍ବନିମ୍ନ ରହିଛି। ଏବେ ଦେଶରେ ମୃତ୍ୟୁହାର ୨.୪୯ ପ୍ରତିଶତକୁ ହ୍ରାସ ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆକ୍ରାନ୍ତଙ୍କ ଉପଯୁକ୍ତ ଚିକିତ୍ସା ପରିଚାଳନାକୁ ଶ୍ରେୟ ଦିଆଯାଇଛି। ୨୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରୋନା ମୃତ୍ୟୁ ହାର (ସିଏଫ୍‌ଆର୍) ଜାତୀୟ ହାରଠାରୁ କମ୍ ରହିଛି। ୫ଟି ରାଜ୍ୟରେ ମୃତ୍ୟୁହାର ଶୂନ ଥିବାବେଳେ ୧୪ଟିରେ ୧ ପ୍ରତିଶତରୁ କମ୍ ରହିଛି। ମାସେ ପୂର୍ବରୁ ମୃତ୍ୟୁହାର ୨.୮୨ ପ୍ରତିଶତ ଥିବାବେଳେ ଜୁଲାଇ ୧୦ରେ ଏହା ୨.୭୨%କୁ ହ୍ରାସ ପାଇଥିଲା। ପ୍ରଭାବଶାଳୀ ନିୟନ୍ତ୍ରଣ କୌଶଳ, ଅଧିକ ପରୀକ୍ଷା ଏବଂ ଉନ୍ନତମାନର ଚିକିତ୍ସା ପରିଚାଳନା ଯୋଗୁ ମୃତ୍ୟୁହାର ୨.୪୯ ପ୍ରତିଶତକୁ ହ୍ରାସ ପାଇପାରିଛି। ବୟସ୍କ, ଗର୍ଭବତୀ ଓ ଅନ୍ୟାନ୍ୟ ରୋଗ ଥିବା ବ୍ୟକ୍ତିଙ୍କ ପାଇଁ କରୋନା ଅଧିକ ବିପଦ ହୋଇଥିବାରୁ ସେମାନଙ୍କୁ ଚିହ୍ନଟ କରିବା ଲାଗି ବିଭିନ୍ନ ରାଜ୍ୟ ପକ୍ଷରୁ ଜନସଂଖ୍ୟା ସର୍ଭେ କରାଯାଉଛି। ଏଥିସହିତ ଚିହ୍ନଟ ପ୍ରକ୍ରିୟାରେ ମୋବାଇଲ ଆପ୍‌ର ସହାୟତା ନିଆଯାଉଛି। ଠିକ୍ ସମୟରେ ସେହି ଲୋକମାନଙ୍କର ଚିକିତ୍ସା କରାଯିବା ଫଳରେ ମୃତ୍ୟୁହାର କମାଇବାରେ ସହାୟକ ହୋଇପାରିଛି। ତଳ ସ୍ତରରେ ଆଶାକର୍ମୀ, ଏଏନ୍‌ଏମ୍‌ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି। ମଣିପୁର, ନାଗାଲାଣ୍ଡ, ସିକିମ, ମିଜୋରାମ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଏପର୍ଯ୍ୟନ୍ତ କୋଭିଡ୍-୧୯ରେ କାହାର ମୃତ୍ୟୁ ଘଟିନାହିଁ। ସେହିପରି ତ୍ରିପୁରା, ଆସାମ, କେରଳ, ଓଡ଼ିଶା, ଗୋଆ, ହିମାଚଳପ୍ରଦେଶ, ବିହାର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ,ତାମିଲନାଡୁ, ଚଣ୍ଡିଗଡ, ରାଜସ୍ଥାନ, କର୍ନାଟକ, ଉତ୍ତରପ୍ରଦେଶରେ ମୃତ୍ୟୁହାର ଜାତୀୟ ହାରଠାରୁ କମ୍ ରହିଛି। ତ୍ରିପୁରାରେ କରୋନାଜନିତ ମୃତ୍ୟୁହାର ୦.୧୯ ପ୍ରତିଶତ ରହିଥିବାବେଳେ ଆସାମରେ ୦.୨୩%, କେରଳରେ ୦.୩୪% ଏବଂ ଓଡ଼ିଶାରେ ୦.୫୧ ପ୍ରତିଶତ ରହିଛି।



- ୧୦,୭୭,୬୧୮ରେ ପହଞ୍ଚିଲା ଆକ୍ରାନ୍ତଙ୍କ ସଂଖ୍ୟା
- ଭାରତରେ ମୃତ୍ୟୁହାର ସର୍ବନିମ୍ନ: ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

## ବିଶ୍ୱରେ ୨୪ ଘଣ୍ଟାରେ ୨.୬ ଲକ୍ଷ ଆକ୍ରାନ୍ତ

ୱାଶିଂଟନ, ୧୯।୭: ଆମେରିକା, ବ୍ରାଜିଲ, ଭାରତ ଓ ଦକ୍ଷିଣ ଆଫ୍ରିକାରେ କରୋନା ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିଥିବାରୁ ଗୋଟିଏ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ରେକର୍ଡ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପୃଥିବୀରେ ୨ ଲକ୍ଷ ୬୦ ହଜାର ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଆମେରିକାରେ ୭୧ ହଜାର ୪୮୪ ଜଣ, ବ୍ରାଜିଲ୍‌ରେ ୪୫ ହଜାର ୪୦୩ ଏବଂ ଭାରତରେ ୩୮ ହଜାର ୯୦୨ ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଏହି ସମୟ ମଧ୍ୟରେ ପୃଥିବୀରେ ୭,୩୬୦ ଜଣଙ୍କ ମୃତ୍ୟୁ କରୋନା ସଂକ୍ରମଣ ଯୋଗୁ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ରବିବାର ସୁଦ୍ଧା ପୃଥିବୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ କୋଟି ୪୪ ଲକ୍ଷ ୨୬ ହଜାର ୧୫୦ରେ ପହଞ୍ଚିଛି। ସେହିପରି ମୃତକଙ୍କ ସଂଖ୍ୟା ୬,୦୪,୯୧୭ ଛୁଇଁଛି। ୮୬ ଲକ୍ଷ ୧୨ ହଜାର ୩୩୩ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ୫୨ ଲକ୍ଷ ୮ ହଜାର ୯୦୦ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।

# ଭିତରକନିକାକୁ ବିପଦ ଜଳଯୋଗାଣ ପ୍ରକଳ୍ପ

**ଯାଜପୁର ଅଫିସ,୧୯।୭**

ଯାଜପୁର ଓ କେନ୍ଦ୍ରାପଡା ଜିଲା ଦେଇ ପ୍ରବାହିତ ଖରସ୍ରୋତା ନଦୀ ପାଣିରେ ଭଦ୍ରକ ଜିଲାର ୯୧ଟି ଲବଣାକ୍ତ ପ୍ରଭାବିତ ପଞ୍ଚାୟତବାସୀଙ୍କ ପାଇଁ ଏକ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ପ୍ରସ୍ତାବ ରହିଛି। ୮୯୨ କୋଟି ଟଙ୍କାର ଏହି ପ୍ରକଳ୍ପରେ ଚାନ୍ଦବାଲି, ବାସୁଦେବପୁର, ତିହିଡି ଓ ଧାମନଗର ବ୍ଲକବାସୀ ଉପକୃତ ହୋଇପାରିବେ। କେନ୍ଦ୍ରାପଡ଼ା ଜିଲାର ଆଳି ଓ ରାଜକନିକା ମଧ୍ୟବର୍ତ୍ତୀ ବରୁଣଡିହସ୍ଥିତ ଖରସ୍ରୋତା ନଦୀରୁ ଏହି ପ୍ରକଳ୍ପ ପାଇଁ ଜଳଉଠାଣ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ଭିତରକନିକା ଜାତୀୟ ଉଦ୍ୟାନ ପାଇଁ ବିପଦ ସାଜିବା ସହ ସ୍ଥାନୀୟ ଅଞ୍ଚଳ ପ୍ରଭାବିତ ହେବ ବୋଲି ଦର୍ଶାଯାଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଅଭିଯୋଗ ହୋଇଛି। ତଦନୁଯାୟୀ ୨୩/୨୦୨୦/ଇଜେଡ୍ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଭଦ୍ରକ ଜିଲା ନିକଟସ୍ଥ ବୈତରଣୀ, ସାଳନ୍ଦୀ, ମନ୍ତେଇ ଓ କାଂସବାଂଶ ନଦୀଗୁଡ଼ିକୁ ବାଦ୍ ଦିଆଯାଇ କ୍ଷୁଦ୍ର ଖରସ୍ରୋତା ନଦୀର ପାଣି ଅନ୍ୟତ୍ର ପଠାଯିବାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଅନ୍ୟପକ୍ଷେ ଗତ ୧୬ ତାରିଖରେ ଚଣ୍ଡିଖୋଲ ଜଳସମ୍ପଦ ସର୍କଲ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଖରସ୍ରୋତା ନଦୀରୁ ଉକ୍ତ ପ୍ରକଳ୍ପ ପାଇଁ ପାଣି ଉଠାଗଲେ କୌଣସି ପ୍ରକାର ସମସ୍ୟା ଦେଖାଦେବ ନାହିଁ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଯୁକ୍ତି ବାଢ଼ିଛନ୍ତି।


ଖରସ୍ରୋତା ନଦୀ

ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ବାସିନ୍ଦା ସଞ୍ଜୟ କୁମାର ବେହୁରା ଏନ୍‌ଜିଟିରେ ଉପରୋକ୍ତ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ଖରସ୍ରୋତାର ତଳମୁଣ୍ଡରେ ଜଳସ୍ରୋତ ହ୍ରାସ ପାଇବ, ଯାହାକି ସମଗ୍ର ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତାକୁ ପ୍ରଭାବିତ କରିବ। କାରଣ ଖରସ୍ରୋତା ଏହି ଜାତୀୟ ଉଦ୍ୟାନ ପାର୍ଶ୍ୱ ଦେଇ ସମୁଦ୍ରରେ ମିଶିଛି। ଏହି ନଦୀର ମଧୁର ଜଳ ଉପରେ ଜାତୀୟ ଉଦ୍ୟାନ ନିର୍ଭର କରେ। ତେଣୁ ଖରସ୍ରୋତାରେ ଜଳ ହ୍ରାସପାଇଲେ ଭିତରକନିକା ପାଣିର ଲବଣାଂଶ ବୃଦ୍ଧି ପାଇ ଜୈବ ବିବିଧତାକୁ ବିପଦରେ ପକାଇବ। ଏହସହିତ ସମ୍ପୃକ୍ତ ଅଞ୍ଚଳକୁ ଲୁଣିପାଣି ମାଡ଼ିଯିବା ଯୋଗୁ ପାନୀୟ ଓ କୃଷି ପାଇଁ ଲୋକେ ଜଳାଭାବର ସମ୍ମୁଖୀନ ହେବେ ବୋଲି ବେହୁରା ଦର୍ଶାଇଛନ୍ତି। ଏ ନେଇ ଗତ ମେ ୧୪ ତାରିଖ ଶୁଣାଣିରେ ଏନ୍‌ଜିଟିର ଜୁଡିସିଆଲ ମେମ୍ବର ଜଷ୍ଟିସ ଏସ୍.ପି. ୱାଙ୍ଗଡି ଓ ଏକ୍ସପର୍ଟ ମେମ୍ବର ସିଦ୍ଧାନ୍ତ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରି ଓ ଜଙ୍ଗଲ(ବନ୍ୟଜନ୍ତୁ ସମ୍ପଦ) ବିଭାଗ ଚିଫ କଞ୍ଜର୍‌ଭେଟରଙ୍କୁ ଏକ ସବିଶେଷ ତଥ୍ୟଭିତ୍ତିକ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

- ଭଦ୍ରକ ଜିଲାକୁ ଯିବ ଖରସ୍ରୋତା ନଦୀପାଣି
- ଏନ୍‌ଜିଟିରେ ମାମଲା, ପ୍ରଭାବିତ ହେବେ ତଳିଅଞ୍ଚଳବାସୀ

ଆସନ୍ତା ଅଗଷ୍ଟ ୫ରେ ଏନ୍‌ଜିଟିରେ ପରବର୍ତ୍ତୀ ଶୁଣାଣି ହେବ। ଏନେଇ ଚଣ୍ଡିଖୋଲ ଜଳସମ୍ପଦ ସର୍କଲ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସୁପରିଣ୍ଟେଣ୍ଡେଣ୍ଟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍) କଟକ ସର୍କଲ ଅଧୀକ୍ଷଣ ଯନ୍ତ୍ରୀ, ଜଳସମ୍ପଦ ବିଭାଗ ଚଣ୍ଡିଖୋଲ ସର୍କଲ ଅଧୀକ୍ଷଣ ଯନ୍ତ୍ରୀ, ଆରଡବ୍ଲ୍ୟୁଏସ୍ଏସ୍ ଭଦ୍ରକ, କେନ୍ଦ୍ରାପଡା ଓ ଯାଜପୁର ଡିଭିଜନ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବୈତରଣୀ, ସାଳନ୍ଦୀ, କାଂସବାଂଶ ଓ ମନ୍ତେଇ ନଦୀର ଜଳସ୍ରୋତ ଉପରେ ଆଲୋଚନା ହୋଇଥିଲା। ବୈତରଣୀ ନଦୀଜଳ ଏହି ପ୍ରକଳ୍ପର ଆବଶ୍ୟକତାକୁ ପୂରଣ କରିପାରିବ ନାହିଁ ବୋଲି ଜଳସମ୍ପଦ ବିଭାଗର ଜଳ ଆବଣ୍ଟିତ କମିଟି ପକ୍ଷରୁ ହୋଇଥିବା ପୂର୍ବ ୩ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାବାଦ୍ ସାଳନ୍ଦୀ ଓ କାଂସବାଂଶ ନଦୀର ଜଳ ଦୀର୍ଘସ୍ଥାୟୀ ନୁହେଁ। ସେହିପରି ମନ୍ତେଇ ନଦୀ ଜଳ ଲବଣାକ୍ତ ଏବଂ ପ୍ରସ୍ତାବିତ ପ୍ରକଳ୍ପଠାରୁ ୩୦ କିମି ଦୂରରେ ରହିଥିବାରୁ ତାହା ପ୍ରଯୁଜ୍ୟ ନୁହେଁ। ତେଣୁ ଖରସ୍ରୋତା ନଦୀରେ ପ୍ରକଳ୍ପ ପାଇଁ ନିଷ୍ପତ୍ତି ନିଆଯାଇଛି। ହେଲେ ଭିତରକନିକା ଜାତୀୟ ଉଦ୍ୟାନ ପ୍ରସ୍ତାବିତ ପ୍ରକଳ୍ପଠାରୁ ୩୨ କିମି ଦୂରରେ ଥିବାରୁ ତାହା ପ୍ରଭାବିତ ହେବ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା।

ବିଭାଗୀୟ ସୂଚନାନୁଯାୟୀ, ଖରସ୍ରୋତା ଯୋକଡିଆ ବ୍ୟାରେଜରେ ସେକେଣ୍ଡ ପ୍ରତି ୭୧ କ୍ୟୁବିକ ମିଟର ପାଣି ପ୍ରବାହିତ ହେଉଛି। ତଦନୁସାରେ ସେକେଣ୍ଡ ପ୍ରତି ୩୫ କ୍ୟୁବିକ ମିଟର ପାଣି ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ବରୁଣଡିହ ଇନଟେକ୍ ୱେଲ୍ ନିକଟରେ ରହିଛି। ଏହି ମେଗା ପ୍ରକଳ୍ପ ପାଇଁ ସେକେଣ୍ଡ ପ୍ରତି ମାତ୍ର ୧.୬୪ କ୍ୟୁବିକ ମିଟର ପାଣିର ଆବଶ୍ୟକତା ହେଉଛି। ତେଣୁ ଉପଲବ୍ଧ ପାଣିର ଏହା ମାତ୍ର ୦.୪୫%। ତେଣୁ ଜଳସମ୍ପଦ ବିଭାଗ ଖରସ୍ରୋତାରେ ଏହି ପ୍ରକଳ୍ପ ପାଇଁ ଅନୁମତି(ପତ୍ରସଂଖ୍ୟା ୨୪୧୨/୧୨।୯।୨୦୧୯) ଦେଇସାରିଛି ବୋଲି ଆରଡବ୍ଲ୍ୟୁଏସ୍ଏସ୍ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ କଟକ ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ଚଣ୍ଡିଖୋଲ ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏନଜିଟିର ନିର୍ଦ୍ଦେଶ ଅନୁସାରେ ନିର୍ଦ୍ଧାରିତ ସମୟରେ ଆବଶ୍ୟକ ତଦନ୍ତ ରିପୋର୍ଟ ଦାଖଲ କରାଯିବ। ଏଯାଏ ମେଗା ପ୍ରକଳ୍ପ ପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ।

## ସଂକ୍ଷେପରେ

### ହଳଦିଆ ରଙ୍ଗର ବିରଳ କଇଁଛ ଉଦ୍ଧାର



**ସୋର,୧୯।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସାଜନପୁର ଗ୍ରାମର ବାସୁଦେବ ମହାପାତ୍ର ନାମକ ଜଣେ ଚାଷୀଙ୍କ ଜମିରୁ ଏକ ହଳଦିଆ ରଙ୍ଗର ବିରଳ କଇଁଛ ଉଦ୍ଧାର କରାଯାଇଛି। ରବିବାର ସକାଳେ ସେ ଜମିରେ କାମ କରୁଥିବା ବେଳେ ଏପରି କଇଁଛକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ତାକୁ ଉଦ୍ଧାର କରି ଆଣି ନିଜ ଘରେ ରଖିଛନ୍ତି। ସାଧାରଣତଃ କଇଁଛ ଦେଖିବାକୁ ମାଟିଆ ରଙ୍ଗର ହୋଇଥିବା ବେଳେ ଏହା ସମ୍ପୂର୍ଣ୍ଣ ହଳଦିଆ ରଙ୍ଗର ବୋଲି ଜଣାପଡ଼ିଛି। ଏହାକୁ ଦେଖିବା ପାଇଁ ଆଖପାଖ ଲୋକେ ଭିଡ଼ ଜମାଇଥିଲେ।

### ୮୮ଲକ୍ଷ ଟଙ୍କା ହଡ଼ପ
#### ଏନ୍‌ଜିଓର ନିର୍ଦ୍ଦେଶକ, କୋଷାଧକ୍ଷ ଗିରଫ

**ଢେଙ୍କାନାଳ ଅଫିସ, ୧୯।୭:** ଚକ୍ରାନ୍ତ କରି ୮୮ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ଢେଙ୍କାନାଳ ଜିଲା ସଦର ଥାନା ମୂଳିସିଂହସ୍ଥିତ ସ୍ୱେଚ୍ଛାସେବୀ ସଂସ୍ଥା 'ଜନଜାଗରଣ କେନ୍ଦ୍ର'ର ନିର୍ଦ୍ଦେଶକ ରତିକାନ୍ତ ନାୟକ ଏବଂ କୋରିଆଁ ଅଞ୍ଚଳର କୋଷାଧକ୍ଷ ଉପେନ୍ଦ୍ର ନାୟକଙ୍କୁ ରବିବାର ଟାଉନ ଥାନା ପୋଲିସ ଗିରଫ କରିଛି। ଅଭିଯୋଗରୁ ଜଣାପଡିଛି, ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ମୂଳିସିଂହସ୍ଥିତ ଉକ୍ତ ସ୍ୱେଚ୍ଛାସେବୀ ସଂସ୍ଥାର ଘର ଏବଂ ଜମି ଅଧିଗ୍ରହଣ ହୋଇଥିଲା। ଏଥିଲାଗି ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ପକ୍ଷରୁ ଢେଙ୍କାନାଳ ସହରରେ ଥିବା ସଂସ୍ଥାର ଏକ ବ୍ୟାଙ୍କ ଆକାଉଣ୍ଟକୁ ୮୮ଲକ୍ଷ ୧୬ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ସଂସ୍ଥାର ନିର୍ଦ୍ଦେଶକ ଏବଂ କୋଷାଧକ୍ଷ ଏହାକୁ ହଡ଼ପ କରି ନେଇଥିବା ପୂର୍ବତନ କୋଷାଧକ୍ଷ ନିଗମାନନ୍ଦ ନନ୍ଦ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ସୂଚନା ଦେଇଛନ୍ତି।

### ୧୨ହଜାର ଟପିଲା ଆରୋଗ୍ୟ ସଂଖ୍ୟା

**ଭୁବନେଶ୍ୱର, ୧୯।୭(ବ୍ୟୁରୋ):** ରାଜ୍ୟରେ କରୋନା ଆରୋଗ୍ୟଙ୍କ ସଂଖ୍ୟା ୧୨ହଜାର ଟପିଛି। ରବିବାର ୫୧୫ଜଣ ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଗଞ୍ଜାମରୁ ସର୍ବାଧିକ ୧୯୯ ଜଣ ଥିବାବେଳେ ଖୋର୍ଦ୍ଧା ୮୦, ଯାଜପୁର ୪୦, ସୁନ୍ଦରଗଡ଼ ୩୭, କଟକ ୨୮, କେନ୍ଦୁଝର ୨୦, ଜଗତ୍‌ସିଂହପୁର ୧୮, ବାଲେଶ୍ୱର ୧୫, ଝାରସୁଗୁଡ଼ା ଓ ବରଗଡ଼ରୁ ୧୩ଜଣ ଲେଖାଏ ଅଛନ୍ତି। ସେହିପରି ମୟୂରଭଞ୍ଜ ଓ ରାୟଗଡ଼ାରୁ ୯ଜଣ ଲେଖାଏ, ବଲାଙ୍ଗୀର ୮, ଭଦ୍ରକ ୭, ଗଜପତି ଓ ପୁରୀରୁ ୬ଜଣ ଲେଖାଏ, କୋରାପୁଟ ୫, ଅନୁଗୋଳ ଓ କେନ୍ଦ୍ରାପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୧୨,୪୫୨କୁ ବୃଦ୍ଧି ପାଇଛି।

# ଶତକମୁହାଁ କରୋନା ମୃତ୍ୟୁ

- ଆଉ ୭୩୬ ପଜିଟିଭ୍ ଚିହ୍ନଟ, ୫ ମୃତ
- ଦୁଇମାସରେ ୧୭ଗୁଣ ବଢ଼ିଗଲା ସଂକ୍ରମଣ

**୧୭ ହଜାର ଟପିଲା** ଆକ୍ରାନ୍ତଙ୍କ ସଂଖ୍ୟା

**୧୪ ଜିଲାରୁ ମଲେଣି** ୯୧ ଆକ୍ରାନ୍ତ

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ଲକ୍‌ଡାଉନ୍ ଯୋଗୁ ମେ' ପର୍ଯ୍ୟନ୍ତ ରାଜ୍ୟରେ କରୋନା ସ୍ଥିତି ଏକପ୍ରକାର ନିୟନ୍ତ୍ରଣରେ ଥିଲା। ହେଲେ ଜୁନ୍‌ରେ ଅନ୍‌ଲକ୍-୧.୦ ଲାଗୁ ହେବାଠାରୁ ସଂକ୍ରମଣ ଅନିୟନ୍ତ୍ରିତ ଭାବେ ବଢ଼ିବା ଆରମ୍ଭ କଲା। ଏବେ ଏହି ମହାମାରୀ ଭୟଙ୍କର ହେବାରେ ଲାଗିଛି। ଓଡ଼ିଶାର ସବୁ ଜିଲାରେ କରୋନା ତା'ର କାୟା ବିସ୍ତାର କରିଚାଲିଥିବାବେଳେ ୧୪ ଜିଲାରୁ ମୁଣ୍ଡ ନେଇଛି। ମାତ୍ର ୨ ମାସରେ ଆକ୍ରାନ୍ତ ସଂଖ୍ୟା ୧୭ଗୁଣ ଓ ମୃତ୍ୟୁ ୧୫ ଗୁଣ ବଢ଼ିଯାଇଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୭୩୬ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ପୁଣି ୫ ଜୀବନ ଯାଇଛି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୭,୪୩୭ ଛୁଇଁଥିବାବେଳେ କରୋନା ମୃତ୍ୟୁ ଶତକ ମୁହାଁ ହୋଇ ୯୧ରେ ପହଞ୍ଚିଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତଥ୍ୟ ଅନୁସାରେ, ମେ ୨୦ରେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ମାତ୍ର ୧,୦୫୨ ଥିଲା ଓ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ମାତ୍ର ଦୁଇମାସରେ କରୋନାର ଏପରି ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବଡ଼ ବିପଦର ଆଶଙ୍କା କରୁଛନ୍ତି। ରାଜ୍ୟ ସରକାରଙ୍କ କୋଭିଡ୍-୧୯ ବୈଷୟିକ ପରାମର୍ଶଦାତା ଡା. ଜୟନ୍ତ ପଣ୍ଡା କହିଛନ୍ତି, ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଚଳିତମାସ ଶେଷସୁଦ୍ଧା ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୫ରୁ ୩୦ହଜାର ପହଞ୍ଚିପାରେ। ସେହିପରି କରୋନାଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ଆହୁରି ୫୦ ବଢ଼ିପାରେ। ତେବେ ଏକ୍ଷେତ୍ରରେ ଗଞ୍ଜାମର ସ୍ଥିତି ବିପଜ୍ଜନକ। ଏହି ଜିଲାରେ କରୋନାରେ ୫୪ଜଣ ପ୍ରାଣ ହରାଇଲେଣି। ଏବେ ମୃତ ୫ଜଣଙ୍କ ମଧ୍ୟରୁ ଗଞ୍ଜାମର ୩ଜଣ ରହିଛନ୍ତି। ଅନ୍ୟ ଦୁଇଜଣ ସୁନ୍ଦରଗଡ଼ ଓ ଜଗତ୍‌ସିଂହପୁରର। ଜଗତ୍‌ସିଂହପୁରର ଏହା ହେଉଛି ପ୍ରଥମ କରୋନା ମୃତ୍ୟୁ। ସେହିପରି ଦ୍ୱିତୀୟ ସ୍ଥାନରେ ରହିଥିବା ଖୋର୍ଦ୍ଧା ଜିଲାରେ କରୋନା ୧୩ଜଣଙ୍କ ମୁଣ୍ଡ ନେଇଛି। ସେହିପରି କଟକରେ ୮, ଗଜପତି ୩, ସୁନ୍ଦରଗଡ଼ ୨, ପୁରୀ ୨, ଅନୁଗୋଳ ୨ ଏବଂ ରାୟଗଡ଼ା, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ ଓ ବରଗଡ଼ ଜିଲାରେ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେପଟେ ଆଉ ୨ଜଣ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ହୋଇଛି। ଉଭୟ ଭୁବନେଶ୍ୱରର ହୋଇଥିବାବେଳେ ବୟସ ଯଥାକ୍ରମେ ୮୩ ଓ ୫୩ବର୍ଷ। ଏହି ଦୁଇଜଣଙ୍କୁ ମିଶାଇ ରାଜ୍ୟରେ ମୋଟ ୨୮ଜଣ କରୋନା ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ମୃତ୍ୟୁ ହୋଇସାରିଲାଣି।

ଅନ୍ୟପକ୍ଷରେ ୨୫ଜିଲାରୁ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଗଞ୍ଜାମର ସର୍ବାଧିକ ୨୪୭ଜଣ ରହିଛନ୍ତି। ଖୋର୍ଦ୍ଧାରୁ ୧୦୭, କୋରାପୁଟରୁ ୪୫, ଜଗତ୍‌ସିଂହପୁର ଓ ଯାଜପୁରରୁ ୪୦ଜଣ ଲେଖାଏ, ଗଜପତି ୩୯, ବାଲେଶ୍ୱର ୩୩, କଟକ ୨୭, ସମ୍ବଲପୁର ୨୫, ଅନୁଗୋଳ ୨୨, ମାଲକାନଗିରି ୧୮, ସୁନ୍ଦରଗଡ଼ ୧୭, ପୁରୀ ୧୪, ମୟୂରଭଞ୍ଜ ୧୨, ନୟାଗଡ଼ ୧୦, ରାୟଗଡ଼ା ଓ ବୌଦ୍ଧରୁ ୮ ଲେଖାଏ, କେନ୍ଦ୍ରାପଡ଼ା ୭, ଭଦ୍ରକ ୫, ବଲାଙ୍ଗୀର ୪, ବରଗଡ଼ ୩, କଳାହାଣ୍ଡି ୨ ଏବଂ ଢେଙ୍କାନାଳ, କେନ୍ଦୁଝର ଓ ନବରଙ୍ଗପୁରରୁ ଜଣେ ଲେଖାଏ ରହିଛନ୍ତି। ୪୮୧ଜଣ କ୍ୱାରାଣ୍ଟାଇନରେ ଥିଲେ ଓ ୨୫୫ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

# ୪୮ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଜିଲାରେ ଆସନ୍ତା ୪୮ଘଣ୍ଟା ପ୍ରବଳ ବର୍ଷା ହେବ। ସୋମବାର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି। ମାତ୍ର ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କନ୍ଧମାଳରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏଥିଯୋଗୁ ଏସବୁ ଜିଲାରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ସୋମବାର ବଲାଙ୍ଗୀର, ନୂଆପଡ଼ା, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ନୟାଗଡ଼ ଓ କଟକରେ ବର୍ଷା, ଝଡ଼ତୋଫାନ ସହିତ ବଜ୍ରପାତ ହେବ। ଏ ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ସହ ୟେଲୋ ୱାର୍ନିଂ ଜାରି କରିଛି। ମଙ୍ଗଳବାର ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବ। କିନ୍ତୁ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାର ଥିବାରୁ ଏହି ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଆସନ୍ତା ୨୩ ତାରିଖରେ ମୟୂରଭଞ୍ଜ, ଢେଙ୍କାନାଳ, ଦେବଗଡ଼, କେନ୍ଦୁଝର, ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ହେବ।



ଏସବୁ ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ରବିବାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। କଟକରେ ୧୯ ମିମି, ବାରିପଦାରେ ୧୮ ମିମି, ବାଲେଶ୍ୱରରେ ୧୭ ମିମି, ଅନୁଗୋଳରେ ୧୬ ମିମି, ତାଳଚେରରେ ୧୦ ମିମି ଏବଂ କେନ୍ଦୁଝରରେ ୯ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।




# ସରକାରୀ ଅଫିସକୁ ମନା, ଏଥର ଇ-ଅଭିଯୋଗ ବ୍ୟବସ୍ଥା

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**

କରୋନା ଫଳରେ ସବୁକିଛି ଏପଟ ସେପଟ ହୋଇସାରିଛି। ବର୍ତ୍ତମାନ ସମୟରେ ସରକାରୀ କାର୍ଯ୍ୟାଳୟଗୁଡିକରେ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ଉପସ୍ଥିତି ମଧ୍ୟ ରହୁନାହିଁ। ଅଧାରୁ କମ୍ କର୍ମଚାରୀଙ୍କୁ ନେଇ ଅଫିସ କାମ ଚାଲୁଛି। ଏଭଳି ସ୍ଥିତିରେ ଗତ ମାର୍ଚ୍ଚ ୨୩ରୁ ଲକ୍‌ଡାଉନ ହେବାପର ଠାରୁ ସରକାରୀ କାର୍ଯ୍ୟାଳୟଗୁଡିକୁ ଯେପରି ଆସି ପ୍ରତ୍ୟେକ ସୋମବାର ଲୋକମାନେ ନିଜ ସମସ୍ୟା ସହିତ ବିଭିନ୍ନ ଅଭିଯୋଗ ଉପରେ ମତ ରଖିପାରୁଥିଲେ ସେସବୁ ବର୍ତ୍ତମାନ ସମୟରେ ବନ୍ଦ ହୋଇଯାଇଛି। ଏହାର ସମାଧାନ ସକାଶେ ଏବଂ ସାଧାରଣ ଲୋକମାନଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେବା ଲାଗି ସରକାର ଡିଜିଟାଲ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଇ-ଅଭିଯୋଗ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ହୋଇଛି। ଲୋକଙ୍କ ଯାତାୟତ ଉପରେ ନିୟନ୍ତ୍ରଣ ଏବଂ ସାମାଜିକ ଦୂରତାର ଦୃଢ଼ କାର୍ଯ୍ୟାନ୍ୱୟନ ପରିପ୍ରେକ୍ଷୀରେ ଇ-ଅଭିଯୋଗ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବର୍ତ୍ତମାନ ସମୟରେ ଅଧିକ ଲୋକାଭିମୁଖୀ କରି ଲୋକଙ୍କ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ ଲାଗି ସେ କହିଛନ୍ତି। ଇ-ଅଭିଯୋଗ ବ୍ୟବସ୍ଥା ଏକ ଅନ୍‌ଲାଇନ୍ ପ୍ଲାଟଫର୍ମ ଏବଂ ଏହାସବୁ ବିଭାଗ ସହ ସଂଯୁକ୍ତ। ଏହି ବ୍ୟବସ୍ଥା ମାଧ୍ୟମରେ ଅଭିଯୋଗକାରୀ ସିଧାସଳଖ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଜିଲାପାଳ, ରାଜସ୍ୱ କମିଶନରଙ୍କୁ ଅଭିଯୋଗ ଦାଖଲ କରିପାରିବେ। ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ ବାକ୍ସ ରଖାଯିବ। ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ସମ୍ପର୍କିତ ଚିଠି ଉକ୍ତ ବାକ୍ସରେ ପକାଇବେ। ସେହିଭଳି ଅଫିସ ଗେଟ୍‌ରେ ଟେଲିଫୋନ ନମ୍ବର ଲଗାଯିବ, ସେମାନେ ସେଥିରେ କଥା ହୋଇପାରିବେ। ଜିଲାସ୍ତରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ କୋଭିଡ୍ ସମ୍ପର୍କିତ ଅଭିଯୋଗ ସେଲ୍ ଗଠନ କରିବେ। ଉପଜିଲାପାଳ, ଇନ୍‌ଫରମେଟିକ୍ସ ଅଧିକାରୀ ଏବଂ ସି.ଏମ୍.ଡି.ଆଇ. ଷ୍ଟାଫ୍ ଏହି ସେଲ୍ ମାମଧରେ ଆସିଥିବା ଅନ୍‌ଲାଇନ ଓ ଅଫ୍‌ଲାଇନ ଅଭିଯୋଗର ଆଶୁ କାର୍ଯ୍ୟାନୁଷ୍ଠାନ ନେବେ। ଜିଲାପାଳଙ୍କ ଅଧୀନସ୍ଥ ସବୁ କାର୍ଯ୍ୟାଳୟରେ ସମାନ ବ୍ୟବସ୍ଥା ଗ୍ରହଣ କରାଯିବ। ଏଥିଲାଗି ଜିଲାପାଳମାନେ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରିବେ। ଜିଲାସ୍ତରୀୟ ଅଭିଯୋଗ ସେଲ୍ ପ୍ରତ୍ୟେକ ଦିନ ଅଭିଯୋଗଗୁଡିକ ତନଖିକରି ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରତି ସୋମବାର ଜିଲାପାଳମାନେ ଏହି କାର୍ଯ୍ୟ ସମ୍ପର୍କିତ ସମୀକ୍ଷା କରିବେ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ଅଭିଯୋଗ ମନିଟରିଂ ସେଲ୍ କାର୍ଯ୍ୟ କରିବ। ପ୍ରତି ୧୫ଦିନରେ ସମସ୍ତ ଅଭିଯୋଗ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା ହେବ ବୋଲି ଜଣାପଡିଛି।

- ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅଭିଯୋଗ ମନିଟରିଂ ସେଲ୍
- ଜିଲାପାଳଙ୍କ ଅଧକ୍ଷତାରେ ଚାଲିବ ମନିଟରିଂ ସେଲ
- ଜିଲାର ୩ ଅଧିକାରୀ ଆଶୁ ସମାଧାନ କରିବେ
- ସପ୍ତାହକୁ ଥରେ ହେବ ସମୀକ୍ଷା
- ୧୫ଦିନରେ ଥରେ ରାଜ୍ୟସ୍ତରୀୟ ସମୀକ୍ଷା

**ଆଜିର ମନ୍ତବ୍ୟ**

ମନ୍ଦିର ନିର୍ମାଣ କରିଦେଲେ କରୋନା ମହାମାରୀ ଦୂର ହୋଇଯିବ ବୋଲି କିଛି ଲୋକ ଭାବୁଛନ୍ତି।
-ଶରଦ ପାୱାର, ଏନ୍‌ସିପି ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ସଂହତି
ପରିବାରବର୍ଗ


ଧର୍ମେନ୍ଦ୍ର
ପରିବାରବର୍ଗ


ଲରେନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପୁରୀ ବେଳାଭୂମିରେ ରବିବାର ମତ୍ସ୍ୟଜୀବୀମାନେ ଜାଲ ମରାମତି କରୁଛନ୍ତି।

# ସାଢ଼େ ୩ କୋଟିର ବ୍ରାଉନ୍‌ସୁଗାର ଜବତ

**ଭୁବନେଶ୍ୱର,୧୯।୭ (ବ୍ୟୁରୋ)**

କରୋନା ସମୟରେ ବି ମାତିଛନ୍ତି ନିଶା ମାଫିଆ। ବାଂଲାଦେଶରୁ ଓଡ଼ିଶାକୁ କୋଟିକୋଟି ଟଙ୍କାର ବ୍ରାଉନସୁଗାର ଚୋରାଚାଲାଣ କରୁଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ମୟୂରଭଞ୍ଜ ଜିଲା କୁଳିଅଣାସ୍ଥିତ ଜାତୀୟରାଜପଥ ପାର୍ଶ୍ୱରୁ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଛି। ତାଙ୍କ ନିକଟରୁ ଏସ୍‌ଟିଏଫ୍ ୩ କେଜି ୨୮୫ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏହାର ବଜାର ମୂଲ୍ୟ ସାଢେ ୩ କୋଟିରୁ ଊର୍ଦ୍ଧ୍ୱ ହେବ। ଗିରଫ ଅଭିଯୁକ୍ତ ହେଲେ ବାରିପଦା ଟାଉନ ଥାନା ଅଞ୍ଚଳର ସେକ୍ ଆଶିକ୍। ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଚଢାଉ ସମୟରେ ଅନ୍ୟଜଣେ ବେପାରୀ ଖସି ଯାଇଛନ୍ତି। ତାଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ଟିମ୍ ଚଢାଉ ଚଳାଇଛି। ଏଥିସହ ଗିରଫ ଆଶିକ୍‌ଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ରବିବାର ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଡିଜି କହିଲେ, ବାଂଲାଦେଶରୁ ଭାୟା କୋଲକାତା ଦେଇ ଏହି ବ୍ରାଉନସୁଗାର ମୟୂରଭଞ୍ଜ ଜିଲାକୁ ଆସିଥିଲା। ସେଠାରୁ ଏହାକୁ ବାଲେଶ୍ୱରର ଜଣେ ବେପାରୀ ନେବା ପାଇଁ ଡିଲ୍ ହୋଇଥିଲା। ତେଣୁ ଆଶିକ୍ ଓ ଅନ୍ୟଜଣେ ସହଯୋଗୀ ୩କେଜି ୨୮୫ ଗ୍ରାମ୍‌ର ବ୍ରାଉନସୁଗାର ଧରି ସକାଳ ପ୍ରାୟ ୧୦ଟାରେ କୁଳିଅଣାସ୍ଥିତ ଏନ୍‌ଏଚ୍-୧୬ ପାର୍ଶ୍ୱରେ ଥିବା ଏକ ଢାବା ନିକଟରେ ଅପେକ୍ଷା କରିଥିଲେ। ଏ ସମ୍ପର୍କରେ ପୂର୍ବରୁ ସୁରାକ ପାଇ ସେଠାରେ ଛକି ରହିଥିବା ଏସ୍‌ଟିଏଫ୍ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଏହି ସମୟରେ ବାଇକ୍ ଚଲାଉଥିବା ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ପଛରେ ବସିଥିବା ସେକ୍ ଆଶିକ୍ ଧରାପଡିଯାଇଥିଲେ। ତାଙ୍କୁ ପଚରାଉରା ପରେ ର୍‍ୟାକେଟ୍ ସମ୍ପର୍କରେ ଏସ୍‌ଟିଏଫ୍‌କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଉକ୍ତ ବ୍ରାଉନସୁଗାର ବାଲେଶ୍ୱରଦେଇ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଆଦି ଜିଲାକୁ ଯାଇଥାନ୍ତା। ବାଲେଶ୍ୱରର ସମ୍ପୃକ୍ତ ଡିଲର ଓ ଅନ୍ୟ ବେପାରିଙ୍କୁ ଧରିବାକୁ ଏସ୍‌ଟିଏଫ୍ ଉଦ୍ୟମ ଚଳାଇଛି। ଏଥିସହ ଲକ୍‌ଡାଉନ୍‌ରେ କୋଭିଡ୍ ପାଇଁ ରାଜ୍ୟ ପୋଲିସ ଆଇନ ଶୃଙ୍ଖଳା ଆଦି କାର୍ଯ୍ୟରେ ବ୍ୟସ୍ତ ରହୁଛି। ଏହାକୁ ନିଶା ମାଫିଆମାନେ ସୁଯୋଗ ବୋଲି ଭାବିବା ମୂର୍ଖାମିର ପରିଚୟ। ଏସ୍‌ଟିଏଫ୍ କିନ୍ତୁ କଡ଼ା ନଜର ରଖିଛି। ଆମେ ସେମାନଙ୍କୁ ନିଶ୍ଚିତ ଧରିବୁ ବୋଲି ଏଡିଜି ପ୍ରିୟଦର୍ଶୀ ଚ୍ୟାଲେଞ୍ଜ ଦେଇଛନ୍ତି।

**ମୟୂରଭଞ୍ଜରୁ ର୍‍ୟାକେଟ୍ ଠାବକଲା କ୍ରାଇମବ୍ରାଞ୍ଚ**

- ଜଣେ ବେପାରୀ ଗିରଫ, ଅନ୍ୟଜଣେ ଖସିଗଲେ
- ବାଂଲାଦେଶରୁ ଆସିଥିଲା ଜବତ ୩ କେଜି ୨୮୫ ଗ୍ରାମ୍ ବ୍ରାଉନସୁଗାର
- ବାଲେଶ୍ୱରରୁ ରାଜ୍ୟର ଅନ୍ୟ ଜିଲାକୁ ଚାଲାଣ ହୋଇଥାନ୍ତା

### ପଦାକୁ ଆସିଲା ଓଡ଼ିଶା ପୋଲିସର ବିଫଳତା

ଓଡ଼ିଶାକୁ ଦୀର୍ଘବର୍ଷ ହେବ ବାଂଲାଦେଶରୁ ବ୍ରାଉନସୁଗାର ଓ ଅନ୍ୟ ନିଶାଦ୍ରବ୍ୟ ରାଜ୍ୟକୁ ଚାଲାଣ ହେଉଥିବାବେଳେ ବଡ଼ବଡ଼ ଗ୍ୟାଙ୍ଗଷ୍ଟର ଓ ନିଶା ମାଫିଆମାନେ ସମ୍ପୃକ୍ତ ରହିଛନ୍ତି। ହେଲେ ର୍‍ୟାକେଟ ଠାବ କରିବାରେ ପୋଲିସ ବିଫଳ ହୋଇଛି। ୨୦୧୩ରୁ ୨୦୧୯ ମଧ୍ୟରେ ଓଡ଼ିଶା ପୋଲିସ ମାତ୍ର ୭ କେଜି ୨୩୬ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ହେଲେ ଏସ୍‌ଟିଏଫ୍ କେବଳ ୨୦୨୦ର ଏହି ସାଢ଼େ ୬ ମାସରେ ୧୫ କେଜି ୬୪୮ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨୦ ମାମଲା ରୁଜୁ କରି ୪୦ଜଣ ବେପାରିଙ୍କୁ ଗିରଫ କରିଛି। ଗତ ମାର୍ଚ୍ଚ ୧୧ରେ ୧କେଜି ୭୪୯ ଗ୍ରାମ, ମାର୍ଚ୍ଚ ୧୯ରେ ୨କେଜି ୭୨୯ ଗ୍ରାମ, ଜୁନ୍ ୨ରେ ୧କେଜି ୮ ଗ୍ରାମ, ଜୁନ ୧୯ରେ ୪ କେଜି ୪୫୮ ଗ୍ରାମ ଏବଂ ଜୁଲାଇ ୧୯ରେ ୩କେଜି ୨୮୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ତେବେ ଏହି କାରବାରରେ କେତେଜଣ ପୋଲିସ ସମ୍ପୃକ୍ତ ରହୁଥିବାରୁ ରାଜ୍ୟରେ ଏହାର ଚେର ସହର, ବସ୍ତି ଓ ଗାଁକୁ ବ୍ୟାପିଛି।

# ହାତୀପଲ ଖାଇଗଲେ ରାଶନ

ଢେଙ୍କାନାଳ ଅଫିସ, ୧୯।୭: ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିମିଧା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏକ ପଲରେ ୧୬ ହାତୀ ଉପଦ୍ରବ ସୃଷ୍ଟି କରିଛନ୍ତି। ହାତୀଙ୍କ ଉତ୍ପାତ ଏବଂ ଗର୍ଜନରେ ଅଞ୍ଚଳବାସୀ ଛାନିଆ ହୋଇପଡ଼ିଥିଲେ। ହାତୀପଲ ରାଣୀବଣିଆ ଅଞ୍ଚଳର ମିଥୁନ ବେହେରାଙ୍କ ୨ଟି ଘର ଭାଙ୍ଗି ଦେଇଥିବାବେଳେ ରାଶନ ବାବଦକୁ ମିଳିଥିବା ୫୦ କେଜି ଚାଉଳ ଖାଇଯାଇଛନ୍ତି। ବନ କର୍ମଚାରୀ, ଗ୍ରାମବାସୀ ରାତି ତମାମ ଉଜାଗର ରହି ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ରବିବାର ସକାଳେ ହାତୀପଲ ୫୫ନଂ. ଜାତୀୟ ରାଜପଥ ଦେଇ ବ୍ରାହ୍ମଣୀ ନଦୀ ପଠାକୁ ପଳାଇଛନ୍ତି।

# ମୃତ ୯ କରୋନା ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ଲେଖାଏ ସହାୟତା ମିଳିବ

**ଛତ୍ରପୁର,୧୯।୭(ଡି.ଏନ୍.ଏ.)**

କରୋନା ମୁକାବିଲା କାର୍ଯ୍ୟ କରୁଥିବାବେଳେ ଗଞ୍ଜାମ ଜିଲାର ୯ କରୋନା ଯୋଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ୍‌ରେ ବୀମା ବାବଦକୁ ୫୦ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ମିଳିବ। ଏନେଇ ତାଙ୍କ ପରିବାର ସଦସ୍ୟ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମୃତ କରୋନା ଯୋଦ୍ଧାମାନେ ହେଲେ ଶିକ୍ଷକ ସୀମାଞ୍ଚଳ ଶତପଥୀ, ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ ଡି. ରାମେଶ୍ୱର ଆଚାରି, ପ୍ରଧାନଶିକ୍ଷକ ଗୌରହରି ବେହେରା, ଜେଇ ପି. ସୁରେଶ କୁମାର, ଅଙ୍ଗନୱାଡି କର୍ମୀ ଭାରତୀ ସ୍ୱାଇଁ, ପୋଲିସ କନଷ୍ଟେବଳ ଗୋଲକ ନାୟକ, ସୁପରଭାଇଜର କେ. ଅଶାନ୍ତ ପାତ୍ର, ବିଏମ୍‌ସି ମୁଖ୍ୟ ସହାୟକ ଉପେନ୍ଦ୍ର ମାଝି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋଟି ବିରାଡ଼ି**
**କୁଜି ଅସରପା ଉପରକୁ ଟାଣ।**

ଛୋଟି ବିଲେଇ ଶୀଘ୍ର ଦୌଡ଼ି ପାରି ନ ଥାଏ। ଫଳରେ ନିଜ ଶିକାରକୁ ଧରିବାରେ ସେତେ ସଫଳ ହୋଇପାରି ନ ଥାଏ। କେବଳ କୁଜି ଅସରପାଟି ଧୀରେ ଧୀରେ ଗଲାବେଳେ ଛୋଟି ବିଲେଇ ହାବୁଡ଼େ ପଡ଼ିଯାଏ। ପରୋକ୍ଷରେ ସବଳକୁ ଆକ୍ରମଣ ବା ଜବତ କରିପାରୁ ନ ଥିବା ବ୍ୟକ୍ତି ନିର୍ବଳ ଉପରେ ଅତ୍ୟାଚାର କରି ନିଜର ବଡିମା ଦେଖାଇଥାନ୍ତି। ଦୁର୍ବଳର ଆହୁରି ଦୁର୍ବଳ ଉପରେ ଅତ୍ୟାଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛୋଟାକୁ ପବନସିଂହ ହୋଇଲେ**
**ସେ ଦଉଡି ଦଉଡି ମରେ।**

ଯାହା ପାଖରେ ସାମର୍ଥ୍ୟ ନାହିଁ କି ଦକ୍ଷତା ନାହିଁ, ତାକୁ ଟିକେ ଟେକାଟେକି କରି କହିଦେଲେ ସେ ତାହାକୁ ସତମଣି ଧରାକୁ ସରା ମନେକରିଥାଏ। ଗୁଣହୀନ ଲୋକକୁ ପ୍ରଶଂସା କଲେ ସେ ଗର୍ବରେ ଫୁଲିଉଠୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ନୂଆ ଆଶା ଦେଇଛି ...

ଦେବା ଲାଗି ଅନୁରୋଧ କରାଯାଇଛି। ସେମାନେ ମଧ୍ୟ ପ୍ଲାଜମା ଦାନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ରାଜ୍ୟରେ ଆକ୍ରାନ୍ତଙ୍କଠାରୁ ସୁସ୍ଥଙ୍କ ସଂଖ୍ୟା ଅଧିକ ହୋଇଥିବା କାରଣରୁ ଅଧିକ ପ୍ଲାଜମା ସଂଗ୍ରହ ନିମନ୍ତେ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଯେଉଁମାନେ କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହେଉଛନ୍ତି ସେମାନଙ୍କ ଶରୀରରେ ଏକ ପ୍ରକାର ଆଣ୍ଟିବଡି ସୃଷ୍ଟି ହେଉଛି। ତେଣୁ ସେମାନଙ୍କଠାରୁ ଅଧିକ ପ୍ଲାଜମା ସଂଗ୍ରହ ଉପରେ ସରକାର ବିଶେଷ ଗୁରୁତ୍ୱାରୋପ କରୁଛନ୍ତି। ନିକଟରେ ଜଣେ ଏସ୍‌ସିବି ଡାକ୍ତର କରୋନା ଆକ୍ରାନ୍ତ ହୋଇ ଭଲ ହେବାପରେ ପ୍ରଥମେ ପ୍ଲାଜମା ଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, କରୋନା ଆକ୍ରାନ୍ତ ଭଲ ହେବାର ଠିକ୍ ୨୮ଦିନ ପରେ ପ୍ଲାଜମା ଦାନ କରିପାରିବେ।

### ପ୍ଲାଜ୍‌ମା ଦେବେ ଏନ୍‌ଡିଆର୍‌ଏଫ୍‌ର ୩୭ ଯବାନ

ପ୍ଲାଜ୍‌ମା ଥେରାପି କାମ କରୁଥିବାରୁ କରୋନାରୁ ସୁସ୍ଥ ହୋଇଥିବା ଅଧିକ ସଂଖ୍ୟକ ବ୍ୟକ୍ତି ନିଜର ପ୍ଲାଜ୍‌ମା ଦାନ କରିବା ପାଇଁ ରାଜ୍ୟ ସରକାର ଆହ୍ୱାନ ଦେଇଛନ୍ତି। ଏନ୍‌ଡିଆର୍‌ଏଫ୍‌ର ୩୭ ଯବାନ ପ୍ଲାଜ୍‌ମା ଦେବାକୁ ରାଜି ହୋଇଛନ୍ତି। ପୂର୍ବରୁ ଶନିବାର ଅଗ୍ନିଶମ ବିଭାଗର ୧୦ କର୍ମଚାରୀ ମଧ୍ୟ ପ୍ଲାଜ୍‌ମା ଦେବାକୁ ସହମତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ସେମାନଙ୍କୁ ପ୍ରଶଂସା କରି କହିଛନ୍ତି, ଯବାନମାନେ ପ୍ଲାଜ୍‌ମା ଦାନ କରିବା ଘଟଣା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ।

### ୫୦% କର୍ମଚାରୀରେ ...

ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। ପୂର୍ବରୁ ବ୍ୟାଙ୍କ୍‌ଗୁଡ଼ିକ ୨୫% କର୍ମଚାରୀରେ କାମ କରିବେ ବୋଲି କୁହାଯାଇଥିବାବେଳେ ଏହାକୁ ୫୦%କୁ ବୃଦ୍ଧି କରାଯାଇଛି। ଏହାଠାରୁ ଅଧିକ କର୍ମଚାରୀ ବ୍ୟାଙ୍କ୍‌ରେ କାର୍ଯ୍ୟ କରିପାରିବେ ନାହିଁ ଓ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବେ ପାଳନ କରିବେ। ଯଦି କୌଣସି ବ୍ୟାଙ୍କ୍‌ରେ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ସହାୟତା ଆବଶ୍ୟକ ପଡ଼େ ତେବେ କର୍ତ୍ତୃପକ୍ଷ ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସର ସହଯୋଗ ନେଇପାରିବେ। ଏହି ପରିବର୍ତ୍ତିତ ସମୟ ୨୦ରୁ ୩୧ତାରିଖ ପର୍ଯ୍ୟନ୍ତ ଲାଗୁ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷକରି ଗଞ୍ଜାମ, ଖୋର୍ଦ୍ଧା, କଟକ, ଯାଜପୁର ଓ ରାଉରକେଲାରେ ଅଧିକ ବଢୁଛି। ତେଣୁ ଏସବୁ ଅଞ୍ଚଳକୁ ରାଜ୍ୟ ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଲାଗୁ ହୋଇଥିବା ଲକ୍‌ଡାଉନ୍ ସମୟରେ ସେହି ଅଞ୍ଚଳରେ କଣ୍ଟାକ୍ଟ ଟ୍ରେସିଂ କରାଯିବ। ତେବେ ଏହି ୪ଜିଲା ସମେତ ରାଉରକେଲାରେ ପୂର୍ବରୁ ଥିବା ସାପ୍ତାହିକ ଶଟ୍‌ଡାଉନ୍ ହଟାଇ ଦିଆଯାଇ ଆବଶ୍ୟକତା ସ୍ଥଳେ ନିର୍ଦ୍ଦେଶନାମାରେ ଏପରି କେତେକ ପରିବର୍ତ୍ତନ କରାଯାଉଛି।

### ମୁଗୁନି ପଥର ...

ଏପରି ବେଆଇନ କାରବାର ଯୋଗୁ ଗୋଟିଏପଟେ ଖଣି ଖାଲି ହେଉଥିବାବେଳେ ଏଥିରୁ ବାର୍ଷିକ ୫୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହାନି ସହୁଛନ୍ତି ସରକାର।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଅଞ୍ଚଳରେ ଛୋଟ ବଡ଼ ୧୦୦ କ୍ରଶର ଚାଲୁଛି। ସେଗୁଡ଼ିକୁ ଚଳାଇବା ପାଇଁ ଅତି କମରେ ଦୈନିକ କ୍ରଶର ୟୁନିଟ୍ ପିଛା ୫୦ ଘନ ମିଟର ସ୍ୱଲ୍ (କଳା ମୁଗୁନି ପଥର ଖଣ୍ଡ) ଆବଶ୍ୟକ। ତଦନୁଯାୟୀ କେବଳ କ୍ରଶର ଚଳାଇବା ପାଇଁ ଦୈନିକ ୫ହଜାର ଘନମିଟର ସ୍ୱଲ୍ ଆବଶ୍ୟକ। ସେହି ହିସାବରେ ବର୍ଷକୁ ୧୮ଲକ୍ଷ ୨୫ହଜାର ଘନମିଟର ସ୍ୱଲ୍ ଦରକାର। ତେବେ ନିଲାମ ଦିଆଯାଇଥିବା ଖଣିଗୁଡ଼ିକରୁ ୪୮୫୯୬ ଘନମିଟର ପଥର ଉତ୍ତୋଳନ କରିବାକୁ ଅନୁମତି ରହିଛି। ଏହାକୁ ଦେଖିଲେ ଚାହିଦା ଏବଂ ଯୋଗାଣ ମଧ୍ୟରେ ୧୭,୭୬,୪୦୪ ଘନମିଟର ପଥରର ଫରକ ଦେଖିବାକୁ ମିଳିଛି। ସରକାରୀସ୍ତରରେ ୧ ଘନମିଟର ପଥର ଉତ୍ତୋଳନ ଲାଗି ରୟାଲଟି ବାବଦକୁ ୧୩୦ ଏବଂ ଅତିରିକ୍ତ ଟ୍ୟାକ୍ସ ବାବଦକୁ ୧୮୨ ଟଙ୍କା ଅର୍ଥାତ୍ ମୋଟ୍ ୩୧୨ଟଙ୍କା ହିସାବରେ ୧ କୋଟି ୫୧ଲକ୍ଷ ୬୧ ହଜାର ୯୫୨ ଟଙ୍କା ବାର୍ଷିକ ରାଜସ୍ୱ ଆଦାୟ ଧାର୍ଯ୍ୟ ହୋଇଛି। ହେଲେ ବେଆଇନ ଭାବରେ ଉତ୍ତୋଳନ କରାଯାଉଥିବା ୧୭,୭୬,୪୦୪ ଘନମିଟର ପଥର ପାଇଁ ୫୫ କୋଟି ୪୨ଲକ୍ଷ ୩୮ ହଜାର ୪୮ଟଙ୍କାର ରାଜସ୍ୱ ହାନି ହେଉଛି।

ନିକଟରେ ରାଜସ୍ୱ ବିଭାଗ ପକ୍ଷରୁ ଓଡ଼ାପଡ଼ା ତହସିଲ ଅଞ୍ଚଳରେ ୬ଟି ନୂଆ କଳା ମୁଗୁନି ପଥର ଖଣି ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ଅମାନ୍ତିପଡ଼ା ରୋଡ୍ ମେଟାଲ କ୍ୱାରି ନମ୍ବର-୨, ଅମାନ୍ତିପଡ଼ା ରୋଡ୍ ମେଟାଲ କ୍ୱାରି ନମ୍ବର-୩, ନିମିଧା ରୋଡ୍ ମେଟାଲ କ୍ୱାରି ନମ୍ବର-୧, ନିମିଧା ରୋଡ୍ ମେଟାଲ କ୍ୱାରି ନମ୍ବର-୨, ବାଉତିରଗଡ଼ା ରୋଡ୍ ମେଟାଲ କ୍ୱାରି ନମ୍ବର-୪ ଏବଂ ନରହରିପୁର ରୋଡ୍ ମେଟାଲ କ୍ୱାରି ନମ୍ବର-୩। ତେବେ କେବଳ ଏହି ୬ଟି ନୁହେଁ, ଏଭଳି ଆହୁରି ଅନେକ ବେଆଇନ ଭାବେ ଚାଲୁଥିବା ପଥର ଖଣିକୁ ଆଇନଗତ ଭାବେ ଖଣିଜ ଉତ୍ତୋଳନ ଉପଯୋଗୀ କରାଯାଇପାରିଲେ ରାଜସ୍ୱ ଆୟ ବୃଦ୍ଧି ପାଇଁ ବାଟ ଫିଟିବ।

ତେବେ ଏପରି ଚୋରା ଖଣିଜ ଉତ୍ତୋଳନ ରୋକିବାକୁ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଯୋଜନା କରାଯାଉ ନ ଥିବାରୁ ଚୋରା ବ୍ୟବସାୟୀଙ୍କ ସାମ୍ରାଜ୍ୟ ବଢ଼ିଚାଲିଛି। ଅନ୍ୟପଟେ ଆଇନତଃ ଖଣି ନିଲାମ ନେଇଥିବା ବ୍ୟବସାୟୀମାନେ ଏଥିରୁ କୋଟି କୋଟି ଟଙ୍କା କ୍ଷତି ସହୁଛନ୍ତି। ମାଫିଆଙ୍କ ଉପରେ ପ୍ରଶାସନର ଅଙ୍କୁଶ ନ ଥିବାରୁ ସେମାନେ ଆଗାମୀ ଦିନରେ ସୈରାତ ନିଲାମରେ ଅଂଶଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛନ୍ତି। କାରଣ ସରକାରୀ ଖଣିରୁ ଗୋଟିଏ ହାଇୱା ଟ୍ରକ୍‌ରେ ସ୍ୱଲ୍ ପରିବହନ ପାଇଁ ପ୍ରାୟ ୫ହଜାର ଟଙ୍କା ଟ୍ୟାକ୍ସ ଦେବାକୁ ପଡୁଥିବାବେଳେ ଅସାଧୁ ବ୍ୟବସାୟୀମାନେ ଟ୍ରକ୍ ପିଛା ୩ହଜାର ଟଙ୍କାରେ ପଥର ବିକ୍ରି କରୁଛନ୍ତି। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ନିଲାମଧାରୀ ଖଣି ମାଲିକମାନେ।

ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୌଦାମିନୀ ସେଠୀ କୁହନ୍ତି, ଖଣିଜ ଦ୍ରବ୍ୟ ଚୋରାଚାଲାଣ ରୋକିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଆଇନଗତ ଭାବେ ଅଧିକରୁ ଅଧିକ ସୈରାତରୁ ଖଣିଜ ସଂଗ୍ରହ କରିବା ଲାଗି ସମ୍ପୃକ୍ତ ବିଭାଗଗୁଡ଼ିକ ସହିତ ଆଲୋଚନା ହୋଇଛି। ଅଞ୍ଚଳରେ କେତେକ ବେଆଇନ ଖଣିକୁ ବୈଧ କରିବା ଦିଗରେ ପ୍ରତିବନ୍ଧକ ରହିଥିବାରୁ ଲକ୍ଷ୍ୟ ସଫଳ ହୋଇପାରୁ ନ ଥିବା ସେ ସୂଚନା ଦେଇଛନ୍ତି।

#### ହଜାରେ କୋଟି ରାଜସ୍ୱ ଆଦାୟ ଲକ୍ଷ୍ୟ ସନ୍ଦିହାନ

ଲଘୁ ଖଣିଜ ଦ୍ରବ୍ୟରୁ ବାର୍ଷିକ ହଜାରେ କୋଟି ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର। ଏହାକୁ ପୂରଣ କରିବାକୁ କିଛିଦିନ ତଳେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଲଘୁ ଖଣିଜର ଚାହିଦା ଓ ଯୋଗାଣ ମଧ୍ୟରେ ରହିଥିବା ତାରତମ୍ୟ ଦୂର କରିବା ପାଇଁ ନୂଆ ସୈରାତ ସନ୍ଧାନ କରିବା ଏବଂ ଅଧିକରୁ ଅଧିକ ସୈରାତରୁ ଆଇନତଃ ଲଘୁ ଖଣିଜ ଦ୍ରବ୍ୟ ସଂଗ୍ରହ କରାଯିବା ପାଇଁ ଏଥିରେ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ରାଜ୍ୟର ରୁଗ୍‌ଣ ଅର୍ଥନୀତିକୁ ବଳ ମିଳିବ ବୋଲି ମତପ୍ରକାଶ ପାଇଥିଲା। ପ୍ରଥମତଃ ଶ୍ରମଭିତ୍ତିକ ନିର୍ମାଣ କ୍ଷେତ୍ର ଲାଗି ଆବଶ୍ୟକ ଲଘୁ ଖଣିଜ ଦ୍ରବ୍ୟ ସହଜଲଭ୍ୟ ହୋଇପାରିବ। ଦ୍ୱିତୀୟରେ ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ ରୋକାଯାଇପାରିବ। ତୃତୀୟତଃ ଏହାଦ୍ୱାରା ରାଜସ୍ୱ ବୃଦ୍ଧି ହୋଇପାରିବ। ଏଥିଲାଗି ଚୋରା ଚାଲାଣରେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଖଣିଜ ଦ୍ରବ୍ୟ ସମୃଦ୍ଧ ଅଞ୍ଚଳରେ ଓଡ଼ିଶା ଶିଳ୍ପ ସୁରକ୍ଷା ବଳ (ଓଆଇଏସ୍‌ଏଫ୍) ନିୟୋଜିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ନିଷ୍ପତ୍ତି ଏବଂ କାର୍ଯ୍ୟକାରିତା ମଧ୍ୟରେ ପାର୍ଥକ୍ୟ ଯୋଗୁ ରାଜ୍ୟର ଲଘୁ ଖଣିଜ ଦ୍ରବ୍ୟର ବାଟମାରଣା ହେଉଛି। ଆଇନର ଗଳାବାଟ ଦେଇ ବ୍ୟବସାୟୀମାନେ ସେମାନଙ୍କ କଳା ସାମ୍ରାଜ୍ୟକୁ ବଢ଼ାଇ ଚାଲିଥିବାବେଳେ ସରକାରଙ୍କ ଲକ୍ଷ୍ୟ ଧାର୍ଯ୍ୟ ସନ୍ଦିହାନ ହୋଇପଡ଼ିଛି।

#### କାହିଁକି ବଢ଼ିଛି ଚାହିଦା

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ମିଳୁଥିବା କଳାମୁଗୁନି ପଥରର ମାନ ଉତ୍କୃଷ୍ଟ। ଏହାର ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରେ ରହିଛି। ତେଣୁ ଏହି ପଥର ଖଣି ଉପରେ ବ୍ୟବସାୟୀମାନେ ନଜର ପକାଇଛନ୍ତି। ସେହିପରି ୫୫ନଂ. ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଲାଗି ରୋଡ୍ ମେଟାଲ ଓ ଚିପ୍ସ ଆଦିର ଚାହିଦା ବଢ଼ିଯାଇଛି। ଏହାକୁ ପୂରଣ କରିବାକୁ ବ୍ୟବସାୟୀମାନେ ଦିନରାତି ଖଣିରୁ ପଥର ଚାଲାଣ କରୁଛନ୍ତି। ତହସିଲ ପ୍ରଶାସନର ହାତଗଣତି କର୍ମଚାରୀ ଏହାକୁ ରୋକିବାକୁ ଅସମର୍ଥ ହେଉଥିବାବେଳେ ଅନେକ ସମୟରେ ବ୍ୟବସାୟୀଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିବା ମଧ୍ୟ ନଜିର ମଧ୍ୟ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେମିତି ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଯେଉଁ କାମରେ ଯାତ୍ରା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଭାବରେ ବନ୍ଧୁଙ୍କ ମନୋଭାବ ବଦଳିଯିବା କାରଣରୁ ପରିସ୍ଥିତି ମଧ୍ୟ ବଦଳି ଯିବାର ଆଶଙ୍କା ରହିଛି। କେତେକ ଘଟଣା ମନକୁ ଅଶାନ୍ତ ରଖିପାରେ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ନିଜର ଲୋକମାନେ ମଧ୍ୟ କ୍ରମଶଃ ଦୂରେଇ ଯାଉଥିବାର ଲକ୍ଷ୍ୟ କରିବେ। ନିକଟ ଅତୀତର ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। ସଭାସମିତି, ସଂଗଠନ, ରାଜନୀତି, ପ୍ରଶାସନ, ଆଲୋଚନା କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ** କାମ ହାସଲ କରିବା କ୍ଷେତ୍ରରେ ନିଜର ଲୋକ ମାନେ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କଠାରୁ ହାତ ଉଧାରି ଟଙ୍କା ଆଣି ଆବଶ୍ୟକତାକୁ ପୂରଣ କରିବାରେ ଯତ୍ନବାନ୍ ହେବେ। ପଡୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ସପକ୍ଷରେ ମତ ଦେଇପାରନ୍ତି।

**କର୍କଟ** ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ, ଧାତୁ ଅଳଙ୍କାର, ଯାନ୍ତ୍ରିକ ଜିନିଷ, ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ସିଂହ** ବାଧ୍ୟବାଧକତାରେ ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଭଲ ରହି ନ ପାରେ। କାମ ଗୁଡିକ ସବୁ ବହୁତ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମଜା ମଉଜ କରିବାକୁ ଅବସର ପାଇବେ ନାହିଁ। ପରିସ୍ଥିତିବଶତଃ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କନ୍ୟା** ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଉଚିତ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିକଟ ସମ୍ପର୍କୀୟମାନଙ୍କର ଭଲ କରିବାକୁ ଯାଇ ନିଜକୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ତୁଳା** ମନରେ ବିଭିନ୍ନ ପ୍ରକାରର ଦୁର୍ଭାବନା ବଢି ଚାଲିବା ହେତୁ ମନ ଓ କାମ ଶୃଙ୍ଖଳିତ ରହି ପାରିବ ନାହିଁ। ଆଜିର ଫେରନ୍ତା ବାଟରୁ ଆପଣ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। କରୁଥିବା ବ୍ୟବସାୟରେ ବିଶେଷ ଲାଭ ନ ହେଲେ ସୁଦ୍ଧା କ୍ଷତିର ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ।

**ବିଛା** ଆଜି ଯେଉଁ କାମ ହାତକୁ ନେବେ ଅବଶ୍ୟ ନିର୍ବିଘ୍ନରେ ସମାପନ କରିବାରେ କୌଣସି ଅସୁବିଧା ହେବ ନାହିଁ। ସମସ୍ୟାର ଯଥାବିଧି ସମାଧାନ ପାଇଁ ତତ୍ପରତା ପ୍ରକାଶ କରିପାରିଲେ ସଫଳତା ଅବଶ୍ୟ ମିଳିବ। ଆକସ୍ମିକ ଭାବରେ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ଧନୁ** ପୂର୍ବସ୍ଥିରୀକୃତ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିପାରିବେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି, ଅବଶ୍ୟ ଅସୁବିଧା ହେବନାହିଁ। ଦୀର୍ଘ ପଥ ଭ୍ରମଣ ସ୍ୱାସ୍ଥ୍ୟ ସକାଶେ ବାଧକ ସାଜିପାରେ, କିନ୍ତୁ ସତର୍କତା ଅବଲମ୍ବନୀୟ।

**ମକର** ଅନ୍ୟର ମନ ଅନୁଯାୟୀ କାମ କରିପାରିଲେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢାଇବାର ଆଶଙ୍କା ରହିଛି। ଭୁଲ୍ ବୁଝାମଣା ବୃଥା ସନ୍ଦେହଜନିତ ପାରିବାରିକ କ୍ଷେତ୍ର ଅସନ୍ତୁଳିତ ରହିବ। ବିଭିନ୍ନ ପ୍ରକାରର କଥାକୁ ନେଇ ଟେନ୍‌ସନ ଭିତରେ ଗତି କରିବେ।

**କୁମ୍ଭ** ବନ୍ଧୁମାନଙ୍କ ସହମତି ସ୍ଥଗିତ ଯୋଜନାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଯାହା ଖୋଜୁଛନ୍ତି ତାହା ପ୍ରତିବେଶୀଙ୍କ ସାହାଯ୍ୟ ଓ ସହଯୋଗରୁ ଉପକୃତ ହେବେ। ଗୋପନୀୟ କଥା ପ୍ରଘଟ ହେବା କାରଣରୁ ବିଶେଷ ଚିନ୍ତାକୂଳ ହୋଇପାରନ୍ତି। ଭ୍ରମଣ ରାଜନୀତି, ପ୍ରଶାସନ ତଥା ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ** କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାଜନିତ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସାମାଜିକ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଗବେଷଣା, ଆଲୋଚନା, ସେବାସଂସ୍ଥା, ରାଜନୀତି ଓ କଳା, ସାହିତ୍ୟରୁ ପ୍ରଶଂସିତ ହେବେ। ପ୍ରବାସରେ ରହୁଥିବା ସନ୍ତାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟା ସୋମବାର, ଗୃହୀଣାଂ ଚିତାଲାଗି ପର୍ବ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁବର୍ଣ୍ଣ ଚିତାଲାଗି, ଅମାବାସ୍ୟାର ନିଶାପାଳନ, ଜୁଲାଇ ୨୦ ତାରିଖ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ, ଘ.୦୫.୨୨ମି.ଗତେ ଘ.୦୭.୦୬ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୦୧.୧୧ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୮ମି. ଗତେ ଘ.୦୯.୧୯ମି. ମଧ୍ୟେ, ରାତ୍ରି ଘ.୧୧.୩୧ମି. ଗତେ ଘ.୦୨.୨୭ମି.ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩ .୪୮ମି. ଗତେ ଘ.୦୫.୩୨ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୭.୦୦ମି. ଗତେ ଘ.୦୮.୩୭ମି. ମଧ୍ୟେ ରାହୁକାଳ।

classifieds Everyday 0674-2580101, 2549302

real estate

SALE

5Acres 180 decimal sthitiban land in "Kuha Mouza", Bhubaneswar near "Hi-Tech Plaza", about 1km from Sundarpada, Jatni road from sale. Contact-7978598419. D-59538

Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex-9439889903. D-69133

BDA residential plot near Patrapada housing plan approved for sale. 9937123440, 8260673884. D-17785

to-let

1000sqft. for office purpose at Sahid Nagar. Contact-9777014906, 9556762524. D-68096

healthcare

Monalisa massage club : All types body massage with hiprofile smart lady rooms service available 9708545108. D-17767

Newly open full body massage SPA in Bhubaneswar. Contact: 7205058838. D-69703

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ରବିବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅପରାହ୍ନରେ ନାବାଳିକାଙ୍କ ଘରେ କେହି ନ ଥିବା ବେଳେ ସମ୍ପର୍କୀୟ ଦାଦା ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ନାବାଳିକା ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ୩୧ ଯାଏ ଖାଉଟି ବିବାଦ ସମାଧାନ ଆୟୋଗ ବନ୍ଦ

**କଟକ ଅଫିସ,୧୯।୭:** କଟକସ୍ଥିତ ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ। କଟକ, ଖୋର୍ଦ୍ଧା, ଗଞ୍ଜାମ, ଯାଜପୁର ଭଳି ୪ଟି ଜିଲା ଏବଂ ରାଉରକେଲା ମହାନଗର ନିଗମରେ ରାଜ୍ୟ ସରକାର ଲକ୍‌ଡାଉନ ଜାରି କରିଥିବା ଯୋଗୁ ଆୟୋଗ ତରଫରୁ ଏହି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟାଳୟ ବନ୍ଦ ରହୁଥିଲେ ମଧ୍ୟ ଖୁବ୍ କମ୍ ସଂଖ୍ୟକ କର୍ମଚାରୀ ଉପସ୍ଥିତ ରହିବେ। କାର୍ଯ୍ୟାଳୟ ଭିତରକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ତେବେ କାର୍ଯ୍ୟଦିବସରେ ଯଦି କୌଣସି ଅତି ଜରୁରୀ ମାମଲା ଆସେ, ତେବେ ଶୁଣାଣି ହୋଇପାରିବ। କିନ୍ତୁ କେବଳ ଭିଡିଓ କନଫରେନ୍ସ ଜରିଆରେ ହିଁ ଶୁଣାଣି କରାଯିବ। ଆଇନଜୀବୀ କିମ୍ବା ମହକିଲମାନେ କାର୍ଯ୍ୟାଳୟକୁ ଆସିବେ ନାହିଁ। ସେହିଭଳି ଉପରୋକ୍ତ ଜିଲାଗୁଡ଼ିକରେ ମଧ୍ୟ ଖାଉଟି ଅଦାଲତ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି।

### ଖୋର୍ଦ୍ଧା: ୫୨ ପଜିଟିଭ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୧୯।୭:** ଖୋର୍ଦ୍ଧା ଜିଲାରେ (ଭୁବନେଶ୍ୱରକୁ ବାଦ୍ ଦେଇ) ରବିବାର ୫୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜିଲାରୁ ୪୩ ଏବଂ ଖୋର୍ଦ୍ଧା ପୌରାଞ୍ଚଳରୁ ୯ ଜଣ ରହିଛନ୍ତି। ଟାଙ୍ଗୀ ବ୍ଲକରୁ ସର୍ବାଧିକ ୧୬, ବାଲୁଗାଁରୁ ୧୩, ବାଣପୁର ୩, ବୋଲଗଡ଼ ୪, ମେଣ୍ଢାଶାଳ ୨, ଜଟଣୀ ୪, ବାଲକାଟୀରୁ ଜଣେ ଆକ୍ରାନ୍ତ ମିଳିଛନ୍ତି। ସେହିପରି ଖୋର୍ଦ୍ଧା ପୌରାଞ୍ଚଳର ଗୁରୁଜଙ୍ଗରୁ ୩, ଜମାଦେଇରୁ ୨,। ଖୋର୍ଦ୍ଧା ବାଇପାସ୍, ପଲଟନ ପଡ଼ିଆ ଓ ବରୁଣେଇରୁ ଜଣେ ଲେଖାଏ ଏବଂ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ୯ଟି ସ୍ୱାବ୍‌କେନ୍ଦ୍ରରେ ୨୬୬ ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୩ ୱାର୍ଡ କଣ୍ଟେନମେଣ୍ଟ ଜୋନ୍

**ଖୋର୍ଦ୍ଧା ଅଫିସ, ୧୯।୭:** ଖୋର୍ଦ୍ଧା ପୌରାଞ୍ଚଳରେ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲାପାଳ ସୀତାଂଶୁ ରାଉତ ରବିବାର ୱାର୍ଡ ନମ୍ବର ୧, ୨ ଓ ୧୮କୁ ରବିବାରଠାରୁ ୨୨ ତାରିଖ ଯାଏ ୭୨ ଘଣ୍ଟା ଲାଗି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ୧ନଂ ୱାର୍ଡରେ ଗୋଟିଏ ପରିବାର, ୨ନଂ ୱାର୍ଡରେ ୭ ଏବଂ ୧୮ନଂ ୱାର୍ଡରେ ୩୫ ପରିବାର କଣ୍ଟେନମେଣ୍ଟ ଜୋନ୍‌ରେ ରହିବେ। ଏହି ଜୋନ୍‌ରେ କେହି ବାହାର ଲୋକ ପ୍ରବେଶ କରିବେ ନାହିଁ। ଏଠାକାର ବାସିନ୍ଦା ବାହାରକୁ ଯାଇପାରିବେ ନାହିଁ। ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ।

### ଉଇଲ ନଗର ୭୨ଘଣ୍ଟା ଶଟ୍‌ଡାଉନ

**ଖୋର୍ଦ୍ଧା ଅଫିସ,୧୯।୭:** ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତର ଉଇଲ ନଗରରେ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସରପଞ୍ଚ କଲ୍ୟାଣ ଦଳାଇ ରବିବାରଠାରୁ ୭୨ଘଣ୍ଟା ଲାଗି ଉଇଲ ନଗରକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ଅଞ୍ଚଳରୁ କେହି ବାହାରକୁ ଯାଇପାରିବେ ନାହିଁ ଓ ବାହାର ଲୋକ ଏହି ଅଞ୍ଚଳକୁ ପ୍ରବେଶ କରିବେ ନାହିଁ। ସମସ୍ତ ଦୋକାନବଜାର ବନ୍ଦ ରହିବ। ଏହି ଅଞ୍ଚଳକୁ ସାନିଟାଇଜ କରାଯାଇଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

**ବେଗୁନିଆ,୧୯।୭(ଡି.ଏନ୍.ଏ.):** ବେଗୁନିଆ ଥାନା ଅନ୍ତର୍ଗତ କୋଦବେରେଣି ପେଟ୍ରୋଲ ପମ୍ପ ଛକ ନିକଟ ଏକ ଘରୁ ରବିବାର ସନ୍ଧ୍ୟାରେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହଲେ ଗଞ୍ଜାମ ଜିଲା ଭଞ୍ଜନଗରର ଚାକୁଣ୍ଡାପଲି ଗ୍ରାମର ରାଜେନ୍ଦ୍ର ନାୟକ। ପ୍ରକାଶ ଯେ, ରାଜେନ୍ଦ୍ର ଉକ୍ତ ଅଞ୍ଚଳରେ ଭଡ଼ାରେ ରହିବା ସହ ବୋରୱେଲ ହେଲପର ଭାବେ କାର୍ଯ୍ୟ କରୁଥିଲେ। ଗତ ଦୁଇ ଦିନ ହେବ ସେ ଅସୁସ୍ଥତା ଅନୁଭବ କରିଥିଲେ। ହଠାତ୍ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୦) ରୁଜୁକରି ତଦନ୍ତ ଚଳାଇଛି।

# ଇ-ଡେସ୍‌ପାଚ୍‌ରେ ତଥ୍ୟ ଦେଉନାହାନ୍ତି ସରକାରୀ ବିଭାଗ

## '୫-ଟି' କାର୍ଯ୍ୟକ୍ରମ ପରେ ବି ଅପ୍‌ଡେଟ୍ ହେଉନି

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**

ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବାକୁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। '୫-ଟି' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା ଓ ଅତ୍ୟାଧୁନିକ ଜ୍ଞାନକୌଶଳର ସାହାଯ୍ୟ ନେଇ ସମସ୍ତ କାର୍ଯ୍ୟ ଓ ଯୋଜନାରେ ସ୍ୱଚ୍ଛତା ଆଣିବାକୁ ଉଦ୍ୟମ ହେଉଛି। ହେଲେ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ବହୁ ତଥ୍ୟ ଜନସାଧାରଣଙ୍କୁ ଲୁଚାଉଥିବା ଦେଖିବାକୁ ମିଳିଛି। ବିଭାଗ ପକ୍ଷରୁ ପ୍ରତିଦିନ ଲେଖାଯାଉଥିବା ଚିଠି ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କିତ ତଥ୍ୟ ଦିଆଯାଉନି। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଇ-ଡେସ୍‌ପାଚ୍ ବ୍ୟବସ୍ଥାକୁ ବହୁ ବିଭାଗ ଏପର୍ଯ୍ୟନ୍ତ କାର୍ଯ୍ୟରେ ଲଗାଉ ନ ଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀମାନେ କ'ଣ ଓ କିଭଳି କାର୍ଯ୍ୟ କରିଛନ୍ତି ତାହାକୁ ବିଭାଗର ୱେବ୍‌ସାଇଟରେ ଅପ୍‌ଡେଟ କରାଯାଉନାହିଁ। ଫଳରେ ତଥ୍ୟ ଆବଶ୍ୟକ କରୁଥିବା ସାଧାରଣ ଜନତା ଏନେଇ ପ୍ରଶ୍ନ ଉଠାଇଛନ୍ତି।

ବିଭାଗୀୟ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ପ୍ରାୟ ୬ବର୍ଷ ତଳେ ଇ-ଡେସ୍‌ପାଚ୍ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ପ୍ରତିଦିନ ଅପଡେଟ୍ ହେବାକୁ ନିର୍ଦ୍ଦେଶ ରହିଥିଲା। ସାଧାରଣ ଲୋକେ ଯେପରି ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ, ତାହାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ସଚିବ ତଥା ପ୍ରଶାସନିକ ଅଧିକାରୀମାନେ ବିଭାଗୀୟ କେଉଁ ଅଧିକାରୀଙ୍କ ପାଖକୁ ଚିଠି ଲେଖୁଛନ୍ତି, ବିଭାଗ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟାଳୟକୁ କ'ଣ ଚିଠି ଯାଉଛି ଏବଂ ବିଭାଗ ଯେଉଁସବୁ ଚିଠି ଗ୍ରହଣ କରୁଛି ତାହାକୁ ଇ-ଡେସ୍‌ପାଚ୍‌ରେ ସ୍ଥାନିତ କରିବାକୁ ନିର୍ଦ୍ଦେଶ ଥିଲା। ହେଲେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୩୯ ବିଭାଗ ମଧ୍ୟରୁ ମାତ୍ର ଅଳ୍ପ କିଛି ବିଭାଗ ନିୟମିତ ତଥ୍ୟ ଦେଉଥିବାବେଳେ ଅଧାରୁ ଅଧିକ ନିଜ ଇ-ଡେସ୍‌ପାଚ୍‌କୁ ବର୍ଷ ବର୍ଷ ଧରି ଅପ୍‌ଡେଟ୍ କରୁନାହାନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଶକ୍ତି ବିଭାଗ, ଶ୍ରମ ବିଭାଗ, କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସମବାୟ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗର କୌଣସି ତଥ୍ୟ ଇ-ଡେସ୍‌ପାଚ୍ ୱେବ୍‌ସାଇଟରେ ନାହିଁ। ରାଜ୍ୟ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ଚିଠି ଅପ୍‌ଲୋଡ୍‌ରେ ଅବହେଳା ସହ ତଥ୍ୟ ଲୁଚାଇବାକୁ ପ୍ରଚେଷ୍ଟା କରୁଥିବା ସ୍ପଷ୍ଟ ବାରିହୋଇ ପଡୁଛି। କେତେକ ବିଭାଗରେ ରହିଥିବା ଚିଠି ଖୋଲୁ ନ ଥିବାବେଳେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଇ-ଡେସ୍‌ପାଚ୍‌ରେ କୌଣସି ଚିଠି ନାହିଁ। ସେହିଭଳି କଳା, ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରୁଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆରମ୍ଭରୁ ଏପର୍ଯ୍ୟନ୍ତ ମଧ୍ୟ ନିଜ ଇ-ଡେସ୍‌ପାଚ୍‌କୁ କାର୍ଯ୍ୟକ୍ଷମ କରିପାରିନି। ଅନ୍ୟପକ୍ଷରେ ଶିଳ୍ପ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସ୍କୁଲ୍ ଓ ଗଣଶିକ୍ଷା ବିଭାଗ, ବିଜ୍ଞାନ ଓ କାରିଗରି ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଅବକାରୀ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ, ମହିଳା ଓ ଶିଶୁବିକାଶ ବିଭାଗର ଇ-ଡେସ୍‌ପାଚ୍ ୨୦୧୯ରେ ଶେଷଥର ପାଇଁ ଅପ୍‌ଡେଟ୍ ହୋଇଥିବା ଦେଖିବାକୁ ମିଳିଛି।

ତେବେ ପ୍ରତିଦିନ ଡେସ୍‌ପାଚ୍ ଅପ୍‌ଡେଟ୍ କରୁଥିବା ବିଭାଗଗୁଡ଼ିକ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଅର୍ଥ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଗୃହ ବିଭାଗ, ପର୍ଯ୍ୟଟନ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ, ବୟନ ନିର୍ଦ୍ଦେଶାଳୟ, ଆଇନ୍ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ସଂସଦୀୟ ବ୍ୟାପାର, ଯୋଜନା ଓ କାର୍ଯ୍ୟାନ୍ୱୟନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଇସ୍ପାତ୍ ଓ ଖଣି ବିଭାଗ, ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ ରହିଛି।



ଶଟ୍‌ଡାଉନ୍‌ର ଦ୍ୱିତୀୟ ଦିନରେ ରବିବାର ଭୁବନେଶ୍ୱର ରାମମନ୍ଦିର ନିକଟ ଏକ ପେଟ୍ରୋଲ ପମ୍ପ ପରିସରକୁ ବିଶୋଧନ କରାଯାଉଛି।

## ୩ ମାସରେ ୩୧ ଟନ୍ ଔଷଧ ପରିବହନ

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**

କୋଭିଡ୍-୧୯ ପାଇଁ ଲାଗୁ ହୋଇଥିବା ଲକ୍‌ଡାଉନ୍ ସମୟରେ ଜନସାଧାରଣ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବର ସମ୍ମୁଖୀନ ନ ହେବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟାଇମ ଟେବୁଲ ଟ୍ରେନର ଚଳାଚଳ ଆରମ୍ଭ କରାଯାଇଥିଲା। ଔଷଧ ଓ ମେଡିକାଲ ଉପକରଣ ସହ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଜରୁରୀ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବା ପିପିଇ କିଟ୍ ସହ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଦେଶର ବିଭିନ୍ନ ପ୍ରାନ୍ତକୁ ପରିବହନ ନିମନ୍ତେ ରେଳ ମନ୍ତ୍ରଣାଳୟ ପକ୍ଷରୁ ପାର୍ସଲ ଟ୍ରେନ୍ ଚଳାଚଳ କରୁଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତ ଏପ୍ରିଲରୁ ଜୁନ ମାସ ମଧ୍ୟରେ ସ୍ୱତନ୍ତ୍ର ପାର୍ସଲ ଟ୍ରେନ ଦ୍ୱାରା ୬୧୬୦ ଟନ୍ ଅତ୍ୟାବଶ୍ୟକ ସାମଗ୍ରୀକୁ ମିଶାଇ ୭ ହଜାର ଟନ୍ ପାର୍ସଲ ପରିବହନ କରିଛି। ଏହି ସମୟ ମଧ୍ୟରେ ଟ୍ରେନ୍ ଦ୍ୱାରା ୩୧ ଟନ୍ ଔଷଧ ଓ ୨୦ ଟନ୍ ମେଡିକାଲ ଉପକରଣ ପରିବହନ କରାଯାଇଛି। କୃଷକଙ୍କ ଦ୍ୱାରା ଉତ୍ପନ୍ନ ଉତ୍ପାଦକୁ ବଜାରକୁ ପଠାଇବା ଏକ ଆହ୍ୱାନ ଭାବେ ଉଭା ହୋଇଥିବାବେଳେ ପୂର୍ବତଟ ରେଳପଥ ୪୩୭୬ ଟନ୍ ଫଳ ଓ ପନିପରିବା ପରିବହନ କରିଛି। ଉପକୂଳ ଅଞ୍ଚଳର ଖାଉଟି କେନ୍ଦ୍ରଗୁଡ଼ିକୁ ୮୨୪ ଟନ୍ ମାଛ ଏବଂ ବିଭିନ୍ନ ସ୍ଥାନକୁ ୬୭୩ ଟନ୍ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରାଯାଇଥିଲା। ସେହିଭଳି ୫୨୪୦ ଟନ୍‌ର ପାର୍ସଲ ଗ୍ରହଣ କରାଯାଇଛି।

# 'କଟକରେ କାମ କରିବା ଗର୍ବର କଥା'



**କଟକ ଅଫିସ,୧୯।୭**

କଟକର ନୂତନ ଡିସିପି ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିବେ ପ୍ରତୀକ ସିଂ। ୨୦୧୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ପ୍ରତୀକ ପୂର୍ବରୁ କନ୍ଧମାଳ ଜିଲା ଏସ୍‌ପି ଦାୟିତ୍ୱରେ ଥିଲେ। ରବିବାର କଟକର ପୂର୍ବତନ ଡିସିପି ତଥା ପୁରୀ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ସୌଜନ୍ୟମୂଳକ ଭାବେ ଭେଟି ସହର ସମ୍ପର୍କରେ ଆଲୋଚନା କରିଥିଲେ ପ୍ରତୀକ ସିଂ। ଏହି ଅବସରରେ ନୂତନ ଡିସିପିଙ୍କ ସହ 'ଧରିତ୍ରୀ'ର ସାକ୍ଷାତ୍‌କାର।

## ଆଜି ଯୋଗଦେବେ ନୂତନ ଡିସିପି ପ୍ରତୀକ ସିଂ

**କଟକରେ ପ୍ରଥମ ଦିନର ଅନୁଭୂତି କିପରି ରହିଲା?**

- ଭଲ ଲାଗିଲା। ମୋର ସହକର୍ମୀ ତଥା ପୋଲିସ ଅଧିକାରୀଙ୍କୁ ଭେଟିଲି। ସହରର କେତେକ ବରିଷ୍ଠ ବ୍ୟକ୍ତିବିଶେଷଙ୍କ ସହ ଭେଟ ହୋଇଛି। ମାଓବାଦୀପ୍ରବଣ ଜିଲା କନ୍ଧମାଳରେ କାର୍ଯ୍ୟ କରିବା ପରେ ରାଜ୍ୟର ଏକ ପ୍ରମୁଖ ସହରରେ କାର୍ଯ୍ୟ କରିବାର ଏବେ ସୁଯୋଗ ଆସିଛି। କଟକରେ କାମ କରିବା ପାଇଁ ସୁଯୋଗ ମିଳିବା ଗର୍ବର କଥା ବୋଲି ମୁଁ ଭାବେ।

**କିଛି ସ୍ୱତନ୍ତ୍ର ପ୍ଲାନ ପ୍ରସ୍ତୁତ କରି ଆସିଛନ୍ତି କି?**

-ପୂର୍ବରୁ କଟକରେ ଅପରାଧ ଓ ଅପରାଧୀଙ୍କ ପ୍ରତି ପୋଲିସର କାର୍ଯ୍ୟାନୁଷ୍ଠାନ ଦୃଢ଼ ଓ ପ୍ରଭାବଶାଳୀ ରହିଥିଲା। ଦିନକୁ ଦିନ ଅପରାଧ ମଧ୍ୟ ଏଠାରେ କମିଛି। ପୋଲିସର କାର୍ଯ୍ୟ ଯେଉଁଭଳି ଭାବେ ଭଲ ରହି ଆସିଛି, ଏହାକୁ ଆଗକୁ ବଢ଼ାଇନେବାକୁ ଚେଷ୍ଟା କରିବି। ପୋଲିସ ଉପରେ ଜନସାଧାରଣଙ୍କ ଆସ୍ଥା ଅତୁଟ ରଖିବି। ସେମିତି କିଛି ପ୍ଲାନ ପ୍ରସ୍ତୁତ ହୋଇନି। ନିରୀହ ଲୋକ ନ୍ୟାୟ ପାଇବେ ଓ ଅପରାଧିକ କାର୍ଯ୍ୟକଳାପ ବନ୍ଦ ପାଇଁ ଗୁରୁତ୍ୱ ଦେବି।

**ପୂର୍ବତନ ଡିସିପିଙ୍କ ସହ କିଛି ଆଲୋଚନା ହୋଇଛି?**

- ଅପରାଧ ଓ ଅପରାଧୀଙ୍କ ସମ୍ପର୍କରେ ଅଳ୍ପ କିଛି ଆଲୋଚନା ହୋଇଥିଲା। କେଉଁ ସବୁ ସ୍ଥାନରେ ଅପରାଧ ବେଶୀ ହୁଏ ଏବଂ କେଉଁ ଅଞ୍ଚଳରେ ଅପରାଧୀ ଅଧିକ ସଂଖ୍ୟାରେ ଅଛନ୍ତି, ସେ ବିଷୟରେ ଅବଗତ ହୋଇଛି।

**ଏଣେ କରୋନା କଟକଣା, ଆଗକୁ ପାର୍ବଣ ମଧ୍ୟ ଆସୁଛି। କଟକ କେତେ ଚ୍ୟାଲେଞ୍ଜିଂ ହେବ?**

- ଚ୍ୟାଲେଞ୍ଜିଂ ହେବା ନିଶ୍ଚିତ। କଟକକୁ ନେଇ ଅଭିଜ୍ଞତା ଅଧିକ ନାହିଁ। ତଥାପି ମୋର ପୋଲିସ ଭଉଣୀଭାଇଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସଠିକ ଭାବେ କରାଯିବ ବୋଲି ବିଶ୍ୱାସ। ଏବେ ସହରର ସ୍ଥିତି ବୁଝିନାହିଁ। ଖୁବଶୀଘ୍ର ସବୁ କିଛି ବୁଝିଯିବି।

# ପୁରୀ: ପଜିଟିଭ ସଂଖ୍ୟା ୪୦୦ ଟପିଲା

- ପୁଣି ୧୪ ସଂକ୍ରମିତ ଚିହ୍ନଟ
- ୨ କଣ୍ଟେନ୍‌ମେଣ୍ଟ ଜୋନ୍

**ପୁରୀ ଅଫିସ,୧୯।୭**

ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ କିଛିଦିନ ହେବ ଜିଲାରୁ ଅଧିକ ସଂଖ୍ୟକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଇତିମଧ୍ୟରେ ଜିଲାର ପଜିଟିଭ ସଂଖ୍ୟା ୪୦୦ ଟପିଛି। ରବିବାର ଜିଲାରୁ ୧୪ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ମୋଟ ପଜିଟିଭ ସଂଖ୍ୟା ୪୧୨ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୩୧୭ ସୁସ୍ଥ ହୋଇଥିବାବେଳେ ୯୨ଜଣ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କର ଭିନ୍ନ ରୋଗ ପାଇଁ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ନୂଆ ସଂକ୍ରମିତଙ୍କ ମଧ୍ୟରେ ଗୋପ, କୃଷ୍ଣପ୍ରସାଦ, ନିମାପଡ଼ା, ସତ୍ୟବାଦୀରୁ ଜଣେ ଲେଖାଏ ରହିଥିବାବେଳେ କଣାସର ୪ ଏବଂ ପୁରୀ ପୌରାଞ୍ଚଳରୁ ୬ଜଣ ରହିଛନ୍ତି। ପୌରାଞ୍ଚଳର ୬ ପଜିଟିଭଙ୍କ ମଧ୍ୟରୁ ୪ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ୨ଜଣ ସର୍ଭେରୁ ଚିହ୍ନଟ ହୋଇଛନ୍ତି। ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ପୁରୀ ସହରସ୍ଥ ଘୋଡ଼ାବଜାର ଏବଂ ଅନ୍ୟଜଣେ ଗୋରାକବର ଲେନ୍ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ଟ୍ରାଭେଲ ହିଷ୍ଟ୍ରି ଏବଂ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ୨୪ ନମ୍ବର ୱାର୍ଡ ଘୋଡ଼ାବଜାର (ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟ) ଏବଂ ୨୫ ନମ୍ବର ୱାର୍ଡ ୱାଟର ୱାର୍କ୍ସ ରୋଡ୍‌ର ଗୋରାକବର ଲେନ୍‌କୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବର୍ତ୍ତମାନ ଜିଲାର ୩୦ଟି ସ୍ଥାନରେ କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି। ଏତଦ୍‌ବ୍ୟତୀତ ୬/୭ଟି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟେଷ୍ଟିଂ ସୁବିଧା ଉପଲବ୍ଧ ଆରମ୍ଭ ହୋଇଛି। କାହାର ଯଦି କୌଣସି ଲକ୍ଷଣ ଯେପରି କି ଜ୍ୱର, ଥଣ୍ଡା, କାଶ ରହିଥାଏ ତେବେ ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇବାକୁ ଜିଲାପାଳ ବଳୱନ୍ତ ସିଂ ପରାମର୍ଶ ଦେଇଛନ୍ତି।

# ଠିକ୍ ପ୍ରାର୍ଥୀ ଚୟନ କରୁନି ବନ ବିଭାଗ

## ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିଯୁକ୍ତି ପ୍ରସଙ୍ଗ

- ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଲା ଓଡ଼ିଶା ବନ୍ୟପ୍ରାଣୀ ସମିତି

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ବନ ବିଭାଗରେ ନିଯୁକ୍ତ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ୨ ବର୍ଷିଆ କାର୍ଯ୍ୟକାଳ ଗତ ୧୬ ତାରିଖରେ ସରିଛି। ନୂଆ ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ବିଗତ ବର୍ଷଗୁଡ଼ିକରେ ଏକ୍ଷେତ୍ରରେ କିଛି ଅସଙ୍ଗତି ଦେଖାଦେଇଥିବାରୁ ଚଳିତ ବର୍ଷ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛି ନିଯୁକ୍ତି ଦେବାକୁ ଓଡ଼ିଶା ବନ୍ୟପ୍ରାଣୀ ସମିତି ଦାବି କରିଛି। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଛି ସମିତି।

ସମିତି କହିଛି, ଗତଥର ବରଗଡ଼, ନବରଙ୍ଗପୁର, କଳାହାଣ୍ଡି, ଗଜପତି, ବଲାଙ୍ଗୀର, ଭଦ୍ରକ ଏବଂ ଦେବଗଡ଼ ଜିଲା ପାଇଁ ଯେଉଁମାନେ ନିଯୁକ୍ତି ପାଇଥିଲେ ସେମାନେ ୨୦୧୮ ପୂର୍ବରୁ ଲଗାତର ୨ଥର ନିଯୁକ୍ତି ପାଇଛନ୍ତି। କିନ୍ତୁ ସେମାନଙ୍କ କାର୍ଯ୍ୟର ସମୀକ୍ଷା ହୋଇନାହିଁ। ୨୦୧୮ରେ ନିଯୁକ୍ତ ପ୍ରାର୍ଥୀଙ୍କ ବୟସ ୩୨ରୁ ୮୦ବର୍ଷ ପର୍ଯ୍ୟନ୍ତ ଥିଲା। ସେଥିମଧ୍ୟରୁ ୬୦ରୁ ୭୦ ବର୍ଷ ବୟସ୍କର ୮ଜଣ ନିଯୁକ୍ତି ପାଇଥିବାବେଳେ ୩ଜଣଙ୍କ ବୟସ ୭୦ବର୍ଷରୁ ଅଧିକ ଥିଲା। ଝାରସୁଗୁଡ଼ା ପ୍ରାର୍ଥୀଙ୍କ ବୟସ ୮୦ବର୍ଷ ହୋଇଥିଲା ବେଳେ, ଯାଜପୁର ପ୍ରାର୍ଥୀ ୭୦ ବର୍ଷ ଏବଂ ମାଲକାନଗିରିରେ ୭୦ରୁ ଅଳ୍ପ କମ୍ ଥିଲା। ୨୦୧୮-୨୦୨୦ରେ ନିଯୁକ୍ତ ପ୍ରାର୍ଥୀଙ୍କ ଭିତରେ ଖୁବ୍ କମ ଅତ୍ୟନ୍ତ ଭଲ କାମ କରିଛନ୍ତି। ସେମାନେ ପୁନଃ ନିଯୁକ୍ତି ପାଇଁ ଯୋଗ୍ୟ। ତେଣୁ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ନିଯୁକ୍ତି ଦେବା ଆବଶ୍ୟକ।

ସମିତିର ବିଶ୍ୱଜିତ ମହାନ୍ତି କହିଛନ୍ତି, ଅତୀତରେ ସ୍ଥାନୀୟ ଡିଏଫ୍‌ଓଙ୍କ ବିନା ଅନୁମୋଦନ ନ ଥାଇ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଛି। ପରେ ଆମ ଚିଠିକୁ ଭିତ୍ତି କରି ଉକ୍ତ ନିଯୁକ୍ତିକୁ ରଦ୍ଦ କରାଯାଇଛି। ଏହି ବେଆଇନ ନିଯୁକ୍ତି ଏକ ଗମ୍ଭୀର ଶାସନ ବ୍ୟାପାର। ଯେହେତୁ ଗତବର୍ଷ ହାତୀ, କଲରାପତରିଆ ବାଘ ଏବଂ ବଜ୍ରକାପ୍ତା ଶିକାରରେ ବୃଦ୍ଧି ଘଟିଛି, ତେଣୁ ବିଭିନ୍ନ ଜିଲା ପାଇଁ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିଯୁକ୍ତି ଦେବାବେଳେ ସେମାନଙ୍କର ଅତୀତର କାର୍ଯ୍ୟ କଳାପ, ବନ୍ୟପ୍ରାଣୀ ସଂରକ୍ଷଣରେ ଅଙ୍ଗୀକାରବଦ୍ଧତା, ଶାରୀରିକ ତଥା ସକ୍ଷମତା ବିଷୟକୁ ବିଚାରକୁ ନେବା ଉଚିତ ବୋଲି ବିଭାଗ ପାଖରେ ଦାବି ଉପସ୍ଥାପନ କରିଥିବା ବିଶ୍ୱଜିତ କହିଛନ୍ତି।

# କଟକଣା ଉଲ୍ଲଂଘନ: ୪ ମାଛ ବ୍ୟବସାୟୀଙ୍କୁ ଉଠାଇନେଲା ପୋଲିସ

**ପୁରୀ ଅଫିସ,୧୯।୭:**

ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଥିବାରୁ ସାପ୍ତାହିକ ଶଟ୍‌ଡାଉନ ଘୋଷଣା କରାଯାଇଛି। ହେଲେ ଅନେକ ଅମାନିଆ କୋଭିଡ୍ କଟକଣାକୁ ମାନୁନାହାନ୍ତି। ରବିବାର ଏହି କଟକଣା ନ ମାନି ମାଛଦୋକାନ ଖୋଲିଥିବା ୪ ବ୍ୟବସାୟୀଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଉଠାଇନେଇଥିଲା। ପରେ ୨ଟି ମାମଲା ରୁଜୁ କରାଯିବା ସହ ନୋଟିସ୍ ଦିଆଯାଇ ଛଡାଯାଇଥିଲା। ସକାଳେ ରେଡ୍‌କ୍ରସ ରୋଡସ୍ଥିତ ମାଛ ମାର୍କେଟରେ କେତେଜଣ ବ୍ୟବସାୟୀ ଦୋକାନ ଖୋଲିଥିଲେ। ମାଛ ନେବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। କେହି ସାମାଜିକ ଦୂରତ୍ୱ ମାନୁ ନ ଥିଲେ। ଖବର ପାଇ ପୋଲିସ ପହଞ୍ଚିବା ପରେ ଲୋକେ ପଳାଇଥିଲେ। କଟକଣା ନ ମାନି ଦୋକାନ ଖୋଲିଥିବାରୁ ପୋଲିସ ୪ଜଣ ମାଛ ବ୍ୟବସାୟୀଙ୍କୁ ଧରି ଥାନାକୁ ଆଣିଥିଲା। ସେମାନଙ୍କ ବିରୋଧରେ ୨ଟି ମାମଲା (ନଂ. ୧୮୪/୨୦ ଓ ୧୮୫/୨୦) ରୁଜୁ କରାଯାଇଛି। ଯେପରି ଏହାର ପୁନରାବୃତ୍ତି ନ ହୁଏ ସେଥିଲାଗି ନୋଟିସ୍ ଦିଆଯାଇ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଆଇଆଇସି କୁଳମଣି ସେଠୀ କହିଛନ୍ତି।


ପୋଲିସ ମାଛ ମାର୍କେଟରେ ଚଢ଼ାଉ କରୁଛି।

# ପରିଚାଳନାଗତ ତ୍ରୁଟି ପାଇଁ ବଦଳି

## କୋଭିଡ୍ ଯୋଦ୍ଧାଙ୍କୁ ନିମ୍ନମାନର ଖାଦ୍ୟ ପ୍ରସଙ୍ଗ

**ପୁରୀ ଅଫିସ,୧୯।୭**

କୋଭିଡ୍ ଯୋଦ୍ଧାଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ ନେଇ ଶନିବାର କେତେଜଣ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ସେମାନେ ଖାଦ୍ୟ ଯୋଗାଣକାରୀ ସଂସ୍ଥା ବିରୋଧରେ ଅଭିଯୋଗ କରିଥିଲେ। ଏଥିପାଇଁ କେତେଜଣ କର୍ମଚାରୀଙ୍କ ପରିଚାଳନାଗତ ତ୍ରୁଟିକୁ ଦାୟୀ କରାଯାଇ ରବିବାର ସେମାନଙ୍କୁ ବଦଳି କରାଯାଇଛି। ଶ୍ରୀଜଗନ୍ନାଥ ମେଡିକାଲ କଲେଜ କୋଭିଡ୍ କେୟାର ସେଣ୍ଟର ଅଥୋରାଇଜ୍‌ଡ ମେଡିକାଲ ଅଫିସର ଥିବା ଡା. ଲଲାଟେନ୍ଦୁ ମିଶ୍ରଙ୍କୁ ହଟାଯାଇ ଜିଲାର ସମସ୍ତ କୋଭିଡ୍ କେୟାର ସେଣ୍ଟରର ଓଭର ଅଲ୍ ଚାର୍ଜ ଏବଂ ତଦାରଖ ଦାୟିତ୍ୱ ଦିଆଯାଇଛି। ଡା. ପୁଣ୍ୟଶ୍ଳୋକ ଦାଶଙ୍କୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ କୋଭିଡ୍ କେୟାର ସେଣ୍ଟରର ଅଥୋରାଇଜ୍‌ଡ ମେଡିକାଲ ଅଫିସର, ମେଡିକାଲ ଅଫିସର ଡା. ଅର୍ଣ୍ଣବ ପଟ୍ଟନାୟକଙ୍କୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ସିସିସିରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ସିସିସିର ହସ୍ପିଟାଲ ମ୍ୟାନେଜର ପ୍ରଶାନ୍ତ ବରାଳଙ୍କୁ ତାଙ୍କ ପୂର୍ବ ଦାୟିତ୍ୱ ଏବଂ ଦୁଃଖୀଶ୍ୟାମ ପଟ୍ଟନାୟକଙ୍କୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ସିସିସିର ହସ୍ପିଟାଲ ମ୍ୟାନେଜର ଦାୟିତ୍ୱ ଦିଆଯାଇଛି। ତେବେ ସମ୍ପୃକ୍ତ ସଂସ୍ଥା ବିରୋଧରେ ପଦକ୍ଷେପ ନିଆ ନ ଯାଇ କୋଭିଡ୍ ଯୋଦ୍ଧାଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନକୁ ଅନେକେ ନାପସନ୍ଦ କରିଛନ୍ତି।

# କଟକ: ସକ୍ରିୟ ଆକ୍ରାନ୍ତ କମୁଛନ୍ତି

- ଆଜି ଖୋଲିବ ୩ କୋଭିଡ୍ କେୟାର ସେଣ୍ଟର
- ୪୨୫ ଶଯ୍ୟା ବ୍ୟବସ୍ଥା ହୋଇଛି
- ଲକ୍ଷଣହୀନଙ୍କ ଚିକିତ୍ସା କରାଯିବ
- ଲକ୍‌ଡାଉନରେ ବଢ଼ିବ ଆଣ୍ଟିଜେନ୍ ଟେଷ୍ଟ

**କଟକ ଅଫିସ,୧୯।୭**

କଟକ ଜିଲାରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିଛି। ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ ଜାରି ହୋଇଛି। କଣ୍ଟାକ୍ଟ ଟ୍ରେସିଂ ଚାଲିଛି। ଆଶା ଓ ଅଙ୍ଗନୱାଡ଼ି କର୍ମୀ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଅଧିକ ସଂଖ୍ୟାରେ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି। ଲକ୍ଷଣ ନ ଥିବା କିମ୍ବା କମ୍ ଲକ୍ଷଣ ଥିବା ଲୋକଙ୍କ ଚିକିତ୍ସା ପାଇଁ ସହର ଉପକଣ୍ଠରେ ୩ଟି କୋଭିଡ୍ କେୟାର୍ ସେଣ୍ଟର ପ୍ରସ୍ତୁତ କରାଯାଇଛି। ସୋମବାରଠାରୁ ଏଗୁଡ଼ିକ କାର୍ଯ୍ୟକ୍ଷମ ହେବ। କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ ରବିବାର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଗୋପାଳପୁର ଏଲ୍‌ଆଣ୍ଡଟି କୋଭିଡ୍ କେୟାର ସେଣ୍ଟରେ ୧୦୭, ବିଦ୍ୟାଧରପୁରସ୍ଥିତ ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ଼ କୋଠାରେ ୯୮ ଏବଂ ଓଡ଼ିଶା ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ କୋଠାରେ ୨୨୦ ଶଯ୍ୟା ବ୍ୟବସ୍ଥା ହୋଇଛି। ଏହି ୩ଟି ସେଣ୍ଟର ଖୋଲିଲେ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ଓ ଆଠଗଡ଼ସ୍ଥିତ କୋଭିଡ୍ କେୟାର୍ ସେଣ୍ଟର ଉପରୁ ଚାପ କମିବ। ରବିବାର ସୁଦ୍ଧା ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ୧୧୦ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବେଳେ ସେଥିରୁ ୬୩ ଜଣଙ୍କ ପାଖରେ ଲକ୍ଷଣ ନାହିଁ। ତେଣୁ ଲକ୍ଷଣହୀନଙ୍କ ଅପେକ୍ଷା ଗୁରୁତର ରୋଗୀଙ୍କ ପାଇଁ କୋଭିଡ୍ ହସ୍ପିଟାଲର ଆବଶ୍ୟକତା ରହିଛି। ସେହି ଦୃଷ୍ଟିରୁ ଲକ୍ଷଣହୀନଙ୍କ ଚିକିତ୍ସା ପାଇଁ କୋଭିଡ୍ କେୟାର୍ ସେଣ୍ଟର ପ୍ରତିଷ୍ଠା କରାଯାଇଛି।

ରବିବାର ସୁଦ୍ଧା କଟକ ସହରରେ ୩୫୦ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଶହ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଆକ୍ରାନ୍ତଙ୍କ ଅପେକ୍ଷା ସୁସ୍ଥଙ୍କ ସଂଖ୍ୟା ଅଧିକ। ଯେଉଁ ୭ ଜଣଙ୍କ ମୃତ୍ୟୁ ହୋଇଛି, ସେମାନେ କରୋନା ବ୍ୟତୀତ ଅନ୍ୟ ରୋଗରେ ଆକ୍ରାନ୍ତ ଥିଲେ। ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶଙ୍କ ସମ୍ପର୍କ ମେଡିକାଲ ସହ ଥିଲା। ସରକାରୀ ମେଡିକାଲକୁ ଅଧିକ ରୋଗୀ ଆସୁଥିବା ଯୋଗୁ ସଂକ୍ରମଣ ବ୍ୟାପିଥିଲା। ତେଣୁ ଓପିଡିରେ ଡାକ୍ତରମାନଙ୍କୁ ପିପିଇ କିଟ୍ ଦିଆଯାଇଛି। ଯେଉଁମାନେ ମେଡିକାଲରେ ଭର୍ତ୍ତି ହେଉଛନ୍ତି, ସେମାନଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି। ଶିଶୁ ଭବନ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପ୍ରାୟ ୭ ଶହ ଆଣ୍ଟିଜେନ୍ ଟେଷ୍ଟ ହୋଇସାରିଲାଣି। ଅନ୍ୟପକ୍ଷରେ ସହରରେ ବର୍ତ୍ତମାନ ୨ଟି କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ପୁରୁଣା ରାଉସପାଟଣା ଓ ପ୍ରତାପନଗରୀ ରହିଛି। ଆକ୍ଟିଭ୍ ସର୍ଭିଲାନ୍ସ ଯୋଗୁ ରାଉସପାଟଣାରେ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇପାରିଛି ବୋଲି କମିଶନର ଦାସ କହିଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୨୦ ଜୁଲାଇ, ୨୦୨୦

ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ତର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। -ଶ୍ରୀଅରବିନ୍ଦ



# ଅର୍ଥନୀତି ବଞ୍ଚାଅ

ଭାରତରେ କୋଭିଡ୍-୧୯ ସଂକ୍ରମଣ ହାର ବୃଦ୍ଧି ପାଇବାରେ ଲାଗିଛି। ଏହି ଭୂତାଣୁକୁ ପ୍ରତିହତ କରିବା ଲାଗି ଟିକା ପ୍ରସ୍ତୁତି ଚାଲିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବାରମ୍ବାର କୁହାଯାଉଛି। ହେଲେ ଏହା କେବେ ବଜାର ଦେଖିବ ତାହା କହିବା କଷ୍ଟକର। କେବଳ ସେତିକି ନୁହେଁ, ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନ ଥିବା କୋଭିଡ୍-୧୯ ଟିକା ପ୍ରଥମେ ଯେତେବେଳେ ପଦାର୍ପଣ କରିବ, ସେତେବେଳେ ତାହାର କେଉଁଭଳି ଶକ୍ତି ରହିଛି ତାହା ମଧ୍ୟ ଦେଖିବାକୁ ବାକି ଅଛି। ପରିସ୍ଥିତି ଉଦ୍‌ବେଗଜନକ ହେଉଥିବାରୁ ୧୯ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇଡାପାଡି ପାଲାନିସାମୀଙ୍କ ସମେତ ୭ ମୁଖ୍ୟମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରିଛନ୍ତି। ହୁଏତ କୋଭିଡ୍-୧୯ ସଂକ୍ରମଣକୁ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଭବିଷ୍ୟତର ପଦକ୍ଷେପ ସମ୍ପର୍କରେ ମତ ଲୋଡୁଥାଇପାରନ୍ତି। ବିଶେଷକରି ଭାରତୀୟ ଭେଷଜ ସଂଘ (ଆଇଏମ୍ଏ) ଗୋଷ୍ଠୀ ସଂକ୍ରମଣ ଭାରତରେ ଆରମ୍ଭ ହୋଇଯାଇସାରିଲାଣି ବୋଲି ଘୋଷଣା କରିବା ପରେ ସ୍ଥିତି ଅଧିକ ଗମ୍ଭୀର ହୋଇପଡ଼ିଲାଣି। ଯେଉଁସବୁ ଦେଶରେ ରାଜନେତାଙ୍କ ବ୍ୟତୀତ ଡାକ୍ତର, ବୈଜ୍ଞାନିକ, ଗବେଷକ, ସାମାଜିକ ନେତୃତ୍ୱ ଏବଂ ଗଣମାଧ୍ୟମ ସହିତ ଆଲୋଚନା କରି ପଦକ୍ଷେପ ନିଆଯାଇଛି, ସେଠାରେ ଦେଖିବାକୁ ମିଳିଛି ଯେ କୋଭିଡ୍‌ର ବ୍ୟାପିବା ଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ନ ହେଲେ ମଧ୍ୟ ଅନେକାଂଶରେ ଧିମେଇ ଦିଆଯାଇପାରିଛି। ଦୁଃଖର ବିଷୟ ଯେ, ତାହା ଭାରତରେ କରାଯାଉନାହିଁ।

ଇତିମଧ୍ୟରେ ଜୁଲାଇ ୩୧ ଯାଏ ଓଡ଼ିଶା ସମେତ କେତେକ ରାଜ୍ୟ ଲକ୍‌ଡାଉନ୍ କରିଥିବା ବେଳେ ଆଉ କିଛି ରାଜ୍ୟ ପୁଣି ଲକ୍‌ଡାଉନ୍ ଲାଗୁ କରିବା ସକାଶେ ଚିନ୍ତା କରୁଥିବା ଗଣମାଧ୍ୟମରୁ ଜଣାପଡୁଛି। ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଲକ୍‌ଡାଉନ୍ ଜରିଆରେ ସଂକ୍ରମଣକୁ ପ୍ରତିହତ କରିବା ସମ୍ଭବ ମନେହେଉ ନାହିଁ। କେରଳ ମୁଖ୍ୟମନ୍ତ୍ରୀ ପିନରୟୀ ବିଜୟନ ମଧ୍ୟ କହିସାରିଲେଣି ଯେ ସେଠାରେ ଗୋଷ୍ଠୀ ସଂକ୍ରମଣ ହୋଇଗଲାଣି। ଭାରତ ସରକାର ଏହି ବିଷୟକୁ ସ୍ୱୀକାର କରି ନ ଥିଲେ ମଧ୍ୟ ସଂକ୍ରମଣର ଧାରାକୁ ଦେଖିଲେ ଏହା ସତ୍ୟ ବୋଲି ଅନୁଭୂତ ହେଲାଣି। ଏଠାରେ ପୁନର୍ବାର ଆଇଏମ୍ଏ ଅଧ୍ୟକ୍ଷ ଭି. କେ. ମୋଙ୍ଗାଙ୍କ କହିବା ଅନୁଯାୟୀ ଭାରତର ସହରାଞ୍ଚଳରେ ସଂକ୍ରମଣକୁ ଆୟତ୍ତ କରିବା ଅନେକ ମାତ୍ରାରେ ସମ୍ଭବପର ହୋଇଛି, କିନ୍ତୁ ଏବକାର ସ୍ଥିତିକୁ ଦେଖିଲେ ତାହା ଅସମ୍ଭାଳ ହେବାକୁ ଯାଉଛି କାରଣ କରୋନା ବର୍ତ୍ତମାନ ଗ୍ରାମାଞ୍ଚଳରେ ପ୍ରବଳମାତ୍ରାରେ ଗୋଷ୍ଠୀ ସଂକ୍ରମଣ ଆଡ଼କୁ ଯାଉଛି। ଯେତେବେଳେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଛି, ସେତେବେଳେ ସରକାର ଏହାକୁ ପ୍ରତିହତ କରିବା ଲାଗି କେବଳ ଲକ୍‌ଡାଉନ୍ କରିଦେଲେ ସ୍ଥିତିରେ ସୁଧାର ଆସିଯିବ ବୋଲି ଭାବିହେଉ ନାହିଁ। ବରଂ ଏଭଳି କଟକଣା ଅର୍ଥନୀତିକୁ ଆହୁରି ଦୁର୍ବଳ କରିଦେବ।

ଏବେ ପ୍ରବାସୀ ଶ୍ରମିକଙ୍କ ପ୍ରସଙ୍ଗକୁ ଦେଖାଯାଉ। କେନ୍ଦ୍ର ସରକାର ମୂଳ ଲକ୍‌ଡାଉନ୍ ଅର୍ଥାତ୍ ମାର୍ଚ୍ଚ ୨୫ରେ ନିଷ୍ପତ୍ତି କରିବା ବେଳେ ଭାବିଚିନ୍ତି ପଦକ୍ଷେପ ନେବାରେ ବିଫଳ ହେବାରୁ ଫଳ ଏବେ ସମସ୍ତଙ୍କୁ ଭୋଗିବାକୁ ପଡୁଛି। ଏଠାରେ ମନେରଖିବାକୁ ହେବ ଯେ, ଏହି ଭୂତାଣୁ ଭାରତରେ ଜନ୍ମ ନେଇନାହିଁ। ଏହା ବିଦେଶରୁ ଆସିଥିବା ଏକ ସଂକ୍ରମଣ। ଭାରତ ସରକାରଙ୍କ ଉତ୍ସାହପୂର୍ବକ ପଦକ୍ଷେପ ଯୋଗୁ ଏହି ବର୍ଷ ଫେବୃୟାରୀ ଓ ମାର୍ଚ୍ଚରେ ବିଦେଶରୁ ବିମାନ ଯୋଗେ ବହୁ ଭାରତୀୟଙ୍କୁ ସରକାରୀ ଖର୍ଚ୍ଚ ଓ ବ୍ୟବସ୍ଥା ମାଧ୍ୟମରେ ଘରକୁ ଫେରାଇ ଅଣାଯାଇଥିଲା। ସେଥିଯୋଗୁ କୋଭିଡ୍-୧୯ ପ୍ରଥମେ ଭାରତ ମାଟି ଛୁଇଁଥିଲା। ଯଦି ମାର୍ଚ୍ଚ ୨୫ରେ ଲକ୍‌ଡାଉନ୍ ପରିବର୍ତ୍ତେ ତାହା ପୂର୍ବରୁ ଉଡ଼ାଜାହାଜ ଗମନାଗମନ ବନ୍ଦ କରାଯାଇପାରିଥାଆନ୍ତା, ତେବେ ହୁଏତ ଆଜିର ଏହି ସ୍ଥିତି ଅସମ୍ଭାଳ ହୋଇ ନ ଥାଆନ୍ତା। ପୁଣି ଯେତେବେଳେ ସଂକ୍ରମଣ ସ୍ତର ଅତି ନଗଣ୍ୟ ଥିଲା ସେତେବେଳେ ପ୍ରବାସୀ ଶ୍ରମିକଙ୍କ ଯାତାୟାତ ଉପରେ କଟକଣା ଲଗାଇ ଦିଆଗଲା। ପରବର୍ତ୍ତୀ ସମୟରେ ସ୍ଥିତି ଅସମ୍ଭାଳ ହେଲା ବେଳକୁ ସେହି ଶ୍ରମିକମାନଙ୍କୁ ଘରକୁ ଫେରିବାର ସୁଯୋଗ ଦିଆଗଲା। ସେଥିପାଇଁ ଆଜି ଓଡ଼ିଶା, ବିହାର ସମେତ ବହୁ ରାଜ୍ୟରେ ସଂକ୍ରମଣ ବଢ଼ିବଢ଼ି ଚାଲିଛି। ଏତଦ୍‌ଭିନ୍ନ ଯେଉଁ ସମସ୍ୟା ବର୍ତ୍ତମାନ ଗ୍ରାମାଞ୍ଚଳରେ ଉତ୍କଟ ହେବାରେ ଲାଗିଛି ତାହା ହେଲା ଅସଂଖ୍ୟ ପ୍ରବାସୀଙ୍କ ପରିବାର ଆର୍ଥିକ ସଙ୍କଟରେ ପଡ଼ିବା। ଯାହା ରୋଜଗାର କରି ଆଣିଥିଲେ ସବୁତକ ସରିଯିବା ପରେ ପରିବାର ଅର୍ଥାଭାବରେ ପଡ଼ିଯାଇଛନ୍ତି। ସରକାରଙ୍କଠାରୁ ଯେଉଁ ଚାଉଳ ବା ଆନୁଷଙ୍ଗିକ ସୁବିଧା ମିଳୁଛି ତାହା ଗୁଜୁରାଣ ମେଣ୍ଟାଇ ପାରୁନାହିଁ। ସେଥିପାଇଁ ଅନେକ ସ୍ଥାନରେ ଘରୋଇ ହିଂସା ବଢ଼ିବାରେ ଲାଗିଛି। କେତେକ ନିଜର ପୂର୍ବ କର୍ମସ୍ଥଳୀରୁ ଡକରା ପାଇ ଫେରି ଯାଉଥିବା ଖବର ମଧ୍ୟ ଶୁଣିବାକୁ ମିଳୁଛି। ଏଥିରୁ ବୁଝିବାକୁ ହେବ ଯେ ଅର୍ଥନୈତିକ କାର୍ଯ୍ୟକଳାପ ମଣିଷ ପାଇଁ ସର୍ବୋଚ୍ଚ ଚାହିଦା ଭାବେ ରହୁଛି। କେତେକେ କହୁଥିବା ଶୁଣିବାକୁ ମିଳୁଛି ଯେ, କରୋନାରେ ତ ଏମତି ମରିବୁ, କାମ କରି ପଛେ ମଲେ ମରିବୁ। ଅର୍ଥାତ୍ ପେଟର ଭୋକ ଭୂତାଣୁ ସଂକ୍ରମଣକୁ ପଛରେ ପକାଇ ଦେଇଛି। ଏଥିପାଇଁ ସରକାର କେବଳ ଲକ୍‌ଡାଉନ୍ କରିଦେଲେ ସଂକ୍ରମଣ ସ୍ତରକୁ ରୋକି ହେବ ନାହିଁ। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇ ସରକାରୀ ନିୟମାବଳୀକୁ ପାଳନ କରିବା ସକାଶେ ଲୋକେ ଶିଖିବା ଦରକାର। ସବୁ କଥାରେ ସରକାର ତାଗିଦ୍ କରୁ ବୋଲି କହିଲେ ତାହା ଭାରତରେ ସମ୍ଭବପର ହେଉ ନାହିଁ। କାରଣ ମାର୍ଚ୍ଚଠାରୁ ଆଜି ପର୍ଯ୍ୟନ୍ତ ଯାହା କିଛି କେନ୍ଦ୍ର ବା ରାଜ୍ୟ ସରକାରଗୁଡ଼ିକ କରୁଛନ୍ତି, ପ୍ରାୟ ସବୁ ପଦକ୍ଷେପ ତ୍ରୁଟିପୂର୍ଣ୍ଣ ଥିବାରୁ ଫଳାଫଳ ବ୍ୟର୍ଥ ଯାଉଛି। ତାହାର ସବୁଠାରୁ ବଡ଼ ପ୍ରମାଣ ହେଲା, ଯାହା ଆଇଏମ୍ଏ କହୁଛି, ଭାରତରେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇଗଲାଣି।

ଜୀବନ ଓ ଜୀବିକା ମଧ୍ୟରେ ଏ ଯେଉଁ ସଂଘର୍ଷର ଚିତ୍ର ସାମ୍ନାକୁ ଆସୁଛି ସେଥିରେ ଲୋକଙ୍କ ପାଇଁ ଖାଦ୍ୟ ଚିନ୍ତା ସର୍ବାଗ୍ରେ ରହୁଛି। ଏବେ ସମୟ ଆସିଲାଣି ସରକାରଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଘଟିବା ଦରକାର। ଜନସାଧାରଣ ସଚେତନ ହୋଇ ନିଜର ସୁରକ୍ଷା ସମ୍ପର୍କରେ କାର୍ଯ୍ୟ କରିବା ସହିତ ସରକାର ଅତି ଅତିଶ୍ରୀଘ୍ର ଦେଶର ଭୁଶୁଡ଼ି ପଡ଼ିଥିବା ଅର୍ଥନୀତିକୁ ସଜାଡ଼ିବାରେ ଲାଗିପଡ଼ନ୍ତୁ। କୋଭିଡ୍-୧୯ରେ ଆହୁରି ଅନେକ ଭାରତୀୟ ଆକ୍ରାନ୍ତ ହେବେ। କିନ୍ତୁ ତାହାଠାରୁ ଯଥେଷ୍ଟ ଅଧିକ କଳବଲ ହେବେ ଯଦି ସରକାର ନିଜର ଶକ୍ତି ଅର୍ଥନୀତିକୁ ବଞ୍ଚାଇବା ପାଇଁ ବ୍ୟବହାର ନ କରି ନୀରବଦ୍ରଷ୍ଟା ପାଲଟିଯିବେ।

## ସାପ୍ତାହିକ ପଞ୍ଜିକା

**ଜୁଲାଇ ୧୩ :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ। ଓଡ଼ିଶାର ପାସ୍ ହାର ଅଧିକ।

**ଜୁଲାଇ ୧୪:** ସଚିନ ପାଇଲଟଙ୍କୁ ଉଭୟ ଉପ-ମୁଖ୍ୟମନ୍ତ୍ରୀ ଓ ରାଜସ୍ଥାନ କଂଗ୍ରେସ କମିଟି (ପିସିସି) ସଭାପତି ପଦରୁ ହଟାଇ ଦିଆଯାଇଛି।

**ଜୁଲାଇ ୧୫ :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାଫଳ ପ୍ରକାଶ ପାଇଛି। ଓଡ଼ିଶାରେ ପାସ୍ ହାର ୯୧.୫୦%।

**ଜୁଲାଇ ୧୬ :** ରାଜ୍ୟରେ ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ଯାଜପୁର ସମେତ ରାଉରକେଲାରେ ୧୭ ତାରିଖ ରାତି ୯ରୁ ୩୧ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | D | | A | 5 | 9 | | | | | |
| D | | | | | | | | | 5 | | 8 | 2 | | |
| 0 | | | | A | | | | | 4 | C | | 1 | 9 | 7 |
| 5 | 2 | | | | 0 | 6 | D | | | | | | | |
| 8 | | | | 9 | 2 | | | B | | | | | 0 | |
| 4 | | 8 | | | | | 5 | | B | | 7 | | | 0 |
| | | E | | | | 9 | 2 | 1 | | | 5 | | | |
| | | | | | | 7 | | | C | D | 9 | 3 | 1 | |
| | | | | | 1 | | 0 | | | 4 | | | E | D |
| | | | A | | E | | | 8 | | 6 | | C | | B |
| 1 | | | | C | | | | | | | | 6 | | 4 |
| 9 | | | 3 | D | 8 | | | | | | 6 | E | | |
| | | | | 1 | B | | | | 0 | 5 | | | A | |
| C | | | | | | | | 6 | | 8 | | | D | 2 |
| | | | | | 4 | | E | 0 | 3 | | 1 | 8 | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 4 | 1 | 0 | C | 7 | 6 | 3 | 9 | 8 | D | A | B | 5 | 2 |
| 0 | 9 | C | 6 | 5 | D | B | 2 | A | 3 | E | 4 | 7 | 8 | 1 |
| A | 6 | D | 8 | 1 | B | 0 | C | 4 | 2 | 7 | 5 | 9 | 3 | E |
| 2 | 8 | 7 | 4 | E | 3 | 1 | D | 5 | B | C | 9 | A | 6 | 0 |
| 5 | 3 | B | 2 | 9 | A | 8 | E | 7 | 1 | 6 | 0 | C | D | 4 |
| 1 | E | 2 | D | B | 9 | 5 | 4 | C | 0 | A | 6 | 3 | 7 | 8 |
| 3 | 0 | A | C | 7 | 1 | E | B | D | 4 | 5 | 8 | 2 | 9 | 6 |
| 8 | C | 6 | 5 | 0 | 2 | 7 | 9 | 1 | D | 3 | E | 4 | A | B |
| 7 | D | 4 | E | A | 8 | 3 | 6 | 2 | C | 9 | B | 1 | 0 | 5 |
| B | 5 | 9 | 3 | 6 | 4 | A | 0 | 8 | 7 | 1 | 2 | D | E | C |
| 6 | 1 | 0 | 9 | D | E | 2 | 7 | B | A | 8 | C | 5 | 4 | 3 |
| C | 7 | 8 | B | 4 | 6 | D | 5 | E | 9 | 2 | 3 | 0 | 1 | A |
| 4 | B | 3 | 1 | 2 | 5 | 9 | A | 6 | E | 0 | D | 8 | C | 7 |
| D | A | E | 7 | 3 | C | 4 | 8 | 0 | 5 | B | 1 | 6 | 2 | 9 |
| 9 | 2 | 5 | A | 8 | 0 | C | 1 | 3 | 6 | 4 | 7 | E | B | D |

ଗତକାଲିର ଉତ୍ତର

# ଆଲ୍‌ବର୍ଟଙ୍କଠାରୁ ଓଲୀଙ୍କ ରାମରାଜ୍ୟ ଯାଏ



ସାରଦା ପ୍ରସାଦ କର

ହରିୟାଣାର ଜିନ୍ଦ୍ ଅନ୍ତର୍ଗତ ଗୁଲକାନୀ ଗାଁରେ ଗତ ଛଅ ତାରିଖରେ ୧୩ ବର୍ଷୀୟ ମୁସଲମାନ ଝିଅଟିର ମୃତ୍ୟୁ ପରେ କବରଖାନା ଜଳମଗ୍ନ ଥିବାରୁ ପରିବାରର ଚିନ୍ତା ବଢ଼ିଗଲା। ଆଗେଇ ଆସିଲେ ପଡ଼ୋଶୀ ହିନ୍ଦୁ ପରିବାର। କବରଖାନା ପାଇଁ ଜାଗାଦେବା ପରେ ମୁସଲମାନ ସମୁଦାୟଙ୍କଠୁ ଅଜସ୍ର ଅଭିନନ୍ଦନ ପାଇଲେ। ଏହା ବୋଧେ ସନାତନ ସର୍ବେଶ୍ୱରବାଦ, ରାମରେ ବିଶ୍ୱାସ ହେଲେ ରହିମର୍ ଅସମ୍ମାନ ନ ହେଉ। କିନ୍ତୁ ଚାଇନାର ପଡ଼ୋଶୀ ଜାଗାରୁ ଦୁଇହାତ ଦରକାର, ନେପାଳ ନକ୍ସା ବଦଳାଉଛି ରାତିଅଧିଆ। ୧୯୩୦ମସିହା ଗ୍ରୀଷ୍ମଋତୁରେ 'କାପୁଥ' ରହଣି ସମୟରେ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ 'What I believe' ବା 'କ'ଣ ମୁଁ ବିଶ୍ୱାସ କରେ' ନାମରେ ଖଣ୍ଡିଏ ବହି ରଚନା କରିଥିଲେ। ଏଥିରେ ଧର୍ମ କହିଲେ କ'ଣ ବୁଝନ୍ତି, ତା'ର ସରଳ ବ୍ୟାଖ୍ୟାରେ ସେ ଲେଖିଥିଲେ, ଆମ ପାଇଁ ସବୁଠାରୁ ଭାବପ୍ରବଣ ଅନୁଭୂତି ହେଉଛି ରହସ୍ୟାବୃତ ସୃଷ୍ଟି। ଏହା ତ ଆମ ପାଇଁ ମୌଳିକ ଭାବପ୍ରବଣତା। ଭାବପ୍ରବଣତାଠାରୁ ଦୂରରେ ରହୁଥିବା ବ୍ୟକ୍ତି ସୃଷ୍ଟିର ସୌନ୍ଦର୍ଯ୍ୟରେ ଆଶ୍ଚର୍ଯ୍ୟ ହୁଏନାହିଁ, ନିମଗ୍ନ ବି ହୋଇପାରେ ନାହିଁ। ସତେ ଯେମିତି ସେ ମୃତ ଅଥବା ନିର୍ବାପିତ ହେବାର ଦୀପଶିଖା! ''ଆପଣ କ'ଣ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି?'' ଏହି ପ୍ରଶ୍ନର ଉତ୍ତର ପଚାଶଟି ଶବ୍ଦରେ ଦେବାର ଅନୁରୋଧ କରି ଜଣେ ଇହୁଦୀ ଧର୍ମଗୁରୁ ଟେଲିଗ୍ରାମର ଶୁଳ୍କ ପଇଠ କରିଦେଇଥିଲେ। ଆଇନ୍‌ଷ୍ଟାଇନ୍ ପଚାଶଟି ଶବ୍ଦ ମଧ୍ୟରେ ଯେଉଁ ଉତ୍ତର ରଖିଥିଲେ ତାହା ଥିଲା, ''ମୁଁ ସ୍ପିନୋଜାଙ୍କ ସର୍ବେଶ୍ୱରବାଦରେ ବିଶ୍ୱାସ କରେ, ଯାହା କିଛି ଶୃଙ୍ଖଳିତ, ପରସ୍ପର ସହିତ ସୁସଂହତ ନିୟମରେ ପରିଚାଳିତ ତାହା ହିଁ ଈଶ୍ୱରଙ୍କ ଉପସ୍ଥିତି ବୁଝାଏ। କିନ୍ତୁ ଯେଉଁ ଈଶ୍ୱର ଭାଗ୍ୟ ସହିତ ସୁସମ୍ପର୍କିତ ସେଭଳି ଈଶ୍ୱରଙ୍କୁ ମୁଁ ଜାଣେନାହିଁ।''

ବିକାଶ ପଥରେ ଦ୍ରୁତ ଅଗ୍ରଗତି କରୁଥିବା ଭାରତର ନିମ୍ନ କିମ୍ବା ଉଚ୍ଚ ମଧ୍ୟବିତ୍ତ ବର୍ଗର ୯୮ ଭାଗ ହିଁ ଦେଶର ଭାଗ୍ୟ ବିଧାତା। ରାମଙ୍କ ଉପରେ ବିଶ୍ୱାସ ଆଉ ନିଜ କାମରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ଭାରତୀୟ ଏବେ ପଡ଼ୋଶୀର ଦୁଃଖରେ ଦୁଃଖୀ କିନ୍ତୁ ପଡ଼ୋଶୀର ପ୍ରାଚୁର୍ଯ୍ୟ ଦେଖି ଭୟଭୀତ ନୁହଁ। ୨୦୧୮ରୁ ଦ୍ୱିତୀୟବାର ପ୍ରଧାନମନ୍ତ୍ରୀ ମଙ୍ଗ ଧରିଥିବା 'ଧ୍ରୁବ' ଓରଫ୍ ଖଡ୍ଗପ୍ରସାଦ ଶର୍ମା ଓଲୀଙ୍କ ରାମରାଜ୍ୟକୁ ନେଇ ବିଚଳିତ ନୁହଁ ଭାରତ। ୧୮୬୮ ମସିହାରୁ ମରଣ ହୋଇସାରିଥିବା ଭାନୁଭକ୍ତଙ୍କ ଭୂତ ଜଣେ କମ୍ୟୁନିଷ୍ଟ ପାଗଳକୁ ସବାର ହବାରେ ଭାରତ ଆଶ୍ଚର୍ଯ୍ୟ ନୁହେଁ। କିନ୍ତୁ ବିନା ସାଧନା କି ମେହନତୀ ବିନା ଅସରନ୍ତି ସାଧନା ପ୍ରାପ୍ତ ହୋଇଥିବା ଆମର ପଡ଼ୋଶୀରାଷ୍ଟ୍ର ନେପାଳ ବିଷୟରେ ଆମେ ଖବର ପାଉଛୁ। କଳାପାଣି, ଲିମ୍ପିୟାଧୁରା ଓ ଲିପୁଲେଖ ଯାହା ମହାକାଳୀ ନଦୀର ପୂର୍ବତଟରେ ଅବସ୍ଥିତ, ତାକୁ ନୂଆ ମାନଚିତ୍ରରେ ନିଜର ଦର୍ଶାଇ ୧୯୫୦ର ଇଣ୍ଡୋ-ନେପାଳ ବନ୍ଧୁତ୍ୱ ଚୁକ୍ତିକୁ ଫାଙ୍କି ଦବାକୁ ଚାହୁଁଥିବା ନେପାଳ ପ୍ରଧାନମନ୍ତ୍ରୀ ଓଲୀ ଯେ ଜିନ୍‌ପିଙ୍ଗଙ୍କ କରୋନା ହାତଧରି ଚାଲିଶିଖିବାକୁ ଚାହୁଁଛନ୍ତି ଏହା ବିଶ୍ୱକୁ ଜଣା।

୮୨ ଭାଗ ହିନ୍ଦୁଙ୍କ ମାନସିକତାକୁ ନେଇ ଖେଳ ଖେଳିବାକୁ ଚାହୁଁଥିବା ଓଲୀଙ୍କ ଆଗରେ ସମୁଦାୟ ତିନିକୋଟି ଲୋକଙ୍କ ଦାୟିତ୍ୱ। ଦେଶର ୫୦.୫ ପ୍ରତିଶତ ମହିଳା, ଦୈନିକ ୧୨୨୬ ନବଜାତ ହିସାବରେ ବାର୍ଷିକ ୨,୬୪,୧୬୮ ଯୋଡ଼ି ହେଉଥିବା ଜନସଂଖ୍ୟାର ବୋଝ, ୨୮ଲକ୍ଷ ଝୋପଡ଼ିରେ ରହୁଥିବା ଲୋକ ବିଶେଷକରି ଛୋଟଛୁଆଙ୍କ ପାଇଁ କିଛି କରିବାର ପ୍ରାଥମିକତା ରହିଛି ଓଲୀଙ୍କ ପାଖରେ। ବାସହୀନ ୨.୫ ଲକ୍ଷ ଲୋକଙ୍କୁ ବାସଗୃହ ଯୋଗେଇବା ପୂର୍ବ ପ୍ରତିଶ୍ରୁତିରୁ ଦୂରେଇ ଯାଇ ଭାରତ ସହ ରାମମନ୍ଦିର ବିବାଦ ଆରମ୍ଭ କଲେ ଓଲୀଙ୍କ ଶାସନକାଳ ଦେଶ ପାଇଁ ଦୁର୍ଯୋଗକୁ ଆମନ୍ତ୍ରଣ କରିବ। ଦେଶର ୪ ପ୍ରତିଶତ ମୁସଲିମ୍ ରାଷ୍ଟ୍ରାକୁ ଓହ୍ଲେଇ କହିଲେଣି, ନେପାଳ ଯଦି ହିନ୍ଦୁରାଷ୍ଟ୍ର ହୁଏ ତେବେ ସେମାନେ ଅଧିକ ସୁରକ୍ଷିତ ମନେକରିବେ। ଦେଶରେ କ୍ଷୁଧା, ବେରୋଜଗାରୀ ଉତ୍କଟ ହେଉଛି। ଓଲୀ ନିଜର ଦାୟିତ୍ୱହୀନତାର ବୋଝ ଭାରତ ଉପରେ ନ ଲଦନ୍ତୁ। ନେପାଳ ବୀରଗଞ୍ଜର ପଶ୍ଚିମାଞ୍ଚଳ 'ଥୋରୀ' ହିଁ ରାମଙ୍କର ଜନ୍ମସ୍ଥାନ କହିବାରେ ପ୍ରଧାନମନ୍ତ୍ରୀ ଓଲୀ ଯେ ଜଣେ ସଂସ୍କୃତି-ଧର୍ମ-ଧାରଣା ଆଦିରେ ଅନଭିଜ୍ଞ ଧରାପଡ଼ିଛି।

କ୍ୱାଣ୍ଟମ୍ ତତ୍ତ୍ୱର ପ୍ରଭାବ ଅନେକ ଗୂଢ଼ ରହସ୍ୟ ଉନ୍ମୋଚନ କରିପାରେ ଉକ୍ତିରେ ଆଇନ୍‌ଷ୍ଟାଇନ୍ ସଂଯୋଜନା କରିଥିଲେ ଯେ ''ଈଶ୍ୱର ସୃଷ୍ଟି ସହିତ ପଶା ଖେଳନ୍ତି ନାହିଁ। ପ୍ରକୃତିର ନିୟମ ନ ଥାଇ ବିଶ୍ୱ ନାହିଁ, ସଂକ୍ଷେପରେ କହିଲେ ଏହି ବିଶ୍ୱ ହିଁ ଶୃଙ୍ଖଳା।'' 'ଝାପ୍ପା' ଗଣବିଦ୍ରୋହର ନରସଂହାରକାରୀ ନେପାଳ ପ୍ରଧାନମନ୍ତ୍ରୀ ଏଭଳି ଶୃଙ୍ଖଳା ଜ୍ଞାନର କଥାକୁ ଅବୁଝା ହେବା ସ୍ୱାଭାବିକ। ବସନ୍ତ ରୋଗରେ ମାତୃ ବିୟୋଗ ବେଳକୁ ଓଲୀଙ୍କୁ ମାତ୍ର ୪ ବର୍ଷ। ଜେଜେ ମା' ରାମାୟାଙ୍କ ଦ୍ୱାରା ଲାଳନ ପାଳନ ହୋଇ ତେହେରାଥୁମ୍‌ରେ ପ୍ରାଥମିକ ଶିକ୍ଷା ସମାପ୍ତ କରି ସେ ୧୯୬୨ରେ 'ଝାପ୍ପା' ପଳେଇଥିଲେ। ନିଜର ସ୍ୱଳ୍ପଜ୍ଞାନ ଓ ଚାଇନା କମ୍ୟୁନିଷ୍ଟ ଆଦର୍ଶକୁ ଅଣ୍ଟିଧନ କରିଥିବା ଓଲୀଙ୍କ ପାଇଁ 'ରାଷ୍ଟ୍ରଭକ୍ତି' ନିଲାମରେ ଅଂଶଗ୍ରହଣ ପରି। ଜନସଂଖ୍ୟାର ତିନିଭାଗରୁ ଭାଗେ ଗରିବୀ ରେଖାର ତଳେ ଥିବା ନେପାଳ ଜାତିସଂଘର ଗରିବୀ ଇଣ୍ଡେକ୍ସର ଉପର ପଚିଶ ଗୋଟି ଦେଶ ଭିତରେ ଏକ। ଗ୍ରାମାଞ୍ଚଳରେ ବାସକରୁଥିବା ୮୦ଭାଗ ନେପାଳୀ ଲୋକଙ୍କ ପାଇଁ ଭାରତ ତା'ର ସହାନୁଭୂତି ପ୍ରକାଶ କରିଆସିଛି କାଳେକାଳେ। ୬୫ ଭାଗ ଚାଷ ଉପରେ ନିର୍ଭର ଦେଶର ଜି.ଡି.ପି.କୁ ଦାନ ମାତ୍ର ୩୧.୭ ପ୍ରତିଶତ। ବିଦେଶରେ ଛୋଟମୋଟ କାମ କରି ଦେଶର ୯.୧ ପ୍ରତିଶତ ବଡ଼ଭାଗୀଦାରି ନେପାଳୀ ଲୋକର। ରୋମ୍ ଜଳୁଥିବା ବେଳେ ରାଜା ନୀରୋ ବୀଣା ବଜଉଥିଲା ଭଳି କେ.ପି. ଶର୍ମା ଓଲୀ ସମ୍ବିଧାନର ତୃତୀୟ ଅନୁଚ୍ଛେଦ ଧାରା-୧୮ 'ସମାନ ଅଧିକାର' କଥା ଖାତାପତ୍ରରେ ସାଇତି ରଖି ଦେଶର ଦୁର୍ଦ୍ଦଶା ଦେଖୁଛନ୍ତି। କଥାରେ ଅଛି- ''ଏଣୁ କାଞ୍ଜି ଗଲା ଖରେ ଯାଇ ପଶିଲା କମାର ଘରେ, ଏଣୁ କମାର ତେଣୁ କମାର କାଞ୍ଜିକୁ ଦେଲେ ଲୁହାପାହାର।'' ଭାରତ ସହ ଅର୍ଥନୀତିର ପ୍ରମୁଖ ପଡ଼ୋଶୀ ସହଭାଗୀ ଚାଇନା ଦ୍ୱାରା ନେପାଳ ନାକ ଘଷିବ ଯେମିତି ଏବେ ପାକିସ୍ତାନ ରଣଯନ୍ତାରେ ବନ୍ଧା ପଡ଼ିଛି ଚାଇନା ପାଖରେ। ହେଲେ ରାମମନ୍ଦିରକୁ ବାହାନା କଲେ ଦେଶର କ୍ଷତିଗ୍ରସ୍ତ ପର୍ଯ୍ୟଟନ(ଯାହା ଭାରତଯୋଗୁ ଅଧିକ ଲାଭପ୍ରଦ) ପାଇଁ ଦେଶର ଲୋକ ଓଲୀଙ୍କ ମୁଣ୍ଡରେ ଲୁହାପାହାର ଦେବେ।

ରାମ ନେପାଳର ଜଣେ ଗ୍ରାମାଞ୍ଚଳ ଲୋକ ଓ ସେ ଭାରତରେ ସୀତାଙ୍କୁ ବିବାହ କରିଥିଲେ କହି ବିବାଦରେ ପଡ଼ିଛନ୍ତି ଓଲୀ! କିନ୍ତୁ ସେ କାଳରେ ଗମନାଗମନ ସୁବିଧାରୁ ବଞ୍ଚିତ ବଣ, ପାହାଡ଼ ଡେଇଁ କିପରି ଭାରତରେ ବିବାହ କଲେ ସେ ବାବଦରେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହା ଓଲୀଙ୍କ ଅନଭିଜ୍ଞତାର ପରିଚୟ। ଭାରତର ବାସମତି ଚାଉଳ, ଔଷଧ, ସିମେଣ୍ଟ, ପେଟ୍ରୋଲିୟମ୍ ଦ୍ରବ୍ୟ, ଯାନବାହନ, କୃଷି ତଥା ବୈଦ୍ୟୁତିକ ଉପକରଣ ଆମଦାନୀର ଭାଗୀଦାର ଚାଇନା ହୋଇପାରେ କିନ୍ତୁ ଦେଶରୁ ଚନ୍ଦନ ଗଛ ଅନ୍ୟ ସବୁଜିମା କାଟି ନେପାଳ କେତେଦିନ ଆର୍ଥିକ ଭରଣା କରିପାରିବ? ରୁଦ୍ରାକ୍ଷ, ତୁଳସୀ ମାଳି କିମ୍ବା ସାଲ, ସ୍ୱେଟର ଧରି ଭାରତୀୟ ବଜାରରେ ବୁଲୁଥିବା ନେପାଳୀର ଅନ୍ୟ ରୋଜଗାର ପନ୍ଥା କ'ଣ? ଦେଶରେ ଯୌତୁକଜନିତ ହତ୍ୟା, ପୈତୃକ ସମ୍ପତ୍ତିରେ ଅନଧିକାର, ବାଲ୍ୟବିବାହ ଆଉ ପେଟପୋଡ଼ିଗଲା ବେଳେ ଓଲୀଙ୍କର ରାମ ଜନ୍ମଭୂମି ନେଇ ବାହାରିଥିବା ପାଗଳାମି ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ (ଭାରତରେ) ହିଂସା ଉଦ୍ରେକ କରିବା ଏକଥା ଭାରତ ଜାଣିସାରିଛି। ୨ ମିଲିୟନ୍ ଆନ୍ତର୍ଜାତିକ ପର୍ଯ୍ୟଟକରୁ ୭.୯ପ୍ରତିଶତ ଜି.ଡି.ପି. ପୁଣି ଭାରତର ପର୍ଯ୍ୟଟକ ବିନା ଅସମ୍ଭବ। ସର୍ବ ପ୍ରଦୂଷିତ କାଠମାଣ୍ଡୁ ସହରକୁ ପ୍ରଦୂଷଣମୁକ୍ତ ଓ ଭବ୍ୟ ରାମମନ୍ଦିରଟାଏ ଗଢ଼ି ପର୍ଯ୍ୟଟନ ବିସ୍ତାରରେ ଯଦି କିଛି ସୁବିଧା ଆସିଗଲା ଭାରତ ତା'ର ପ୍ରତିବାଦୀ ନୁହେଁ। ଓଲୀ ମନେରଖିବା ଦରକାର ଯେ, ୧୫୨୮ରେ ବାବରଙ୍କ ଆକ୍ରମଣ ପୂର୍ବରୁ ଅଯୋଧ୍ୟାରେ ରାମ ମନ୍ଦିର ଥିଲା ଏହା ଭାରତର ସର୍ବୋଚ୍ଚ ଅଦାଲତ ଜଣାଇସାରିଛନ୍ତି ଓ ଏହାକୁ ସବୁ ଧର୍ମ ଅନାୟାଶରେ ଗ୍ରହଣ କରିସାରିଛନ୍ତି। ଆଇନ୍‌ଷ୍ଟାଇନ୍‌ଙ୍କ ସର୍ବେଶ୍ୱରବାଦକୁ ବୋଧହୁଏ ସବୁ ଧର୍ମ ଗ୍ରହଣ କରି ରାମଲାଲାଙ୍କ ପାଇଁ ଜାଗାଟି ଛାଡ଼ିଦେଇଛନ୍ତି।

ଓଲୀଙ୍କ ବୟାନ, 'ରାମ ଆମର' ଜଣେ ନିର୍ବୋଧ ନେତାର ବୟାନ ପରି। ଆବ୍ରାହମ୍ ଲିଙ୍କନ୍ ଏକଦା କହିଥିଲେ, ''ଆମର ଶତଚେଷ୍ଟା ପରେ ବି ଯଦି ସୁନାମ ଆସୁନାହିଁ ତେବେ ଆମକୁ ସୁନାମ କିପରି ଆସିବ ସେହି ମନ୍ତ୍ରଟି ଜପିବାକୁ ହେବ।'' ବୁଦ୍ଧଙ୍କ ପବିତ୍ର ମାଟିରେ ତାଙ୍କ ମୁଖନିଃସୃତ ''ଧର୍ମଂ ଶରଣମ୍ ଗଚ୍ଛାମୀ'' ନୂଆ ସଂସ୍କରଣରେ ''ଧର୍ମଂ ହରଣମ୍ ଇଚ୍ଛାମୀ'' କମ୍ୟୁନିଷ୍ଟ ମନ୍ତ୍ରରେ ପରିବର୍ତ୍ତନ ହୋଇଛି। ସ୍ୱଚ୍ଛ ପରିବେଶ, ଆଧୁନିକ ପ୍ରଯୁକ୍ତି ସମୃଦ୍ଧ ଡାକ୍ତରଖାନା ନାହିଁ, କରୋନା ବିପର୍ଯ୍ୟୟ ବେଳେ ଆଇସିୟୁ ସୁବିଧା ସମ୍ପୂର୍ଣ୍ଣ ଗୋଟିଏ ସେବା ବ୍ୟବସ୍ଥା ନାହିଁ ଓଲୀଙ୍କ ରାଇଜରେ। ତେବେ ନେପାଳୀମାନଙ୍କ ପୋଡ଼ିଯାଉଥିବା ପେଟ ପାଇଁ ଯଦି ରାମରାଜ୍ୟର ସୁଖ ଅଜାଡ଼ି ଦଉଛି ତେବେ କାହାର ସେଥିରେ ଆପତ୍ତି ନାହିଁ।

ମୋ: ୮୨୪୯୮୨୭୧୪୮
email: karsarada77@gmail.com

# ଅପହଞ୍ଚ ସାକ୍ଷରତା

ହିମାଂଶୁ ଶେଖର ଆଚାର୍ଯ୍ୟ

ସାକ୍ଷରତା ବିକାଶର ଚାବିକାଠି। ସେଥିପାଇଁ କୁହାଯାଏ- ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ । ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ । କାରଣ ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ । ଏକ ଲୋକପ୍ରିୟ କାହାଣୀ କୁହେ - ''ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତା'ହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା'ଠାରୁ ଊର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତା'ହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତା'ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ'' । ଏଥିରୁ ସାକ୍ଷରତାର ଗୁରୁତ୍ୱ ସ୍ପଷ୍ଟ ଅନୁମେୟ। ସବୁଠୁ ବଡ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେଆମରଅଗ୍ରଗତିସନ୍ତୋଷଜନକନୁହେଁ।

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବିକ ବିକାଶର ମାଧ୍ୟମ। ତେଣୁ କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ବିଶେଷକରି କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟୁଇଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତା ସହ ବହୁଭାଷୀ ଦକ୍ଷତାର ଗୁରୁତ୍ୱ ଆହୁରି ବଢ଼ିଯାଇଅଛି। କାରଣ ଏହା କାର୍ଯ୍ୟ କୁଶଳତା ବୃଦ୍ଧି କରିବା ସହ ଜୀବନଧାରଣର ମାନକୁ ଉନ୍ନତ କରିଥାଏ। ଏବେ ବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ। ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ୟୂନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ। କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ। ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ, ଏବେ ବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଊର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏଟ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରି କି କାନାଡା, ନ୍ୟୁଜିଲାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ। ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର। ସେହିପରି ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । ଆମ ଓଡିଶାର ସାକ୍ଷରତା ହାର ୭୩.୦୫ ପ୍ରତିଶତ, ଯାହା କି ଜାତୀୟ ହାରଠାରୁ କମ୍ ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା। ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି। ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୂପ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମେ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି। ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ, ଓଡ଼ିଶାରେ ମଧ୍ୟ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାନ୍ତି। ଆମକୁ ମନେରଖିବାକୁ ହେବ ଯେ, ସାକ୍ଷରତା ଯେକୌଣସି ଦେଶର ଅଭିବୃଦ୍ଧିର ମୂଳ ଉତ୍ସ । ଏ ଦିଗରେ ଅବହେଳା କଲେ ପ୍ରଗତିର ଧାରା ବ୍ୟାହତ ହେବ । ସାକ୍ଷରତା ହାର ଅଭିବୃଦ୍ଧି ନିମନ୍ତେ କ୍ରମାଗତ ପ୍ରୟାସ ଏକାନ୍ତ ଅପରିହାର୍ଯ୍ୟ।

ମୋ-୯୯୩୭୧୫୧୦୫୨

## ଏଇ ଭାରତରେ

ଜୀବନର ନିଶା କାହାର କେମିତି ଥାଇପାରେ, କିନ୍ତୁ ୮୪ ବର୍ଷୀୟ କାମେଗୌଡାଙ୍କ ନିଶା ସମ୍ପୂର୍ଣ୍ଣ ଭିନ୍ନ। ସେ ପୋଖରୀ ଖୋଳିବାରେ ଆନନ୍ଦ ପାଆନ୍ତି। କାମେଗୌଡାଙ୍କ ଘର କର୍ଣାଟକ ମନ୍ଦ୍ୟା ଜିଲା ଦାସନାଡୋଡି ଗାଁରେ। କୁଣ୍ଡିନିବେଟା ପାହାଡ଼ ପାଦଦେଶରେ ରହିଥିବା ଏହି ଗାଁ ସମେତ ପୂରା ଅଞ୍ଚଳରେ ବର୍ଷସାରା ଜଳ ସଙ୍କଟ ଲାଗି ରହେ। ବର୍ଷାଦିନେ ବି କମ୍ ବର୍ଷା ହୋଇଥାଏ। ଜଳ ସଙ୍କଟ ଦୂର କରିବା ଲାଗି କାମେଗୌଡା ତାଙ୍କ ଗାଁ ଓ ଆଖପାଖ ଅଞ୍ଚଳରେ ଏକୁଟିଆ ୧୬ଟି ପୋଖରୀ ଖୋଳିଛନ୍ତି। ଏହା ଯୋଗୁ ତାଙ୍କ ଅଞ୍ଚଳରେ କେବେ ବି ଜଳ ସଙ୍କଟ ଦେଖାଯାଉନି। ସେ ଜଣେ କ୍ଷୁଦ୍ର ଚାଷୀ ଓ ମେଣ୍ଢା ପାଳିଛନ୍ତି। ପ୍ରତିଦିନ ମେଣ୍ଢା ଚରାଇବା ପାଇଁ ପାହାଡ଼କୁ ଯାଉଥିବା ସମୟରେ ଜୀବଜନ୍ତୁମାନେ ପିଇବାକୁ ପାଣି ପାଉ ନ ଥିବା ଲକ୍ଷ୍ୟ କରିବା ପରେ ସେ ପୋଖରୀ ଖୋଳିବା ଆରମ୍ଭ କରିଥିଲେ । ଆଦୌ ସ୍କୁଲ ଦୁଆରମୁହଁ ମାଡି ନ ଥିବା କାମେଗୌଡା ଯାହା ହାସଲ କରିଛନ୍ତି ସେଥିପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀ ମଧ୍ୟ ତାଙ୍କ 'ମନ କି ବାତ୍'ରେ ପ୍ରଶଂସା କରିଛନ୍ତି। ତାଙ୍କୁ ଲେକ୍ ମ୍ୟାନ ବା ହ୍ରଦ ମଣିଷ ବୋଲି କୁହାଯାଉଛି। ସେ ବଡିଭୋରରୁ ଘରୁ ବାହାରି ଯାଆନ୍ତି ଓ ପୋଖରୀ ଖୋଳି ସନ୍ଧ୍ୟାରେ ଫେରନ୍ତି। ପୋଖରୀ ଖୋଳିବା ପାଇଁ ଆବଶ୍ୟକ ଯନ୍ତ୍ରପାତି କିଣିବାରେ ନିଜ ପକେଟରୁ ବ୍ୟୟ କରନ୍ତି। କେବଳ ସେ ପୋଖରୀ ଖୋଳିଛନ୍ତି ତାହା ନୁହେଁ, ଏହାର ଚାରିପାଖରେ ବିଭିନ୍ନ ପ୍ରକାର ଗଛ ବି ଲଗାଇଛନ୍ତି। ପୋଖରୀକୁ ସେ ତାଙ୍କ ପରିବାର ସଦସ୍ୟ ବୋଲି ମନେକରନ୍ତି ଓ କେତୋଟିର ନାମ ତାଙ୍କ ନାତି ନାତୁଣୀଙ୍କ ନାମରେ ନାମିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୦ ଜୁଲାଇ ୧୯୯୫**

- ବ୍ରିଟେନର ଜୋନାଥ ଏଡ୍‌ୱାର୍ଡ ଆନ୍ତର୍ଜାତିକ ଆଥଲେଟିକ୍ ମିଟ୍ ଟ୍ରିପଲ ଜମ୍ପରେ ୧୭.୯୮ ମିଟର ଜମ୍ପ କରି ନୂତନ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।
- ବାର୍ସେଲୋନା ଅଲିମ୍ପିକ ଚାମ୍ପିୟନ ଇଟାଲୀର ୨୪ ବର୍ଷୀୟ ସାଇକେଲ ଚାଳନାକାରୀ ଫାଟିଓ କାଜାରଟେଲୀ ଫ୍ରାନ୍ସର ୧୫ତମ ଷ୍ଟେଜରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ପ୍ରାଣ ହରାଇଛନ୍ତି।
- ଆଜୀବନ କଏଦୀମାନଙ୍କୁ ୧୦ ବର୍ଷ ପରେ ଜେଲ୍‌ରୁ ଖଲାସ କରିଦେବା ଦାବିରେ ବ୍ରହ୍ମପୁର ଜେଲ୍‌ରେ ଥିବା ୬୦୦ କଏଦୀଙ୍କ ଆମରଣ ଅନଶନ।

## ପାଠକ ଶ୍ରେଷ୍ଠ ବିଚାରକ

### ଲୋକଙ୍କୁ କର୍ମ ଯୋଗାଇ ଦିଆଯାଉ

ମହାଶୟ,

ମାଗଣାରେ ଚାଉଳ, ଡାଲି, ଗହମ, ଗ୍ୟାସ୍, କିରୋସିନ, ବାସଗୃହ ଯୋଗାଇଦେବା ସରକାରଙ୍କର ଏକ ବାଧ୍ୟତାମୂଳକ କାର୍ଯ୍ୟ ହୋଇଯାଇଛି। ଅନେକ ହିତାଧିକାରୀ ପାଇବାକୁ ଅଯୋଗ୍ୟ ହେଲେ ମଧ୍ୟ ଚଞ୍ଚକତା ତଥା ରାଜନୀତି କରି ଏସବୁକୁ ପାଇବାରେ ଯୋଗ୍ୟ ବିବେଚିତ ହେଉଛନ୍ତି। ନିଜ ଜମିର ଫସଲ ବଳକା ଥିଲେ ମଧ୍ୟ ସରକାରୀ ଶସ୍ୟାଦିକୁ ବିକ୍ରି କରି ଦେଉଛନ୍ତି। ସ୍କୁଲ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ବାବଦେ ଚାଉଳ ଅର୍ଥ ଆଦି ଯୋଗାଇ ଦିଆଯାଉଛି। ଅନେକ ପ୍ରକାରର ଭତ୍ତା ବଣ୍ଟନ କରାଯାଉଛି। କରୋନା ମହାମାରୀ ସମୟରେ ଏବଂ ଦେଶର ଯୁଦ୍ଧ ମୁହାଁମୁହିଁ ସମୟରେ ମଧ୍ୟ ମାଗଣାରେ କିଛି ଜିନିଷ ଯୋଗାଇବା ଏକ କର୍ତ୍ତବ୍ୟ ହୋଇଯାଇଛି। ଥିଲାବାଲା ଲୋକେ ଅଧିକ ମୁହଁବଢ଼ା ହେଉଛନ୍ତି। ସରକାରଙ୍କ ପାଖରେ ଯଦି ମାଗଣା ଜିନିଷ ବାଣ୍ଟିବାକୁ ଅଛି, ତେବେ ଦରଦାମ୍ ନିୟନ୍ତ୍ରଣ ହେଉ ନାହିଁ କାହିଁକି। ଲୋକେ ମାଗଣା ଜିନିଷ ପାଇବାରୁ ପରିଶ୍ରମ କରିବାକୁ ଚାହୁଁ ନାହାନ୍ତି। ସରକାରୀ ଜିନିଷ ପାଇବାକୁ ସେମାନଙ୍କୁ କୁଣ୍ଠାବୋଧ ହେଉନାହିଁ। କେବଳ ଚାଉଳ ଯୋଗାଇ ଘରଟିଏ ଯୋଗାଇଦେଲେ କ'ଣ ଲୋକଙ୍କର ଅଭାବ ପୂରଣ ହୋଇଯିବ। ବାସ୍ତବପକ୍ଷେ ସମସ୍ତଙ୍କୁ ଯୋଗ୍ୟତାନୁଯାୟୀ କର୍ମ ଯୋଗାଇଦେଲେ, ରୋଜଗାରକ୍ଷମ କରାଇପାରିଲେ ଲୋକଙ୍କର ତଥା ଦେଶର ପ୍ରକୃତ ଉନ୍ନତି ହୋଇପାରିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

## ଚିରନ୍ତନୀ

ବିରହ ମିଳନ ଶୁଭଇ ଛଳନା ସମ
ତଥାପି ତୋ ରୂପେ ଲୋଲୁପ ପରାଣ ମମ
ତଥାପି ରସନା ଡାକିବାକୁ ଖୋଜେ ତୋତେ
''ଜୀବନ ଦୋସର ପରାଣର ପ୍ରିୟତମ।''
(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆଜି ଚିତାଲାଗି

**ପୁରୀ ଅଫିସ,୧୯।୭:** ସୋମବାର ଚିତାଲାଗି ଅମାବାସ୍ୟା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ତିନିଠାକୁରଙ୍କ ଚିତାଲାଗି ନୀତି ସମ୍ପନ୍ନ ହେବା ଦାରୁ ବିଗ୍ରହଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ସୂଚନାଥାଉ କି, ମହାପ୍ରଭୁ ଅଣସର ପିଣ୍ଡିକୁ ବିଜେ କରିବାବେଳେ ରତ୍ନ ଚିତା ଓଲାଗି କରାଯାଇଥିଲା। ରଥରେ ମହାପ୍ରଭୁ ସୋଲଚିତା ଲାଗି ହୋଇଥିଲେ। ପରମ୍ପରା ମୁତାବକ ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କୁ ରତ୍ନଚିତା ଲାଗି କରାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରା ଖଚିତ ସୁବର୍ଣ୍ଣ ଚିତା, ବଡଠାକୁର ବଳଭଦ୍ର ମାଣିକ୍ୟ ଏବଂ ଦେବୀ ସୁଭଦ୍ରା ଲୀଳା ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ।

### ବିଷାକ୍ତ ଛତୁ ଖାଇ ୬ ଅସୁସ୍ଥ

**ସଜନାଗଡ଼,୧୯।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବରହମ୍ପୁର ଥାନା ଅଧୀନ ପିଠାହୋତା ପଞ୍ଚାୟତର ଶୀର୍ଷାସାହି ଗ୍ରାମରେ ରବିବାର ବିଷାକ୍ତ ଛତୁ ଖାଇ ଦୁଇ ପରିବାରର ୬ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଉଦଳା ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ପୂର୍ବାହ୍ନରେ ଗ୍ରାମର ଜାନୁ ହେମ୍ବ୍ରମ୍ ଓ ଫତେ ହେମ୍ବ୍ରମ୍ ନିକଟସ୍ଥ ଜଙ୍ଗଲରୁ କିଛି ଛତୁ ସଂଗ୍ରହ କରି ନିଜ ଘରକୁ ଆଣିଥିଲେ। ଉଭୟ ପରିବାର ଉକ୍ତ ଛତୁକୁ ରୋଷେଇ କରି ମଧ୍ୟାହ୍ନରେ ଖାଇଥିଲେ। କିଛି ସମୟ ପରେ ୬ ଜଣ ବାନ୍ତି କରିବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଡାକ୍ତରଖାନା ପଠାଯାଇଥିଲା।

# ଆରମ୍ଭ ହୋଇପାରୁନି ଶ୍ରୀସେତୁ କାମ

ପୁରୀ ଅଫିସ,୧୮।୭



**କରୋନା ବାଧକ**
- ବିଳମ୍ବ ହୋଇଛି ଜମି ଅଧିଗ୍ରହଣ
- ଖର୍ଚ୍ଚ ହେବ ୧୯୦ କୋଟି
- ରାଜ୍ୟର ପ୍ରଥମ ଟ୍ରମ୍ପେଟ ସେତୁ

ପୁରୀକୁ ବିଶ୍ୱ ଐତିହ୍ୟ ସହର ଭାବେ ଗଢ଼ିତୋଳିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ କରିବାକୁ ଦୀର୍ଘମିଆଦୀ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯାଇଛି। ଏଠାରେ ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସେବା ସୁବିଧା। ଏଥିପାଇଁ ଭିତ୍ତିଭୂମିର ବିକାଶ, ନୂଆ ବହୁଥାକିଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ଆଦିର ପରିକଳ୍ପନା କରାଯାଇଛି। ଏପରି କି ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ କରାଯାଉଛି। ରାଜ୍ୟ ସରକାରଙ୍କ ସ୍ୱପ୍ନର ପୁରୀର ଏକ ପ୍ରମୁଖ ଯୋଜନା ହେଉଛି ଶ୍ରୀସେତୁ ପ୍ରକଳ୍ପ। ରାଜ୍ୟର ପ୍ରଥମ ଏହି ଟ୍ରମ୍ପେଟ ସେତୁ ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ବାଇପାସ୍‌ଠାରୁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ହେବାକୁ ଥିବା ପିଲିଗ୍ରୀମ ସେଣ୍ଟରକୁ ସଂଯୋଗ କରାଯିବ। ଅବଢା ଯୋଜନାରେ ନିର୍ମାଣ ହେବାକୁ ଥିବା ଏହି ସେତୁ ପାଇଁ ୧୯୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାସ୍ତା ଓ ବ୍ରିଜ୍‌ର ଲମ୍ବ ପ୍ରାୟ ୨.୩ କିମି ହେବ। କିନ୍ତୁ କରୋନା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବାରେ ଲାଗିଛି। କରୋନା ପାଇଁ ଜମି ଅଧିଗ୍ରହଣ ବାଧାପ୍ରାପ୍ତ ହୋଇଥିଲା। ଏବେ ପୁନଶ୍ଚ ଜମି ଅଧିଗ୍ରହଣ ଆରମ୍ଭ ହୋଇଥିବାବେଳେ କେବେ ଏହାର କାମ ଆରମ୍ଭ କରାଯିବ ତାକୁ ନେଇ ଅନିଶ୍ଚିତତା ଲାଗିରହିଛି।

ଶ୍ରୀ ସେତୁ ପାଇଁ ପୁରୀ ତହସିଲ ଅନ୍ତର୍ଗତ ୪ଟି ମୌଜା ସମଙ୍ଗ, ମାଟିତୋଟା, ମାର୍କଣ୍ଡେଶ୍ୱର ସାହି ନଂ-୧ ଓ ଦାଣ୍ଡିମାଳ ସାହିର ବେସରକାରୀ ଓ ସରକାରୀ ଜମି ମିଶି ୩୭ ଏକର ୯୮୪ ଡେସିମିଲ ଅଧିଗ୍ରହଣ ହେବ। ମୋଟ ଜମି ମଧ୍ୟରୁ ବେସରକାରୀ ଜମି ୩୪ଏକର ୨୪୬ଡେସିମିଲ ଥିବାବେଳେ ସରକାରୀ ଜମି ୩ଏକର ୭୩୮ ଡେସିମିଲ ରହିଛି। ଏଥିମଧ୍ୟରେ ସମଙ୍ଗ ମୌଜାରୁ ସର୍ବାଧିକ ବେସରକାରୀ ଜମି ୧୭ଏକର ୯୪୭ ଡେସିମିଲ ଜମି ଅଧିଗ୍ରହଣ କରାଯିବ। ସେହିପରି ଏହି ମୌଜାର ୦.୦୧୧ ଡେସିମିଲ ସରକାରୀ ଜମି ରହିଛି। ମାଟିତୋଟା ମୌଜାରେ ବେସରକାରୀ ଜମି ୧୨ଏକର ୬୫ ଡେସିମିଲ ଓ ସରକାରୀ ଜମି ୦.୧୬୨ ଡେସିମିଲ, ମାର୍କଣ୍ଡେଶ୍ୱର ସାହି ନଂ.-୧ ମୌଜାରୁ ବେସରକାରୀ ୧ଏକର ୭୦୩ ଡେସିମିଲ ଓ ସରକାରୀ ୩ଏକର ୪୬୫ ଡେସିମିଲ ଏବଂ ଦାଣ୍ଡିମାଳ ସାହି ମୌଜାରୁ ବେସରକାରୀ ୨ ଏକର ୫୪୬ ଡେସିମିଲ ଓ ସରକାରୀ ୦.୧୦୦ ଡେସିମିଲ ଜମି ଅଧିଗ୍ରହଣ କରାଯିବ। ତେବେ ଏହି ସରକାରୀ ଜମି ମଧ୍ୟରେ ମହାପ୍ରଭୁଙ୍କ ଜମି ମଧ୍ୟ ରହିଥିବା ଜଣାପଡ଼ିଛି।

ଜମି ଅଧିଗ୍ରହଣ ପୂର୍ବରୁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ(ଏସ୍ଆଇଏ) ସର୍ଭେ କରାଯାଇଥିଲା। ଏସ୍ଆଇଏ ସର୍ଭେ ପରେ ଅଧିଗ୍ରହଣ ଚାଲିଥିଲା। ହେଲେ ମହାମାରୀ କରୋନା କଟକଣା ଯୋଗୁ ଅଧିଗ୍ରହଣ କାମ ବନ୍ଦ ରହିଥିଲା। ଏବେ ପୁଣି ଏହି ଅଧିଗ୍ରହଣ କାମ ଆରମ୍ଭ କରାଯାଇଛି। ଫଳରେ ଶ୍ରୀସେତୁ କାମ କେବେ ଆରମ୍ଭ ହେବ ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏସମ୍ପର୍କରେ ଜିଲା ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ ଜେନାଙ୍କୁ ପଚାରିବାରେ କରୋନା ଯୋଗୁ ପୁରୀର ସମସ୍ତ ବିକାଶମୂଳକ କାମ ବିଳମ୍ବ ହୋଇଛି। ଶ୍ରୀସେତୁ ପାଇଁ ଜମି ଅଧିଗ୍ରହଣ ଚାଲିଥିବାବେଳେ କରୋନା କଟକଣା ଯୋଗୁ ଏହା ବନ୍ଦ ରହିଥିଲା। ଏବେ ଅଧିଗହଣ କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ଅଧିଗ୍ରହଣ ସରିବା ପରେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ। ଶ୍ରୀସେତୁ ନିର୍ମାଣ ହେଲେ ଯାତ୍ରୀମାନେ ସିଧାସଳଖ ମଙ୍ଗଳାଘାଟ ବାଇପାସ୍‌ରୁ ଜଗନ୍ନାଥବଲ୍ଲଭ ମଠ ନିକଟରେ ପହଞ୍ଚିପାରିବେ ବୋଲି ଜେନା କହିଛନ୍ତି।

# ଓଡ଼ିଶା ଆକାଶରେ ଧୂମକେତୁ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

- ୬,୮୦୦ ବର୍ଷ ପରେ ପୁଣିଥରେ ଆସିବ
- ଜୁଲାଇ ଶେଷ ପର୍ଯ୍ୟନ୍ତ ଖାଲିଆଖିରେ ଦେଖାଯିବ ୫ ଗ୍ରହ




ଜୁଲାଇ ୧୬ରୁ ୧୮ ତାରିଖ ମଧ୍ୟରେ ରାଜ୍ୟର ମେଘମୁକ୍ତ ଥିବା କେତେକ ସ୍ଥାନରେ ସନ୍ଧ୍ୟାରେ ଅଳ୍ପସମୟ ପାଇଁ 'ସି/୨୦୨୦ ଏଫ୍-୩' ଧୂମକେତୁ ଦେଖିବାକୁ ମିଳିଛି। ସାଧାରଣ ଦୂରବୀକ୍ଷଣ ଏବଂ ବାଇନାକୁଲାରରେ ଏହା ଦେଖାଯାଇଥିଲା। ଭୁବନେଶ୍ୱରରୁ ଏହି ଧୂମକେତୁକୁ ପ୍ଲାନେଟାରିୟମ୍‌ର କିଛି କର୍ମଚାରୀ ଦେଖିବାକୁ ପାଇଥିଲେ। ସେହିଭଳି ରାଜ୍ୟର ଅନ୍ୟକେତେକ ସ୍ଥାନରେ ମଧ୍ୟ ଏହି ଧୂମକେତୁ ଦେଖାଯାଇଥିବା ସୂଚନା ମିଳିଛି। ପୂର୍ବରୁ ଆକଳନ କରାଯାଇଥିବା ଧୂମକେତୁର ଉଜ୍ଜ୍ୱଳତା ବର୍ତ୍ତମାନ ଦେଖାଯାଇଥିବା ଧୂମକେତୁ ଠାରୁ ଅଳ୍ପ ଅଧିକ ରହିଥିବା କିଛି ଜ୍ୟୋତିର୍ବିଜ୍ଞାନୀ କହିଛନ୍ତି। ତେଣୁ ଏହା ଅଧିକ ଦିନ ପର୍ଯ୍ୟନ୍ତ ଦେଖାଯାଇପାରେ ବୋଲି ଅନୁମାନ କରାଯାଉଛି। ଜୁଲାଇ ୨୨ତାରିଖରେ ୧୦.୩ କୋଟି କିଲୋମିଟର ଦୂରତାରେ ଏହା ପୁଣିଥରେ ପୃଥିବୀର ନିକଟତମ ଅବସ୍ଥାକୁ ଆସିବ। ୨୦ରୁ ୨୪ତାରିଖ ମଧ୍ୟରେ ଏହି ଧୂମକେତୁ ସ୍ପଷ୍ଟଭାବେ ଏପରି କି ଖାଲି ଆଖିରେ ମଧ୍ୟ ଦେଖାଯିବ ବୋଲି ପଠାଣି ସାମନ୍ତ ପ୍ଲାନେଟାରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

୨୦ ତାରିଖ ସନ୍ଧ୍ୟା ୭ଟା ୩୦ରେ ଉତ୍ତର-ପଶ୍ଚିମ ଦିଗ୍‌ବଳୟର ପ୍ରାୟ ୧୪ ଡିଗ୍ରୀ ଉପରେ ଏହା ସପ୍ତର୍ଷିମଣ୍ଡଳର ତଳକୁ ଦେଖାଯିବ। ପରେ ଧୀରେ ଧୀରେ ତଳଆଡ଼କୁ ଗତିକରି ପ୍ରାୟ ୩୦ମିନିଟ ପରେ ଅସ୍ତ ହୋଇଯିବ। ପରବର୍ତ୍ତୀ ଦିନଗୁଡ଼ିକରେ ଏହା ଏକା ସମୟ ଅର୍ଥାତ୍ ସନ୍ଧ୍ୟା ୭ଟା ୩୦ରେ ପୂର୍ବଦିନଠାରୁ ୩ ଡିଗ୍ରୀ ଉପରେ ଦେଖାଯିବ ଓ ଅସ୍ତହେବାକୁ ୧୦ରୁ ୧୨ମିନିଟ ଅଧିକ ସମୟ ନେବ। ଧୀରେ ଧୀରେ ଉପରକୁ ଉପରକୁ ଦେଖାଯାଇ ୨୩ତାରିଖରେ ୨୪ଡିଗ୍ରୀ ଓ ମାସ ଶେଷବେଳକୁ ଦିଗ୍‌ବଳୟର ପ୍ରାୟ ୪୦ଡିଗ୍ରୀ ଉପରେ ପହଞ୍ଚିବ। ତେବେ ଉଜ୍ଜ୍ୱଳତା କମିଯିବା ଫଳରେ ଜୁଲାଇ ୩୦ପରେ ଏହା ଖାଲି ଆଖିକୁ ଦେଖାଯିବନାହିଁ। 'ସି/୨୦୨୦ ଏଫ୍-୩' ଧୂମକେତୁ ପୁଣିଥରେ ୬,୮୦୦ ବର୍ଷ ପରେ ଆମ ପାଖକୁ ଆସିବ ବୋଲି ପଟ୍ଟନାୟକ କହିଛନ୍ତି। ଉତ୍ତର-ପଶ୍ଚିମ ଦିଗ୍‌ବଳୟ ମେଘ, ଧୂଳି ଓ ସହର ଆଲୋକରୁ ମୁକ୍ତ ରହିଲେ ଧୂମକେତୁଟି ଜୁଲାଇ ୨୦ରୁ ୨୩ ତାରିଖ ଭିତରେ ଖାଲି ଆଖିରେ ଦେଖିବାର ସବୁଠାରୁ ଭଲ ସମୟ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜୁଲାଇ ୨୦ରୁ ୨୫ତାରିଖ ସୂର୍ଯ୍ୟୋଦୟର ପ୍ରାୟ ୫୦ମିନିଟ୍ ପୂର୍ବରୁ ଆକାଶରେ ଚନ୍ଦ୍ର ଏବଂ ୫ଟି ଗ୍ରହ ଦେଖାଯିବ। ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି ଓ ଶନିଗ୍ରହକୁ ଏହିସମୟରେ ଖାଲି ଆଖିରେ ଦେଖିହେବ। ସୂର୍ଯ୍ୟୋଦୟର ଏକଘଣ୍ଟା ପୂର୍ବରୁ ବୁଧ ଗ୍ରହ ଆକାଶରେ ଶୁକ୍ର ଗ୍ରହ ପାଖରେ ଦେଖାଯିବ। ଜୁଲାଇ ମାସରେ ଗୋଟିଏ ରାତିରେ ୫ଟି ଯାକ ଗ୍ରହ ଖାଲିଆଖିରେ ଦେଖିହେବ ବୋଲି ପଠାଣି ସାମନ୍ତ ପ୍ଲାନେଟାରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

# ଦୃଢ଼ ନିନ୍ଦା କଲେ ଭକ୍ତ, ସେବାୟତ

ପୁରୀ ଅଫିସ,୧୯।୭

**ମହାପ୍ରଭୁଙ୍କୁ କଟାକ୍ଷ**
**କ୍ଷମା ମାଗନ୍ତୁ ଅରିନ୍ଦମ୍ ଚୌଧୁରୀ**

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଦେବତା। ସେ ଭାବର ଠାକୁର। ତାଙ୍କୁ ଯିଏ ଯେମିତି ଡାକିଛି ସେ ତା' ଡାକ ସେମିତି ଶୁଣିଛନ୍ତି। ତାଙ୍କର ସାନ୍ନିଧ୍ୟ ଟିକିଏ ପାଇବା ପାଇଁ କାହିଁ କେତେ ଦୂରରୁ ପୁଣ୍ୟଭୂମି ଶ୍ରୀକ୍ଷେତ୍ରକୁ ଭକ୍ତ ଛୁଟି ଆସନ୍ତି। ହେଲେ କୋଟି କୋଟି ହିନ୍ଦୁଙ୍କ ଏହି ଆରାଧ୍ୟ ଦେବତାଙ୍କୁ ଲେଖକ ତଥା ଆଇଆଇପିଏମ୍ ଡାଇରେକ୍ଟର ଅରିନ୍ଦମ ଚୌଧୁରୀ କଟାକ୍ଷ କରିଛନ୍ତି। ଏହାଦ୍ୱାରା ସେ ଅସଂଖ୍ୟ ଜଗନ୍ନାଥପ୍ରେମୀ ଓ ହିନ୍ଦୁ ଧର୍ମାବଲମ୍ବୀଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଛନ୍ତି। ଏ ନେଇ ପୁରୀରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଭକ୍ତ ଓ ସେବାୟତମାନେ ଅରିନ୍ଦମଙ୍କୁ ଦୃଢ ନିନ୍ଦା କରିଛନ୍ତି।

ଅରିନ୍ଦମ ନିଜ ଅଫିସିଆଲ ଫେସ୍‌ବୁକରେ ଏକ ବିବାଦୀୟ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ଉଲ୍ଲେଖ କରିଛନ୍ତି କୌଣସି ଭଗବାନଙ୍କୁ ପ୍ରାର୍ଥନା କଲେ କରୋନାରୁ ମୁକ୍ତି ମିଳିବ ନାହିଁ। ପ୍ରାର୍ଥନା କେବେ କାମ କରେ ନାହିଁ, ଯଦି ଖୁସିରେ ରହିବାକୁ ଚାହୁଁଛ ତେବେ ତାଙ୍କ ବହି ପଢିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ଶ୍ରୀଜଗନ୍ନାଥଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜଣେ ଡାକ୍ତର କରୁଥିବା ଫଟୋ ପୋଷ୍ଟ କରି ଅରିନ୍ଦମ କଟାକ୍ଷ କରିଛନ୍ତି। କେବଳ ସେତିକି ନୁହେଁ, ତିରୁପତି ବାଲାଜୀଙ୍କୁ ଉପହାସ କରି ଏହି ମନ୍ଦିରର ୫୦ ସେବାୟତଙ୍କ ମଧ୍ୟରୁ ୧୫ କରୋନାରେ ଆକ୍ରାନ୍ତ ହୋଇଥିବା ଲେଖିଛନ୍ତି। ଏ ନେଇ ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କୁ ନେଇ ଅରିନ୍ଦମ ଯେଉଁ ଫଟୋ ପୋଷ୍ଟ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଠାକୁର। ତାଙ୍କ ମହିମା ଜଗତବାସୀ ଜାଣନ୍ତି। ମାତ୍ର ମହାପ୍ରଭୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜଣେ ଡାକ୍ତର କରୁଥିବାର ଫଟୋ ପୋଷ୍ଟ କରି ସେ ହିନ୍ଦୁ ଧର୍ମ ଓ ଜଗନ୍ନାଥ ସଂସ୍କୃତିକୁ କୁଠାରଘାତ କରିଛନ୍ତି। ଯେଉଁ କରୋନାର ଭ୍ୟାକ୍‌ସିନ ବାହାର କରିବା ଲାଗି ବିଶ୍ୱର ବୈଜ୍ଞାନିକମାନେ ଲାଗିପଡ଼ିଛନ୍ତି ସେଥିରେ ମହାପ୍ରଭୁଙ୍କ ଆଶୀର୍ବାଦ ରହିଛି। କାରଣ ଆଶୀର୍ବାଦ ନ ରହିଲେ ବିଜ୍ଞାନ କେବେ ଆଗେଇ ପାରିବ ନାହିଁ। ତେଣୁ ଅରିନ୍ଦମ ଏଭଳି ମାନସିକତାରୁ ଦୂରେଇ ରହି ମହାପ୍ରଭୁଙ୍କୁ କ୍ଷମା ମାଗନ୍ତୁ ବୋଲି ବିନାୟକ ଦାବି କରିଛନ୍ତି। ଭକ୍ତ ସରୋଜ କୁମାର ବେହେରା ମଧ୍ୟ ଏଭଳି ଫଟୋ ପୋଷ୍ଟକୁ ଦୃଢ ନିନ୍ଦା କରିଛନ୍ତି। ଏପରି କଟାକ୍ଷ କରିବା ପୂର୍ବରୁ ସେ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଏବଂ ମହାପ୍ରଭୁଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିବା ଉଚିତ ଥିଲା। ଜଣେ ଭଲ ଲେଖକ କେବେ କୌଣସି ଧର୍ମକୁ ଆଘାତ ଦେଇ ନ ଥାଏ। ତେଣୁ ଅରିନ୍ଦମ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବେହେରା କହିଛନ୍ତି।

# ପୋଲିସ, ଶ୍ରୀମନ୍ଦିର ପ୍ରଶାସନକୁ ତଥ୍ୟ ମଗାଗଲା



**ସୁପ୍ରିମ୍‌କୋର୍ଟରେ ଦାଖଲ ହେବ ରଥଯାତ୍ରା ରିପୋର୍ଟ**

ପୁରୀ ଅଫିସ,୧୯।୭

କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ଭାବେ ପାଳନ ହେବ। କରୋନା ସଂକ୍ରମଣ ଯେପରି ନ ବ୍ୟାପିବ ସେଥିପ୍ରତି ମଧ୍ୟ ଗୁରୁତ୍ୱ ରହିବ। ଏମିତି କିଛି ସର୍ତ୍ତ ରଖି ସୁପ୍ରିମ୍‌କୋର୍ଟ ପୁରୀ ରଥଯାତ୍ରାକୁ ଅନୁମତି ଦେଇଥିଲେ। ରଥଯାତ୍ରା ସରିଥିବାରୁ ଏବେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ରାଜ୍ୟ ସରକାର ଏ ସମ୍ପର୍କିତ ରିପୋର୍ଟ ଦେବେ। ଏଥିପାଇଁ ପ୍ରସ୍ତୁତି ଚାଲିଥିବାବେଳେ ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ତଥ୍ୟ ମଗାଯାଇଛି। ଏହା ପୂର୍ବରୁ ରଥଯାତ୍ରାରେ ସାମିଲ ସେବାୟତ, ପୋଲିସ, ଶ୍ରୀମନ୍ଦିର କର୍ମଚାରୀ ପ୍ରମୁଖଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। କରୋନା ସଂକ୍ରମଣଠାରୁ ସେବାୟତଙ୍କୁ କିପରି ଦୂରେଇ ରଖାଯାଇପାରିବ ସେ ନେଇ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ନିମନ୍ତେ ସେବାୟତ ପରିବାରର ସମସ୍ତ ସଦସ୍ୟଙ୍କୁ ହୋମିଓପାଥି ଔଷଧ ଦିଆଯାଇଛି।

ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ରଥଯାତ୍ରା ସଂକ୍ରାନ୍ତ ତଥ୍ୟ ପ୍ରଦାନ ପାଇଁ ସମସ୍ତ ପ୍ରକ୍ରିୟା ଜାରି ରଖିଛନ୍ତି। ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ରିପୋର୍ଟ ମାଗିଥିବା ବେଳେ ରଥଯାତ୍ରାରେ ସାମିଲ ପ୍ରାୟ ଅଢେଇ ହଜାର ସେବାୟତ ଏବଂ ୨ହଜାରୁ ଊର୍ଦ୍ଧ୍ୱ ପୋଲିସଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। କେବଳ ଜଣେ ସେବାୟତ ପଜିଟିଭ ଚିହ୍ନଟ ହୋଇଥିବାବେଳେ ଅନ୍ୟ ସମସ୍ତଙ୍କ ରିପୋର୍ଟ ନେଗେଟିଭ ରହିଛି। ସେବାୟତଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ପାଇଁ ଟେଲି ହେଲ୍‌ଥ ସେବା ଆରମ୍ଭ ହୋଇଛି। ରଥଟଣାଠାରୁ ଆରମ୍ଭକରି ସୁରକ୍ଷା ବ୍ୟବସ୍ଥା, ପୋଲିସ ମୁତୟନ ଆଦିର ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ ହୋଇଛି। ଏହାର ଭିଡିଓଗ୍ରାଫି ଓ ଫଟୋଗ୍ରାଫି ପ୍ରସ୍ତୁତ କରାଯାଇଛି। ଜିଲାପାଳ ଯେଉଁ ତଥ୍ୟ ମାଗିଛନ୍ତି ତାହା ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି।

**OFFICE OF THE MUNICIPAL COUNCIL, BHAWANIPATNA**
Tel. & Fax No.06670-230424
e-mail: bptm@yahoo.com
No.2074 Dt.18.07.2020

**DETAILED TENDER CALL NOTICE**

Bhawanipatna Municipality invites sealed proposal in conformity with tender documents in percentage rate contract in two bid system (Part-I Technical Bid and Part-II Financial Bid) from Company/Trust/Society/NGO/ Firms/Agency/Enterpreneur satisfying the eligibility criteria & having experience in similar nature of the works of Solid Waste Management project adhering to SWM Rule-2016 of Bhawanipatna Municipality.

The details of the bid document can be downloaded from the District Website https.//kalahandi.nic.in/from 10.00 A.M. on 20.07.2020 upto 5.00 P.M. on 31.07.2020. The filled-up bid document will be received upto 5 P.M. on 06.08.2020. The tender shall be received in the Office of the Executive Officer, Bhawanipatna Municipality through Regd. Post & Speed Post only.

Sd./- Executive Officer
Bhawanipatna Municipality

# ପାହାଡ଼ ସାଜିଛି ସୁଆପାଲିର ବାଧକ

ମାଲକାନଗିରି,୧୯।୭ (ଡି.ଏନ୍.ଏ.)

- ତେଲୁଗୁ ଅଞ୍ଚଳ ପାଲଟୁଛି ଗାଁ
- ଅଙ୍ଗନୱାଡ଼ି, ପାନୀୟ ଜଳ, ପକ୍କା ରାସ୍ତା ସ୍ୱପ୍ନ
- ପାଇଖାନା ଅଛି, ବିଦ୍ୟାଳୟ ନାହିଁ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ଦିନ ବିଚ୍ଛିନ୍ନାଞ୍ଚଳ ନାମ ପରିବର୍ତ୍ତନ ହୋଇ ସ୍ୱାଭିମାନ ଅଞ୍ଚଳ ହୋଇଥିଲା। ଏହି ଅଞ୍ଚଳର ବିକାଶ ପାଇଁ ୧୦୦ କୋଟି ଟଙ୍କା ପ୍ୟାକେଜ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ। ଉକ୍ତ ଅଞ୍ଚଳରେ ୩ ବିଏସ୍ଏଫ୍ କ୍ୟାମ୍ପ ଏବଂ ୨ ନୂତନ ଥାନା ପ୍ରତିଷ୍ଠା କରି ଯେପରି ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ନ ହୁଏ ସେଥିପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି। ତେବେ ସ୍ୱାଭିମାନ ଅଞ୍ଚଳର ରାଲେଗାଡ଼ା ପଞ୍ଚାୟତ ସୁଆପାଲି ଗ୍ରାମ ଏବେ ମଧ୍ୟ ବିକାଶଠାରୁ ରହିଛି ବହୁ ଦୂରରେ। ଗ୍ରାମକୁ ଯିବାକୁ ହେଲେ ୩/୪ ପାହାଡ଼ ଅତିକ୍ରମ କରିବାକୁ ପଡେ। ଅଧିକାଂଶ ଗ୍ରାମବାସୀ ଚିତ୍ରକୋଣ୍ଡାରୁ ସାରକୁବନ୍ଧ ଦେଇ ରାଲେଗାଡ଼ା ପଞ୍ଚାୟତ ହୋଇ ଆନ୍ଧ୍ର ପ୍ରଦେଶର କୋରୁକୋଣ୍ଡା ଗ୍ରାମ ଦେଇ ଏକ ନଦୀ ପାର ହେବା ପରେ ସୁଆପାଲିରେ ପହଞ୍ଚିଥାନ୍ତି। ଏହି ଗ୍ରାମରେ ପ୍ରାୟ ୭୦ ପରିବାର ବସବାସ କରନ୍ତି। ଜନସଂଖ୍ୟା ୩ଶହରୁ ଊର୍ଦ୍ଧ୍ୱ ରହିଛି। ଆବାସ ଯୋଜନାରେ କେତେକ ହିତାଧିକାରୀଙ୍କୁ କିଛି ଅର୍ଥ ମିଳିଥିବା ବେଳେ ବକେୟା ମିଳିନାହିଁ। ପାନୀୟ ଜଳ ସୁବିଧା ନାହିଁ। ଗ୍ରାମବାସୀ ନିଜେ ଅର୍ଥ ଖର୍ଚ୍ଚକରି ଏକ ଝରଣାରୁ ପାଇପ ଲଗାଇ ଗ୍ରାମ ପର୍ଯ୍ୟନ୍ତ ଆଣି ଜଳ ବ୍ୟବହାର କରୁଛନ୍ତି। ଗ୍ରାମରେ ପକ୍କାରାସ୍ତା, ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ। ପ୍ରାଥମିକ ବିଦ୍ୟାଳୟ ପାଇଁ ପାଇଖାନା ନିର୍ମାଣ ହୋଇଛି ମାତ୍ର ବିଦ୍ୟାଳୟ ନାହିଁ । ଫଳରେ ଗ୍ରାମର ଛାତ୍ରୀଛାତ୍ରମାନେ ଆନ୍ଧ୍ର ପ୍ରଦେଶରେ ତେଲୁଗୁ ବିଦ୍ୟାଳୟରେ ପାଠ ପଢୁଛନ୍ତି। କେତେକ ବିଭିନ୍ନ ଆବାସିକ ବିଦ୍ୟାଳୟରେ ରହି ପଢୁଛନ୍ତି ବୋଲି ଗ୍ରାମର ପେନରାୟା ମାଡ଼କାମି, ଆପାରାଓ ମାଡ଼କାମି, ରାମବାବୁ ମାଡ଼କାମି, ଗନ ମାଡ଼କାମି ପ୍ରକାଶ କରିଛନ୍ତି। ଦୈନନ୍ଦିନ ଚଳଣି ପାଇଁ ଗ୍ରାମବାସୀ କେବଳ ତେଲୁଗୁ ଭାଷା କୁହନ୍ତି ଓ ବୁଝନ୍ତି। ଅଧିକାଂଶ ଅଧିବାସୀ ଓଡ଼ିଆ ଭାଷା ଜାଣନ୍ତି ନାହିଁ । ଗ୍ରାମଠାରୁ ୪ କିମି ଦୂରରେ ଥିବା ଆନ୍ଧ୍ର ପ୍ରଦେଶର କୋରୁକୋଣ୍ଡା ଉପରେ ନିର୍ଭର କରନ୍ତି। କୋରୁକୋଣ୍ଡା ଗ୍ରାମକୁ ଯିବାକୁ ହେଲେ ବିପଦସଙ୍କୁଳ ଅବସ୍ଥାରେ ନଦୀପାର ହେବାକୁ ପଡେ। କୌଣସି ଗ୍ରାମବାସୀଙ୍କୁ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ମିଳିନାହିଁ। ରୋଗୀ ଓ ଗର୍ଭବତୀଙ୍କୁ ଭାର କରି ଡାକ୍ତରଖାନା ନିଆଯାଏ। ନିଜ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ବିଡିଓ ଲାରିମନ ଖର୍ସେଲଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରିନାହିଁ।



ସୁଆପାଲି ଗ୍ରାମବାସୀ

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଅଛନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ
ଭଡ଼ା- 65,000
ବାଇକ୍
ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପୋଲିସ କର୍ମଚାରୀଙ୍କୁ କରୋନା ଚର୍ଚ୍ଚା**

ଖୋର୍ଦ୍ଧା ଅଫିସ,୧୯।୭: ଖୋର୍ଦ୍ଧା ଟାଉନ(ଆର୍ଦର୍ଶ)ଥାନାର ଜଣେ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଥିବା ଚର୍ଚ୍ଚା ହେଉଛି। ରବିବାର ଥାନାରେ କାର୍ଯ୍ୟରତ ସମସ୍ତ ପୋଲିସ ଅଧିକାରୀ, କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ସୋମବାର ଥାନାକୁ ସାନିଟାଇଜ୍ କରାଯିବା ସହ ସମସ୍ତ ପୋଲିସ କର୍ମଚାରୀ ହୋମ୍ କ୍ୱାରାଣ୍ଟାଇନରେ ରହିବେ ବୋଲି ଜଣାପଡ଼ିଛି।



## ସଂକ୍ଷେପରେ

### ସ୍କୁଲ ଖୋଲିବା ନେଇ ଅଭିଭାବକଙ୍କ ମତ ଲୋଡ଼ିଲା କେନ୍ଦ୍ର

**ନୂଆଦିଲ୍ଲୀ,୧୯।୭:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରାଯାଇଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ତେଣୁ କେନ୍ଦ୍ର ସରକାର ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ଚିନ୍ତା କରୁଛନ୍ତି। ଅଗଷ୍ଟ, ସେପ୍ଟେମ୍ବର କିମ୍ବା ଅକ୍ଟୋବର, କେଉଁ ମାସରେ ସ୍କୁଲ ଖୋଲିଲେ ଭଲ ହେବ ଏବଂ ପାଠପଢ଼ାବେଳେ ସେମାନେ କେଉଁସବୁ ପରିବର୍ତ୍ତନ ଆବଶ୍ୟକ ବୋଲି ମନେ କରୁଛନ୍ତି ସେନେଇ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କଠାରୁ ମତାମତ ଲୋଡ଼ିଛି। ସମସ୍ତ ରାଜ୍ୟର ଶିକ୍ଷା ସଚିବମାନଙ୍କୁ ଶୁକ୍ରବାର ଏସଂକ୍ରାନ୍ତରେ ପତ୍ର ପଠାଯାଇଛି। ପିଲାମାନଙ୍କ ମାଆବାପାଙ୍କଠାରୁ ସ୍କୁଲ ଖୋଲିବା ସମ୍ପର୍କରେ ମତାମତ ନେଇ ସୋମବାର ସୁଦ୍ଧା ଜଣାଇବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ସ୍ୱରାଷ୍ଟ୍ର ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅନୁମତି ପରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ। ଶ୍ରେଣୀଗୃହରେ କେତେ ସଂଖ୍ୟକ ଛାତ୍ରୀଛାତ୍ର ଉପସ୍ଥିତ ରହିବେ ସେନେଇ ମଧ ମନ୍ତ୍ରଣାଳୟ ବିଚାର କରୁଛି।

### କନିଷ୍ଠ ଯନ୍ତ୍ରୀ କରୋନା ସଂକ୍ରମିତ

**ସାକ୍ଷୀଗୋପାଳ,୧୯।୭(ଡି.ଏନ୍.ଏ.):** ପୁରୀ ଜିଲା ସତ୍ୟବଦୀ ବ୍ଲକର ଜଣେ ମହିଳା କନିଷ୍ଠ ଯନ୍ତ୍ରୀ କରେନାରେ ସଂକ୍ରମିତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ପୁରୀ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଥିବା ବିଡିଓ ସରୋଜ କୁମାର ଦତ୍ତ କହିଛନ୍ତି। ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟକୁ ବିଶୋଧନ କରାଯାଇଛି। ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟକୁ ସାଧାରଣଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯିବ ବୋଲି ଜଣାପଡିଛି।

### ଜଗନ୍ନାଥ ମନ୍ଦିର ପରିଚାଳନାରେ ଅବ୍ୟବସ୍ଥା ଅଭିଯୋଗ

**କଟକ ଅଫିସ,୧୯।୭:** ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ହେଉଛି। ମନ୍ଦିର ପରିଚାଳନା ପାଇଁ ଏକ ପରିଷଦ ଗଠିତ ହୋଇଛି। ହେଲେ ପୁନଃ ନିର୍ବାଚନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ଏଭଳି ଅଭିଯୋଗ ଆଣିଛି। ଏନେଇ ଖୁବ୍ ଶୀଘ୍ର ଆଇନର ଦ୍ୱାରସ୍ଥ ହେବୁ ବୋଲି ପୂଜା କମିଟି ସଭାପତି ପ୍ରତାପ କିଶୋର ସିଂ ପ୍ରେସ୍ ବିବୃତ୍ତିରେ କହିଛନ୍ତି। ପରିଷଦ ଦ୍ୱାରା ବାର୍ଷିକ ସଭା ନ ହେବା ଦ୍ୱାରା ଏହାର କାର୍ଯ୍ୟରେ ସ୍ୱଚ୍ଛତା ରହୁନାହିଁ। ମନ୍ଦିରର ସ୍ୱତନ୍ତ୍ର ନିୟମ ରହିଛି। ଯଦ୍ୱାରା ମନ୍ଦିରର ଆଜୀବନ ସଦସ୍ୟଙ୍କୁ ବର୍ଷକୁ ଥରେ ଭୋଜନ ଦିଆଯାଏ। ୨୦ବର୍ଷ ହେଲା ଏହି ନିୟମକୁ ପରିଷଦର ସଦସ୍ୟ ଖିଲାପ କରୁଛନ୍ତି। କିଛି ବର୍ଷ ତଳେ ମନ୍ଦିରର ଗୁଣ୍ଡିଚା ମନ୍ଦିର କୁହାଯାଉଥିବା ପୀଠକୁ ଭଙ୍ଗାଯାଇଥିଲା, ଯେଉଁଥିରେ କୋଟିଏରୁ ଅଧିକ ଟଙ୍କା କ୍ଷତି ହୋଇଥିବା କୁହାଯାଉଛି। ଏହାର ସମୀକ୍ଷା ପାଇଁ ପ୍ରସ୍ତାବ ଦିଆଯାଉଥିଲେ ମଧ କେହି ଶୁଣୁନାହାନ୍ତି। ମନ୍ଦିରର ପ୍ରସାଦର ମାନ ଦିନକୁ ଦିନ କମୁଛି ବୋଲି ମଧ ସାଧାରଣରେ ଅଭିଯୋଗ ହେଉଛି।

# ପୋଲିସ ସେବା ଭବନ ପରିସରରେ ମଉଜ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

- ଡ୍ୟାନ୍ସ ଚାଲିଥିଲା, ଫନି ଭିଡିଓ ଶୁଟିଂ ହେଉଥିଲା
- ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କୁ ତାଗିଦ୍

କରୋନା ପରିସ୍ଥିତି ଓ ସଂକ୍ରମଣ ଏଡ଼ାଇବା ପାଇଁ କମିଶନରେଟ ପୋଲିସ ମୁଖ୍ୟାଳୟ 'ପୋଲିସ ସେବା ଭବନ'କୁ ବର୍ତ୍ତମାନ ସାଧାରଣ ଲୋକଙ୍କ ପ୍ରବେଶକୁ ବନ୍ଦ ରଖାଯାଇଛି। ଏଥିସହ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟାଳୟ ଭିତରେ ସ୍ୱଳ୍ପ ଅଧିକାରୀ ଓ କର୍ମଚାରୀରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି। ଭିତର ଓ ବାହାରେ ବହୁ ପୋଲିସ କର୍ମଚାରୀ କଟକଣା ଓ ସୁରକ୍ଷା ଦାୟିତ୍ୱରେ ରହୁଛନ୍ତି। ଏପରିସ୍ଥିତିରେ ଏଠାରେ ଚାଲିଛି ମଉଜମସ୍ତି। ରବିବାର ଏହା ପରିସରରେ ଡ୍ୟାନ୍ସ ସହ ଫନି ଭିଡିଓ ଶୁଟିଂ ଚାଲିଥିବା ଦେଖିବାକୁ ମିଳିଛି। ବାଜୁଥିଲା ମ୍ୟୁଜିକ୍, ଆଉ ଏକ ଷ୍ଟାଣ୍ଡରେ ରହିଥିଲା ମୋବାଇଲ୍ କ୍ୟାମେରା। ଏହା ଆଗରେ ଦୁଇଜଣ ବ୍ୟକ୍ତି ହାତ ଓ ଅଣ୍ଟା ହଲାଇ ଖାମଖିଆଲ ଭାବେ ନାଚୁଥିବା ବାହାରକୁ ଦିଶୁଥିଲା। ପାଖରେ ମଧ କେତେଜଣ ଠିଆ ହୋଇ ତାହାକୁ ଉପଭୋଗ କରୁଥିଲେ। ରାସ୍ତାରେ ଯାଉଥିବା ଲୋକ ଏହାଦେଖି ଟିକିଏ ଅଟକି ଯାଉଥିଲେ। ସେହିବାଟ ଦେଇ ଯାଉଥିବା ଧରିତ୍ରୀର ଖବରଦାତାଙ୍କ ନଜର ପଡିବାରୁ ସେ ମଧ ଅଟକିଯାଇ ନିଜ ମୋବାଇଲ୍ ଫୋନ୍‌ରେ ଦୃଶ୍ୟକୁ କଏଦ କରିଥିଲେ। ନାଚୁଥିବା ଦୁଇଜଣ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ବୋଲି କୁହାଯାଉଛି। ନିକଟରେ ପୋଲିସ ସେବା ଭବନରେ ଜଣେ କର୍ମଚାରୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏବେ ପୋଲିସ କର୍ମଚାରୀଙ୍କ ଡ୍ୟାନ୍ସ ଘଟଣା ପୋଲିସ ଭବନକୁ ଆଉଏକ ବଦନାମ ଦେଇଛି।

ତେବେ ଏହି ଡ୍ୟାନ୍ସ ଭିଡିଓ ଦେଖିବା ପରେ କମିଶନରେଟ ପୋଲିସର ପିଆର୍‌ଓ ଶିଶିର ମିଶ୍ର କହିଛନ୍ତି, ବାହାର ଲୋକଙ୍କୁ ପୋଲିସ ଭବନ ପରିସରକୁ ପ୍ରବେଶ ବାରଣ କରାଯାଇଛି। ରବିବାର ଉକ୍ତ ସମୟରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କୁ ଡକାଯିବା ସହ ସେମାନଙ୍କ ଦାୟିତ୍ୱରେ ଥିବା ଡେପୁଟି ସୁବେଦାରଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।




ମୋବାଇଲ କ୍ୟାମେରାରେ କଏଦ ହୋଇଥିବା ଡ୍ୟାନ୍ସର ଦୃଶ୍ୟ।

## ରାଷ୍ଟ୍ରପତି ପୁରସ୍କାର ପାଇବେ ୧୦ ସ୍ୱାଧୀନତା ସଂଗ୍ରାମୀ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

**ଘରକୁ ଯାଇ ସମ୍ମାନିତ କରିବେ ଜିଲାପାଳ**

ଅଗଷ୍ଟ ୯ କ୍ରାନ୍ତିଦିବସରେ ଓଡ଼ିଶାର ୧୦ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସମ୍ମାନିତ କରିବେ। ହେଲେ କୋଭିଡ୍-୧୯ କଟକଣା ଯୋଗୁ ସ୍ୱାଧୀନତା ସଂଗ୍ରାମୀମାନେ ରାଷ୍ଟ୍ରପତି ଭବନକୁ ଯାଇପାରିବେ ନାହିଁ। ତେଣୁ ଜିଲାପାଳମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ଘରକୁ ଯାଇ ସେମାନଙ୍କୁ ଅଙ୍ଗବସ୍ତ୍ର ଓ ଶାଲ୍ ସହ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିବେ। ସମ୍ମାନିତ ହେବାକୁ ଥିବା ସଂଗ୍ରାମୀମାନେ ହେଲେ ଯାଜପୁର ବଡ଼ଚଣା ବ୍ଲକ ବାଲିପଡ଼ିଆର ନୀଳମଣି ସାମଲ, ଭଦ୍ରକ ଧୁଷୁରି ସୂର୍ଯ୍ୟପୁର ଗ୍ରାମର ରାମହରି ଗୋସ୍ୱାମୀ ଓ ଗୌରହରି ଗୋସ୍ୱାମୀ, ଭଦ୍ରକ ଧାମନଗର ଅନ୍ତର୍ଗତ କମାରବନ୍ଧ ଗ୍ରାମର ବ୍ରଜକିଶୋର ରାଉତ, ନୟାଗଡ଼ ରଣପୁର ଅନ୍ତର୍ଗତ ମଖିଖଣ୍ଡ ଗ୍ରାମର ଈଶ୍ୱର ବିଶୋୟୀ ଓ କଣ୍ଟିଲୋର ସହଦେବ ବେହେରା, ଜଗତ୍‌ସିଂହପୁର ବାଲିକୁଦା ଭଗବାନସିନ୍ଧୋଳର ବିଶ୍ୱନାଥ ଦାଶ, ସମ୍ବଲପୁର ମୁରା ଅନ୍ତର୍ଗତ କଲମି ଗ୍ରାମର ଦେବାନନ୍ଦ ଗୁପ୍ତା, ଯାଜପୁର ଜିଲା କାଇପଦରର ଦଧିଚିସାହୁ ଏବଂ କେନ୍ଦ୍ରାପଡ଼ା ହାଟବାଣପୁର ଗ୍ରାମର ମକରଧ୍ୱଜ ଦାସ।

## ଡେଙ୍ଗୁ ରୋଗୀ କରୋନା ପଜିଟିଭ

କଟକ ଅଫିସ,୧୯।୭

ଏସ୍‌ସିବି ଆଶୁ ଚିକିତ୍ସା ବିଭାଗରେ ପ୍ରତିଦିନ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି। ରବିବାର ମଧ୍ୟାହ୍ନରେ କଟକ ଲାଲବାଗ ଅଞ୍ଚଳର ଜଣେ ରୋଗୀ କାଜୁଆଲିଟିକୁ ଆସିଥିଲେ। ତାଙ୍କ ଆଣ୍ଟିଜେନ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିଲା। ସେହିପରି ଅପରାହ୍ନରେ କଟକ ସାଆନ୍ତସାହିର ଜଣେ ୪୧ ବର୍ଷୀୟ ଡେଙ୍ଗୁ ରୋଗୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ୧୧ ଆକ୍ରାନ୍ତ ଚିହ୍ନଟହୋଇଛନ୍ତି। ୩ଜଣଙ୍କ ମୃତ୍ୟୁ ହୋଇଛି।

## ଭୁବନେଶ୍ୱରରେ ପୁଣି ୫୨ ଆକ୍ରାନ୍ତ, ୨୯ ସୁସ୍ଥ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

- ଘରୋଇ ହସ୍ପିଟାଲର ୯ କର୍ମଚାରୀ, ଜଣେ ମେଡିକାଲ ଛାତ୍ରୀ ପଜିଟିଭ୍
- ଅଧିକାଂଶ ଚିହ୍ନଟ ଉତ୍ତର ଭୁବନେଶ୍ୱର ଅଞ୍ଚଳର

ଭୁବନେଶ୍ୱରରେ ପୁଣି ୫୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୩୪ଜଣ ସଙ୍ଗରୋଧ କେନ୍ଦ୍ରରେ ଥିବାବେଳେ ୧୮ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ବିଏମ୍‌ସିର ତଥ୍ୟ ଅନୁସାରେ, ଉତ୍ତର ଭୁବନେଶ୍ୱର ଅଞ୍ଚଳର ଅଧିକାଂଶ ରହିଛନ୍ତି। ଘରୋଇ ହସ୍ପିଟାଲର ୭ଜଣ ପୁରୁଷ ଓ ୨ଜଣ ମହିଳା କର୍ମଚାରୀଙ୍କ ସମେତ ଜଣେ ରେଳ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେହିଭଳି ସଙ୍ଗରୋଧରୁ ଚିହ୍ନଟ ଅନ୍ୟ ଆକ୍ରାନ୍ତମାନେ ହେଲେ ଆଇଆର୍‌ସି ଭିଲେଜ୍ ଏନ୍-୩ ଅଞ୍ଚଳରୁ ଜଣେ ପୁରୁଷ, ନୀଳାଦ୍ରିବିହାର ଇଶାନେଶ୍ୱର ବସ୍ତିରୁ ଜଣେ ମହିଳା, ନୀଳାଦ୍ରିବିହାର ସେକ୍ଟର-୨ରୁ ଜଣେ ପୁରୁଷ, ନୂଆଗାଁରୁ ଜଣେ ପୁରୁଷ, ଆଇଆର୍‌ସି ଭିଲେଜ ଏନ୍-୬ରୁ ଜଣେ ପୁରୁଷ, ଶୈଳଶ୍ରୀବିହାରରୁ ଜଣେ ପୁରୁଷ, ୟୁନିଟ-୧ ଆଖଣ୍ଡଳମଣି ବସ୍ତି ନୀଳାଦ୍ରିବିହାରରୁ ଜଣେ ବାଳକ, ମଞ୍ଚେଶ୍ୱରରୁ ଜଣେ ପୁରୁଷ, ଭୀମଟାଙ୍ଗୀ ଭୀମେଶ୍ୱର ମନ୍ଦିର ନିକଟରୁ ଜଣେ ପୁରୁଷଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସେହିପରି ସାଲିଆସାହି ନୀଳାଦ୍ରିବିହାର ଅଞ୍ଚଳରୁ ଜଣେ ପୁରୁଷ, ମଞ୍ଚେଶ୍ୱର ଅଞ୍ଚଳର ଜଣେ ରେଳ କର୍ମଚାରୀ, ନୟାପଲ୍ଲୀ ଗାନ୍ଧୀବସ୍ତି ଅଞ୍ଚଳରୁ ଦୁଇଜଣ ମହିଳା, ଶହୀଦନଗରରୁ ୭ଜଣ ମହିଳା ଓ ଜଣେ ପୁରୁଷ, ଲକ୍ଷ୍ମୀସାଗରରୁ ଜଣେ ପୁରୁଷ, ଝାରପଡ଼ା ବୈରାଗୀ ନଗରରୁ ଜଣେ ପୁରୁଷ, ରବିଟକିଜ ରାଧାବଲ୍ଲଭ ମଠ ଅଞ୍ଚଳରୁ ଜଣେ ପୁରୁଷ ଓ ଟଙ୍କପାଣି ରୋଡ୍ ବ୍ରହ୍ମେଶ୍ୱରୀ ମନ୍ଦିର ନିକଟରୁ ଜଣେ ପୁରୁଷ ଚିହ୍ନଟ ହୋଇଛନ୍ତି।

ଅନ୍ୟପକ୍ଷେ ୧୮ ସ୍ଥାନୀୟ ଆକ୍ରାନ୍ତ ହେଲେ ନୟାପଲ୍ଲୀ ବ୍ରିଟ୍ କଲୋନୀରୁ ଜଣେ ମହିଳା, ରସୁଲଗଡ଼ ଜିଜିପି କଲୋନୀରୁ ଜଣେ ମହିଳା, ଅଶୋକ ନଗରରୁ ଜଣେ ପୁରୁଷ, ହଳଦୀପଡ଼ା ବସ୍ତିରୁ ଜଣେ ପୁରୁଷ, ଡୁମୁଡୁମା ଫେଜ-୩ରୁ ଜଣେ ମହିଳା, ୟୁନିଟ-୮ ଡେଲ୍‌ଟା ସ୍କୋୟାରରୁ ଜଣେ ପୁରୁଷ, ଜାଗମରାରୁ ଜଣେ ମହିଳା, ଘାଟିକିଆରୁ ଜଣେ ମହିଳା, ଘରୋଇ ହସ୍ପିଟାଲରୁ ଜଣେ ଛାତ୍ରୀ, ଆଇଆର୍‌ସି ଭିଲେଜ ଏନ୍-୫ ଅଞ୍ଚଳରୁ ଜଣେ ମହିଳା, ଚନ୍ଦ୍ରଶେଖରପୁର ଗାୟତ୍ରୀ ବିହାରରୁ ଜଣେ ମହିଳା, ରବି ଟକିଜ ଅଞ୍ଚଳରୁ ଜଣେ ପୁରୁଷ, ବଡ଼ଗଡ଼ ବ୍ରିଟ୍ କଲୋନୀରୁ ଜଣେ ପୁରୁଷ, ଶୈଳଶ୍ରୀ ବିହାର ବଜରଙ୍ଗ ନଗରରୁ ଜଣେ ପୁରୁଷ, ସାମନ୍ତରାପୁର ପୋଷ୍ଟ ଅଫିସ୍ ଅଞ୍ଚଳରୁ ଜଣେ ପୁରୁଷ ଓ ଚିନ୍ତାମଣିଶ୍ୱର ଲୋନ୍-୮ ଅଞ୍ଚଳରୁ ଜଣେ ମହିଳା ରହିଛନ୍ତି।

ଏମାନଙ୍କୁ ମିଶାଇଲେ ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୮୨ରେ ପହଞ୍ଚିଛି। ଏପଟେ ସହରରୁ ଆଉ ୨୯ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ଏବେସୁଦ୍ଧା ୫୨୩ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୬୪୬ଟି ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ଅନ୍ୟପକ୍ଷରେ ୧୧ଜଣଙ୍କ ମୃତ୍ୟୁ ହୋଇଥିବା ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।



ଭୁବନେଶ୍ୱର ବଡ଼ଗଡ଼ ପରିବା ହାଟରେ ପୋଲିସ ଟିମ୍‌ର ଉପସ୍ଥିତ ସତ୍ତ୍ୱେ ନିୟମ ଉଲଂଘନ କରି ଲୋକେ ଭିଡ଼ ଜମାଇଛନ୍ତି।

## ପରିବା ସାଙ୍ଗରେ ଘରକୁ ଯାଉଛି କରୋନା

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

**ୟୁନିଟ୍-୧ ହାଟ ପରିବା ଗୋଦାମ ମାଲିକଙ୍କୁ କରୋନା**

- ପୋଲିସ ଉପସ୍ଥିତିରେ ବି ରହୁନି ସାମାଜିକ ଦୂରତ୍ୱ
- ସକାଳୁ ଚଢ଼ାଉ କରୁନି ମିଳିତ ସ୍କ୍ୱାଡ୍

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଏବେ କରୋନା ସଂକ୍ରମଣ ହୁହୁ ହୋଇ ମାଡ଼ି ଚାଲିଛି। ଏଠାରେ ପ୍ରତିଦିନ ୫୦ ଉପରେ ପଜିଟିଭ୍ ଚିହ୍ନଟ ହେଉଥିବାବେଳେ ରବିବାର ଆକ୍ରାନ୍ତଙ୍କ ସଂଖ୍ୟା ୧୧୮୨ରେ ପହଞ୍ଚିଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ସହରରେ ପୁଣି ଲକ୍‌ଡାଉନ୍ କଟକଣା ଲାଗୁ କରାଯାଇଛି। ସକାଳ ୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ରହିଛି। ହେଲେ ଏସବୁ ଦୋକାନରୁ ହିଁ ସଂକ୍ରମଣ ବ୍ୟାପୁଛି। କାରଣ ଇତିମଧ୍ୟରେ କେତେଜଣ ତେଜରାତି ଦୋକାନୀ ଓ ପରିବା ବ୍ୟବସାୟୀ କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ସଂସ୍ପର୍ଶରେ ବହୁ ଗ୍ରାହକ ଆସି ସଂକ୍ରମିତ ହୋଇଥିବା ଜଣାପଡିଛି। ବିଶେଷକରି ୟୁନିଟ୍-୧ ସମେତ ବିଭିନ୍ନ ପରିବା ବଜାରରେ ସାମାଜିକ ଦୂରତ୍ୱ ରହୁ ନ ଥିବାବେଳେ ଲୋକେ ସଂକ୍ରମଣକୁ ଘରକୁ ନେଉଥିବା ଆଶଙ୍କା ପ୍ରକାଶ ପାଇଛି। ସବୁଠୁ ଉଦ୍‌ବେଗର ବିଷୟ ହେଲା ୟୁନିଟ୍-୧ ହାଟର ଜଣେ ପରିବା ଗୋଦାମ ମାଲିକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହା ଜଣାପଡିବା ପରେ ଶନିବାର ପୋଲିସ ଉକ୍ତ ହାଟକୁ ଯାଇ ବ୍ୟବସାୟୀଙ୍କୁ ଏନେଇ ଅବଗତ କରିବା ସହ ସଂସ୍ପର୍ଶରେ ଆସିଥିଲେ ଘରେ ସଙ୍ଗରୋଧରେ ରହିବାକୁ କହିଥିବା କେତେଜଣ ବ୍ୟବସାୟୀ କହିଛନ୍ତି। ଆକ୍ରାନ୍ତ ବ୍ୟବସାୟଙ୍କଠାରୁ ସହରର ବିଭିନ୍ନ ହାଟ, ବଜାର ଓ କଲୋନୀରେ ଦୋକାନ କରିଥିବା ବ୍ୟବସାୟୀ ପରିବାର ନେଇଥାନ୍ତି। ସେସବୁ ଦୋକାନରୁ ଶହଶହ ଲୋକ ପରିବା ଘରକୁ ନେଇଥିବାରୁ ସଂକ୍ରମଣ ଘରକୁ ବ୍ୟାପିଥିବା ମଧ ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଦେଖିବାକୁ ଗଲେ କମିଶନରେଟ ପୋଲିସ କଟକଣା ଲଗାଇଥିଲେ ମଧ ସେପରି ପଦକ୍ଷେପ ନେଉନି। ସାମାଜିକ ଦୂରିତ୍ୱ ଓ କୋଭିଡ୍ କଟକଣା ହାଟବଜାରରେ ରହୁନି। ଯାଞ୍ଚ ଓ ଚଢ଼ାଉ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହେଉଛନ୍ତି। ହେଲେ ପୋଲିସ ଉପସ୍ଥିତିରେ ବି ଶନିବାର ବଡ଼ଗଡ଼ ପରିବା ହାଟରେ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଛି। ବ୍ୟବସାୟୀ ହେଉ ଅବା ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ଆଦୌ ରହୁନି। ଫଳରେ ସବୁଠୁ ସଚେତନ ତଥା ଶିକ୍ଷିତ ଲୋକ ରହୁଥିବା ରାଜଧାନୀରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ତେଣୁ ପୋଲିସ ଏକ୍ଷେତ୍ରରେ ବଡ଼ ଭୂମିକା ଗ୍ରହଣ କରିବା ସହ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି।

ବିଏମ୍‌ସି ବିଡିଏ ମିଳିତ ସ୍କ୍ୱାଡ୍‌ର ଜଣେ ଅଧିକାରୀ କହିଛନ୍ତି, ଖରାଗରମ ପାଇଁ ଲୋକେ ମୁଖ୍ୟତଃ ସକାଳବେଳା ହିଁ ହାଟ ବଜାରକୁ ଆସୁଛନ୍ତି। ସେଥିପାଇଁ ଭିଡ଼ ହେଉଛି। ହେଲେ ସକାଳୁ ସ୍କ୍ୱାଡ୍ ସଦସ୍ୟଙ୍କ ନିଦ ଭାଙ୍ଗୁନି। ଚଢ଼ାଉବେଳକୁ ଲୋକେ ଘରକୁ ଫେରିଯାଉଛନ୍ତି। ସ୍କ୍ୱାଡ୍ ଖାଲି ହାତରେ ଫେରୁଛି।

## ଲକ୍‌ଡାଉନ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ଏସ୍‌ପି

ଖୋର୍ଦ୍ଧା ଅଫିସ,୧୯।୭

ଖୋର୍ଦ୍ଧାରେ ୧୪ଦିନିଆ ଲକ୍‌ଡାଉନକୁ କଡ଼ାକଡ଼ି କରାଯାଇଛି। ରବିବାର ଲକ୍‌ଡାଉନର ଦ୍ୱିତୀୟ ଦିବସରେ ଜିଲାପାଳ ଶୀତାଂଶୁ କୁମାର ରାଉତ ଏବଂ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଖୋର୍ଦ୍ଧା ସହରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ସଚେତନ କରାଯାଉଛି। ନିର୍ଦ୍ଧାରିତ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ବ୍ୟବସାୟୀମାନେ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ରକ୍ଷା କରୁଛନ୍ତି କି ନାହିଁ ପ୍ରଶାସନ ପକ୍ଷରୁ ତଦାରଖ କରାଯାଉଛି। ସହରକୁ ପ୍ରବେଶ ଓ ପ୍ରସ୍ଥାନ ପଥରେ ବିନା ଯାଞ୍ଚରେ କାହାକୁ ଛଡାଯାଉନାହିଁ। ଚିକିତ୍ସା କିମ୍ବା ଅନ୍ୟ ଜରୁରୀ କାମରେ ଆସୁଥିବା ଲୋକଙ୍କୁ ଆବଶ୍ୟକ ଯାଞ୍ଚ ପରେ ଛଡ଼ାଯାଉଛି। ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଥିଲା। ଏ ନେଇ ଏସ୍‌ପି ସ୍ୱାଇଁ କହିଛନ୍ତି, ପ୍ରତ୍ୟେକ ଥାନା ଅଞ୍ଚଳର ଥାନାଧିକାରୀ, ବିଡିଓ ଏବଂ ତହସିଲଦାରଙ୍କୁ ନେଇ ବ୍ଲକ ସ୍ତରୀୟ କମିଟି ରହିଛି। ଏହି କମିଟି ନିଜ ଅଞ୍ଚଳରେ ଲକ୍‌ଡାଉନ ସ୍ଥିତି ତଦାରଖ କରିବେ। ସତର୍କତା ଅବଲମ୍ବନ ଲାଗି ସେ ଅନୁରୋଧ କରିଛନ୍ତି। ଅନ୍ୟପଟେ ଅତି ଜରୁରି ନ ଥିଲେ ଘରୁ ବାହାରନ୍ତୁନି ବୋଲି ଜିଲାପାଳ ରାଉତ ବାର୍ତ୍ତା ଦେଇଛନ୍ତି।




ଖୋର୍ଦ୍ଧାରେ ଦୋକାନବଜାର ବନ୍ଦ ରହିଛି।

# ଶହେ କୋଟି କ୍ଷତି ସହିବ ପାର୍ବଣର ସହର

### କରୋନା ପାଇଁ ପୂଜା କଟକଣା

**କରୋନା ମହାମାରୀ ଗ୍ରାସିବା ପରେ ଏବେ ପାର୍ବଣର ସହର କଟକରେ ପୂଜା କଟକଣା। ଚଳିତ ବର୍ଷ ଗଣେଶ ପୂଜା ହେବନି ବୋଲି ଘୋଷଣା ହେବା ପରେ ଦଶହରା ଓ କାଳୀପୂଜାକୁ ନେଇ ମଧ ଶଙ୍କା ପ୍ରକାଶ କଲେଣି କଟକବାସୀ। କରୋନା ଯେପରି କାୟା ବିସ୍ତାର କରିଚାଲିଛି, ଏଥର ସଂକ୍ରମଣ ସଫେଇରେ ଧୋଇ ହୋଇଯିବ କଟକ ସହରର ପାର୍ବଣ ଚମକ। ସବୁବର୍ଷ ପାର୍ବଣରେ ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୁଏ। ପୂଜା କଟକଣା ପରେ ଏବେ ସହରବାସୀଙ୍କୁ କ୍ଷତି ଚିନ୍ତା ଘାରିଲାଣି।**

କଟକ ଅଫିସ,୧୯।୭

**କଟକରେ ଏଥର ଗଣେଶ ପୂଜା ହେବନାହିଁ**

କରୋନା ମହାମାରୀ ଦୃଷ୍ଟିରୁ କଟକରେ ଚଳିତବର୍ଷ ଗଣେଷ ପୂଜା ହେବନାହିଁ। କୌଣସି କ୍ଲବ ପୂଜାକୁ ନେଇ ବଡ଼ଧରଣର ଆୟୋଜନ କରିବେ ନାହିଁ। ଥାନାଗୁଡ଼ିକ ନିଜ ଅଞ୍ଚଳର କ୍ଲବ ସଦସ୍ୟଙ୍କୁ ଡାକି ଏ ଦିଗରେ ଅବଗତ କରାଇବ। କଟକ ମହାନଗର ପୂଜା କମିଟିର ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରବିବାର ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ବିଦାୟୀ ଡିସିପି ଅଖିଳେଶ୍ୱର ସିଂ, କଟକ ମହାନଗର ଶାନ୍ତି କମିଟି, ପୂର୍ବାଞ୍ଚଳ ଶାନ୍ତି କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଗଣେଶ ପୂଜାରୁ ହିଁ ପାର୍ବଣର ମଙ୍ଗଳ ବାଦ୍ୟ ବାଜେ ଓ କାର୍ତ୍ତିକ ମାସରେ ଏ ପୂଜାଋତୁ ସରେ। କାର୍ତ୍ତିକ ପୂଜା ତଥା ବାଲିଯାତ୍ରା ପରେ କଟକରୁ ପାର୍ବଣର ମାହୋଲ ବିଦାୟ ନିଏ। ଚଳିତ ବର୍ଷ ଗଣେଶ ପୂଜା ବନ୍ଦ ହେବା ସହ ଦଶହରାକୁ ନେଇ ମଧ ଦ୍ୱନ୍ଦ୍ୱରେ ପକାଇଦେଇଛି। ଗଣେଶ ପୂଜା ଦିନ ହିଁ ପୂଜାମଣ୍ଡପଗୁଡ଼ିକ ଦଶହରା ପାଇଁ ତୋରଣ କାର୍ଯ୍ୟ ଆରମ୍ଭ କରନ୍ତି ଆଉ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବରେ ମୃଣ୍ମୟୀଙ୍କ ପାଇଁ ମାଟି ଅନୁକୂଳ କରାଯାଏ। ଏହି ଦୁଇଟି କାର୍ଯ୍ୟ ଏବେ ଆରମ୍ଭ ହେବ କି ନାହିଁ, ତାହାକୁ ନେଇ ଭାଳେଣି ପଡ଼ିଲାଣି। ପରବର୍ତ୍ତୀ ଘୋଷଣା ନ ହେବା ପର୍ଯ୍ୟନ୍ତ ଦଶହରା ପାଇଁ ପ୍ରସ୍ତୁତ ହୁଅନାହିଁ ବୋଲି ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, କଟକରେ ୧୫୦୦ରୁ ଊର୍ଦ୍ଧ୍ୱ ଗଣେଶ ପୂଜା କ୍ଲବ ଓ ୧୭୯ଟି ଦଶହରା ପୂଜା ମଣ୍ଡପ ରହିଛି। ସେ ସବୁ ପୂଜା କଟକଣାରେ ଫିକା ପଡ଼ିଯିବ। ବ୍ୟାବସାୟିକ ଦୃଷ୍ଟିରୁ ମଧ କଟକ ୧୦୦ କୋଟିରୁ ଅଧିକ ଟଙ୍କାର କ୍ଷତି ସହିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

**ପୂଜା ନ ହେଲେ ଫୁଲବେପାର ଫିକା ପଡ଼ିବ**



ବିବାହ ଋତୁ ସରିଗଲା ହେଲେ ବ୍ୟବସାୟ ହେଲାନି। ଆଗରୁ ମାସକୁ ୫୦ ହଜାର ଟଙ୍କାରୁ ଅଧିକ ରୋଜଗାର ହୁଏ। ହେଲେ ଏବେ ୧୫ ହଜାର ପୂରିବା କଷ୍ଟ। ବାହାରୁ ଫୁଲ ଆମଦାନୀ ହୋଇପାରୁନି। ପର୍ବପର୍ବାଣିକୁ ବି କଟକରେ ବନ୍ଦ। ୨୦ ବର୍ଷର ବ୍ୟବସାୟ ଜୀବନରେ ଏଭଳି ସମୟ କେବେ ଆସି ନ ଥିଲା।

**– ସୋମନାଥ କର,**
**ପଞ୍ଚମୁଖୀ ଫୁଲ ଦୋକାନ, ପ୍ରେସ୍ ଛକ**

**ପୂଜା ସିଜନ୍ ବେକାର ଯିବ**



ମହାମାରୀ ଆରମ୍ଭରୁ କାର୍ଯ୍ୟକ୍ରମ ବନ୍ଦ ଥିବାରୁ ରୋଜଗାର କିଛି ନାହିଁ। ଡିଜେ ଏବଂ ସାଉଣ୍ଡ ବ୍ୟତୀତ ଅନ୍ୟ ବ୍ୟବସାୟ ନାହିଁ। ୫ ମାସ ହେଲା ବିବାହ, ବ୍ରତ, ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ଆଶା ଥିଲା ଗଣେଶ ପୂଜାରୁ ପୁଣି ବେପାର ହେବ; କିନ୍ତୁ ଏବେ ଲାଗୁଛି ପୂରା ପୂଜା ସିଜନ୍ ପାଣିରେ ପଡ଼ିବ।

**– ମହେଶ୍ୱର ବସନ୍ତିଆ,**
**ବସନ୍ତିଆ ସାଉଣ୍ଡ ଆଣ୍ଡ ଲାଇଟ୍ ମୁଖ୍ୟ**

**ପୂଜା ବନ୍ଦ ହେଲେ ପୂଜାରୀଙ୍କ ଆୟ ବନ୍ଦ**



ପ୍ରଶାସନର ନିୟମ ମାନି ଭକ୍ତମାନେ ମନ୍ଦିର ନ ଆସିବା ହେତୁ ଆମ ପୂଜାରୀମାନଙ୍କ ଆୟର ବାଟ ବନ୍ଦ ହୋଇଯାଇଛି। ଗଣେଶ ପୂଜା ପରି ଆଗକୁ ସବୁ ପୂଜା ଯଦି ବନ୍ଦ ହୁଏ, ଆମକୁ ଅତି ଖରାପ ଅବସ୍ଥା ଦେଇ ଯିବାକୁ ପଡ଼ିବ। ପ୍ରଶାସନ ଆମ ପାଇଁ ସହାୟତା ଦେଉ।

**– ଦୀପକ ପଣ୍ଡା, ପୂଜାରୀ**

**ପୂଜା ନ ଥିଲେ ରୋଜଗାର ନାହିଁ**



ବିବାହ ଋତୁ ଚାଲିଗଲା। କିଛି ବି କାମ ପାଇଲୁନି। ଗଣେଶ ପୂଜା ବନ୍ଦ ହେବା ପରେ ଆମ ବେପାର ପୂରା ଭାସିଗଲା। ଏହି ସମୟରେ ଆମେ ପ୍ରାୟ ୨ ଲକ୍ଷ ଟଙ୍କାର ରୋଜଗାର କରୁ। ଦୁର୍ଭାଗ୍ୟକୁ ଦଶହରା, କାଳୀପୂଜା ବି ବନ୍ଦ ହେଲେ ଆମର ଗୁଜୁରାଣ ଦୁଃଖ ଆହୁରି ବଳି ପଡ଼ିବ।

**– ବଳରାମ ଦଳେଇ**

**ସଂକ୍ଷେପରେ**

## ଜିଓରେ ଯୋଡ଼ି ହେଲେ ୭ଲକ୍ଷ ଗ୍ରାହକ

**ଭୁବନେଶ୍ୱର,୧୯।୭:** ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ(ଟ୍ରାଇ) ଦ୍ୱାରା ସଦ୍ୟ ପ୍ରକାଶିତ ମୋବାଇଲ ଗ୍ରାହକଙ୍କ ତଥ୍ୟ ଅନୁଯାୟୀ ମାର୍ଚ୍ଚ ୨୦୨୦ରେ ରିଲାଏନ୍ସ ଜିଓ ଓଡ଼ିଶା ବଜାରରେ ୧.୯ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ଗ୍ରାହକଙ୍କୁ ଯୋଡି ପାରିଛି। ଏହି ସମୟ ମଧ୍ୟରେ ବିଏସ୍ଏନ୍ଏଲ ୫୨ହଜାର ଗ୍ରାହକଙ୍କୁ ନୂତନ ସଂଯୋଗ କରିପାରିଛି। ଜିଓ ଡିସେମ୍ବର ୨୦୧୯ରେ ରାଜ୍ୟରେ ସର୍ବାଧିକ ଗ୍ରାହକ ତଥା ରାଜସ୍ୱ ଅଂଶ ହାସଲ କରିବା ସହ ୧ନଂ ସ୍ଥାନ ହାସଲ କରିଥିଲା। ରିଲାଏନ୍ସ ଜିଓ ୨୦୨୦ରେ ପ୍ରଥମ ୩ମାସ ମଧ୍ୟରେ ୭ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ଯୋଡିଛି। ସେହିଭଳି ଭାରତୀ ଏୟାରଟେଲ ଏବଂ ଭୋଡାଫୋନ-ଆଇଡିଆ ପ୍ରାୟ ୬ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ହରାଇଥିବା ଜଣାପଡିଛି। ଏହି ସମୟରେ ଭୋଡାଫୋନ ଆଇଡିଆ ୧.୮୩ ଲକ୍ଷ ଏବଂ ଏୟାରଟେଲ ୧.୦୭ ଲକ୍ଷ ଗ୍ରାହକଙ୍କୁ ହରାଇଛନ୍ତି ବୋଲି ଟ୍ରାଇ ତାର ରିପୋର୍ଟରେ ପ୍ରକାଶ କରିଛି । ଏହି ସମୟ ମଧ୍ୟରେ ଜାତୀୟ ସ୍ତରରେ ଜିଓ ପ୍ରାୟ ୪୭ ଲକ୍ଷ ନୂତନ ଗ୍ରାହକ ଯୋଡିଛି।

## ୧୦% ମାନୁଫାକ୍ଚରିଂ ୟୁନିଟ୍‌ର ଉତ୍ପାଦନ ବଢ଼ିଛି

**ନୂଆଦିଲ୍ଲୀ,୧୯।୭:** କରୋନା ସମୟରେ ଦେଶ ମଧ୍ୟରେ ଥିବା କେବଳ ୧୦% ମାନୁଫାକ୍ ଚରିଂ ୟୁନିଟର ଉତ୍ପାଦନ ବଢିଛି। ଉଦ୍ୟୋଗ ସଂଘ ଫିକି ପକ୍ଷରୁ ହୋଇଥିବା ସର୍ଭେରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଏହାର ପୂର୍ବ ତ୍ରୈମାସରେ କେବଳ ୧୫% ମାନୁଫାକଚରିଂ ୟୁନିଟର ଉତ୍ପାଦନ ବଢିଥିଲା। ୩୦୦ରୁ ଉର୍ଦ୍ଧ୍ୱ ମାନୁଫାକଚରିଂ ୟୁନିଟ୍‌କୁ ନେଇ ଏହି ସର୍ଭେ କରାଯାଇଛି। ଉକ୍ତ ୟୁନିଟଗୁଡିକର ସାମୂହିକ ଭାବେ ବାର୍ଷିକ କାରବାର ୨.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। କଟକଣା କୋହଳ କରାଯାଇଥିଲେ ମଧ ଚାହିଦା ଏବଂ ଅର୍ଡରକୁ ଦେଖିଲେ ବାହାର ୟୁନିଟଗୁଡିକ ବେଶି ପ୍ରଭାବିତ ହୋଇ ରହିଛନ୍ତି।

# ଖୁଚୁରା ବ୍ୟବସାୟକୁ ୧୫ ଲକ୍ଷ କୋଟି କ୍ଷତି

**ନୂଆଦିଲ୍ଲୀ,୧୯।୭**



କରୋନା ମହାମାରୀ ପାଇଁ ସାରା ଦେଶରେ ବାଣିଜ୍ୟ କାରବାର ଗଭୀର କ୍ଷତିଗ୍ରସ୍ତ ହୋଇଛି। ଗତ ୩ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଦେଶର ରିଟେଲ ବିଜ୍‌ନେସ ବା ଖୁଚୁରା ବାଣିଜ୍ୟକୁ ୧୫.୫ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ଲକ୍‌ଡାଉନ କଟକଣା କୋହଳ ହେବାର ବର୍ତ୍ତମାନ ସୁଦ୍ଧା ୪୫ ଦିନରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ମଧ ସବୁ କିଛି ଟ୍ରାକକୁ ଫେରିବା ସମ୍ଭବ ହୋଇ ପାରିନାହିଁ। ବ୍ୟବସାୟୀଙ୍କୁ ଆର୍ଥିକ କ୍ଷତି ସାମ୍ନା କରିବାକୁ ପଡୁଛି। କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ କାମ କରିବାକୁ ପଡୁଥିବାରୁ କାରବାର ଠିକ ଭାବେ ସମ୍ଭାଳିବା ମଧ କଷ୍ଟକର ହେଉଛି। କଷ୍ଟ ସମୟ ମଧ୍ୟରେ ଅନେକ ଆର୍ଥିକ ଦାୟିତ୍ୱ ସମ୍ଭାଳିବାକୁ ପଡୁଛି। କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୁଦ୍ର ବ୍ୟବସାୟୀଙ୍କୁ କୌଣସି ପ୍ରକାର ଆର୍ଥିକ ସହାୟତା ନ ମିଳିବା କାରଣରୁ ବ୍ୟବସାୟୀଙ୍କ ମଧ୍ୟରେ ହତାଶାବୋଧ ପରିଲକ୍ଷିତ ହୋଇଛି ବୋଲି ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ରହିଛି।

ଘରୋଇ ବଜାରର ବର୍ତ୍ତମାନର ସ୍ଥିତିକୁ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ବିଶ୍ଳେଷଣ କରାଯାଇଛି। ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ସି.ଭାରତିଆ ଏବଂ ମହାସଚିବ ପ୍ରଭୀନ ଖଣ୍ଡେଲୱାଲ କହିଛନ୍ତି ଯେ, ଖୁଚୁରା ବ୍ୟବସାୟ ସବୁଠାରୁ ଖରାପ ସ୍ଥିତି ଦେଇ ଗତି କରୁଛି। ସବୁ ଦିଗରୁ ବର୍ତ୍ତମାନ ଖୁଚୁରା ବ୍ୟବସାୟ ଉପରେ ଚାପ ପଡୁଛି। ଯଦି ସରକାର ଖୁଚୁରା ବ୍ୟବସାୟୀଙ୍କ ଲାଗି କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ୨୦% ବ୍ୟବସାୟୀ ସେମାନଙ୍କ କାରବାର ବନ୍ଦ କରିବାକୁ ବାଧ ହେବେ। ଏହା ହେଲେ ଅନେକ ଲୋକଙ୍କୁ ନିଯୁକ୍ତି ହରାଇବାକୁ ପଡିବ। ବର୍ତ୍ତମାନ କରୋନା ପାଇଁ ଅନେକ ଲୋକଙ୍କ ନିଯୁକ୍ତି ଚାଲି ଯାଇଥିବା ବେଳେ ଆଗକୁ ସ୍ଥିତି ଆହୁରି ବିଗିଡିଯିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ଲକ୍‌ଡାଉନ ଯୋଗୁ ଏପ୍ରିଲରେ ୫ ଲକ୍ଷ କୋଟି, ମେ ମାସରେ ପ୍ରାୟ ୪ ଲକ୍ଷ କୋଟି, ଜୁନରେ ୪ ଲକ୍ଷ କୋଟି ଏବଂ ଜୁନ ମାସରେ ଲକ୍‌ଡାଉନ କଟକଣା କୋହଳ ହେବା ପରେ ଜୁଲାଇର ୧୫ ଦିନ ମଧ୍ୟରେ ୨.୫ ଲକ୍ଷ କୋଟି ଟଙ୍କାର କ୍ଷତି ବ୍ୟବସାୟୀ ସହିଛନ୍ତି। କରୋନା ପାଇଁ ଲୋକଙ୍କ ମନରେ ଭୟ ରହିଥିବାରୁ ସେମାନେ ବାହାରକୁ କ୍ରୟ କରିବା ଲାଗି ଆସୁନାହାନ୍ତି। ବ୍ୟବସାୟୀଙ୍କୁ ଟିକସ ରିହାତି, ବ୍ୟାଙ୍କ ଋଣ ଏବଂ ଇଏମ୍ଆଇ ପ୍ରଦାନରେ ମହଲତ ତଥା ଆଶ୍ୱସ୍ତି ପ୍ରଦାନ ଲାଗି ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ଆଦିତ୍ୟ ପୁରୀ ସବୁଠାରୁ ଅଧିକ ବେତନ ପାଉଥିବା ବ୍ୟାଙ୍କର



**ନୂଆଦିଲ୍ଲୀ,୧୯।୭:** ଦେଶର ସବୁଠାରୁ ବଡ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫ୍‌ସିର ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପୁରୀ ଦେଶର ସବୁଠାରୁ ଅଧିକ ବେତନ ପାଉଥିବା ବ୍ୟାଙ୍କର ଭାବେ ବିବେଚିତ ହୋଇଛନ୍ତି। ଆର୍ଥିକ ବର୍ଷ ୨୦୧୯-୨୦ରେ ବେତନ ଏବଂ ଭତ୍ତା ଭାବେ ତାଙ୍କୁ ୧୮.୯୨ କୋଟି ଟଙ୍କା ମିଳିଛି। ଏହା ଗତବର୍ଷ ତୁଳନାରେ ୩୮% ଅଧିକ ରହିଛି। ବ୍ୟାଙ୍କର ବାର୍ଷିକ ରିପୋର୍ଟ ମୁତାବକ ପୁରୀ ଷ୍ଟକ ଅପ୍ସନ ଭାବେ ୧୬୧.୫୬ କୋଟି ଅତିରିକ୍ତ ଆୟ କରିଛନ୍ତି। ୨୦୧୮-୧୯ରେ ଷ୍ଟକ ଅପ୍ସନରୁ ତାଙ୍କୁ ୪୨.୨୦ କୋଟି ଟଙ୍କା ମିଳିଥିଲା। ପୁରୀଙ୍କୁ ୭୦ ବର୍ଷ ହେବାକୁ ଥିବା ବେଳେ ଅକ୍ଟୋବରରେ ସେ ଅବସର ଗ୍ରହଣ କରିବେ। ତାଙ୍କ ପରେ ବ୍ୟାଙ୍କର ମଙ୍ଗ ଗ୍ରୁପ ହେଡ୍ ଶଶିଧର ଜଗଦିଶନ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ବ୍ୟାଙ୍କର ରିପୋର୍ଟ ମୁତାବକ ଆର୍ଥିକ ବର୍ଷ ୨୦୨୦ରେ ଜଗଦିଶନ ୨.୯୧ କୋଟି ଟଙ୍କା ବେତନ ନେଇଛନ୍ତି। ସେହିଭଳି ଦେଶର ଦ୍ୱିତୀୟ ବଡ ଘରୋଇ ବ୍ୟାଙ୍କ ଆଇସିଆଇସିଆଇର ଏମ୍‌ଡି ସନ୍ଦୀପ ବକ୍ସି ଗତ ବର୍ଷ ୬.୩୧ କୋଟି ବେତନ ପାଇଛନ୍ତି। ୨୦୧୯ରେ ତାଙ୍କୁ ୪.୯୦ କୋଟି ଟଙ୍କା ବେତନ ମିଳିଥିଲା। ସେହିଭଳି ଆକ୍ସିସ ବ୍ୟାଙ୍କର ଏମ୍‌ଡି ଅମିତାଭ ଚୌଧୁରୀଙ୍କୁ ୨୦୨୦ରେ ୬.୦୧ କୋଟି ଟଙ୍କା ବେତନ ମିଳିଛି।

## ପିପିଇ କିଟ୍ ପ୍ରମାଣପତ୍ର ଦେବ ସିପେଟ୍

**ଭୁବନେଶ୍ୱର,୧୯।୭:** କେନ୍ଦ୍ର ରସାୟନ ଏବଂ ସାର ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ପେଟ୍ରୋ ରସାୟନିକ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ (ସିପେଟ୍) ପିପିଇ କିଟ୍ ଯାଞ୍ଚ ଏବଂ ପ୍ରମାଣପତ୍ର ପ୍ରଦାନ କରିବ। ଏଥି ନିମନ୍ତେ ରାଷ୍ଟ୍ରୀୟ ପରୀକ୍ଷଣ ଏବଂ ଯାଞ୍ଚ ପରୀକ୍ଷାଗାର ବୋର୍ଡ (ଏନ୍ଏବିଏଲ୍) ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ପିପିଇ କିଟ୍‌ରେ ଆସୁଥିବା ଗ୍ଲୋବ୍ସ, କଭର ଅଲ୍, ଫେସ୍ ସିଲ୍ଡ ଏବଂ ଚଷମା ତଥା ଅନ୍ତର୍ଜାତୀୟ ମାନକ ଅନୁରୂପ ତ୍ରିସ୍ତରୀୟ ମେଡିକାଲ ମାସ୍କ ଆଦି ସାମିଲ କରାଯାଇଛି। କୋଭିଡ୍ ମହାମାରୀ ବିରୋଧରେ ସଂଗ୍ରାମ ତଥା ଆତ୍ମନିର୍ଭର ଭାରତ ଦିଗରେ ସିପେଟ୍‌ର ଏହା ଏକ ଉଲ୍ଲେଖନୀୟ ଉପଲବ୍ଧି। ପିପିଇ କିଟ୍ ଯାଞ୍ଚ ଏବଂ ପ୍ରମାଣପତ୍ର ପ୍ରଦାନ ଲାଗି ଭୁବନେଶ୍ୱର ଆଇପିଇଟି କେନ୍ଦ୍ର ଏନ୍ଏଏସ୍ଏଲ୍‌କୁ ଆବେଦନ କରିଥିଲା। ଯାହାକୁ ମଞ୍ଜୁର କରାଯାଇଛି। କେନ୍ଦ୍ର ସାର ଏବଂ ରସାୟନ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡା ସିପେଟ୍ ଭୁବନେଶ୍ୱରକୁ ଏହି ଉପଲବ୍ଧି ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି। ଦେଶ ସେବା ସହ ମେକ୍ ଇନ ଇଣ୍ଡିଆ ଉପରେ ଜୋର ଦେଇ ଏମ୍ଏସ୍ଏମ୍ଇକୁ ସାହାଯ୍ୟ କରିବା ନିମନ୍ତେ ଗତିବିଧି ତ୍ୱରାନ୍ୱିତ କରିବା ଲାଗି ସେ ନିବେଦନ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ , ଆର୍ଏସ୍ଓର ମାର୍ଗଦର୍ଶିକା ଅନୁସାରେ ସିପେଟ୍ ପକ୍ଷରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗବେଷଣା ଓ ବିକାଶ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। କୋଭିଡ୍ ମହାମାରୀ ସମୟରେ ସିପେଟ ଅତ୍ୟାବଶ୍ୟକ ସେବା କ୍ଷେତ୍ରରେ ସହଯୋଗ କରିବା ଲାଗି ଖାଦ୍ୟଶସ୍ୟ ତଥା ସାର ପ୍ୟାକେଜିଂ ଯାଞ୍ଚ କରିବା ପାଇଁ ନିଜ କ୍ଷମତାର ସମ୍ପ୍ରସାରଣ କରିଥିବା ସରକାରଙ୍କ ପକ୍ଷରୁ ସୂଚନା ରହିଛି।

## ବ୍ୟାଙ୍କ କାରବାର ସମୟ ଦଶଟାରୁ ଗୋଟାଏ ହେଉ:ସଂଘ

**ଭୁବନେଶ୍ୱର, ୧୯।୭:** କରୋନା ସଂକ୍ରମଣ ବୃଦ୍ଧିକୁ ଧ୍ୟାନରେ ରଖି ସରକାର ଖୋର୍ଦ୍ଧା, ଗଞ୍ଜାମ, କଟକ, ଯାଜପୁର ଏବଂ ରାଉରକେଲା ମୁନିସିପାଲିଟି କର୍ପୋରେଶନରେ ଲକ୍‌ଡାଉନ କଟକଣା ଚଳିତ ମାସ ୩୧ ତାରିଖ ଯାଏ କଡାକଡି କରିଛନ୍ତି। ଏହି ସ୍ଥାନଗୁଡ଼ିକରେ ବ୍ୟାଙ୍କିଙ୍ଗ କାରବାର ସମୟ ସକାଳ ୧୦ରୁ ୧ଟା ଯାଏ କରିବା ଲାଗି ବ୍ୟାଙ୍କ ସଂଘ ଦାବି ଜଣାଇଛି। ସେହିଭଳି ଶାଖାର ନେଣଦେଣ ସମୟ ୧୦ରୁ ୧୨ଟା ଯାଏ କରିବାକୁ ସଂଘ ଦାବି କରିଛି। ସରକାର ୨୫% କର୍ମଚାରୀଙ୍କୁ ନେଇ କାମ କରିବା ଲାଗି ଯେଉଁ ନିୟମ କରିଛନ୍ତି ତଦ୍ୱାରା ଅସୁବିଧା ସୃଷ୍ଟି ହେଉଥିବାରୁ ଏକ ତୃତୀୟାଂଶ କର୍ମଚାରୀଙ୍କୁ ନେଇ କାମ କରିବାକୁ ଅନୁମତି ଦେବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ସର୍ବଭାରତୀୟ ବ୍ୟାଙ୍କ ଅଫିସର ସଂଘ ଓଡିଶା ଶାଖା ସଭାପତି ଦାମୋଦର ନନ୍ଦଙ୍କ ନେତୃତ୍ୱରେ ସଂଘର ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଏହି ସ୍ଥାନଗୁଡିକରେ ବ୍ୟାଙ୍କ ସେବା ଯୋଗାଣ ଲାଗି କର୍ମଚାରୀଙ୍କ ସଂଖ୍ୟା ୨୫%ରୁ ଅଧିକ ହୋଇପାରିବ ନାହିଁ। ବ୍ୟାଙ୍କ ସେବା ସମୟରେ ମଧ ସରକାର ପରିବର୍ତ୍ତନ କରାଯାଇଥିବା ଜଣାପଡିଛି। ଉକ୍ତ ଅଞ୍ଚଳଗୁଡିକ ଲାଗି ବ୍ୟାଙ୍କିଙ୍ଗ ସେବା ସମୟ ୮ଟାରୁ ଦିନ ୨ଟା କରାଯାଇଛି। ଗ୍ରାହକମାନେ ସକାଳ ୮ରୁ ଦିନ ୧ଟା ପର୍ଯ୍ୟନ୍ତ ସେବା ଲାଭ କରିପାରିବେ।

## ନିସାନ ଇଣ୍ଡିଆର ନୂଆ ବି-ଏସ୍‌ୟୁଭି

**ଭୁବନେଶ୍ୱର,୧୯।୭:** ନିସାନ ଇଣ୍ଡିଆ ପକ୍ଷରୁ ବହୁ ପ୍ରତୀକ୍ଷିତ ବି-ଏସ୍‌ୟୁଭି , ନିସାନ ମ୍ୟାଗନାଇଟ କନସେପ୍ଟ ସଂସ୍କରଣର ଉନ୍ମୋଚନ କରାଯାଇଛି। ପ୍ରଯୁକ୍ତିରେ ସମୃଦ୍ଧ ଏହି ଷ୍ଟାଇଲିସ ବି-ଏସୟୁଭିକୁ ଭାରତରେ ୨୦୨୦ ଆର୍ଥିକ ବର୍ଷରେ ପ୍ରଦର୍ଶନ କରାଯାଇଛି। ମ୍ୟାଗ୍ନେଟିକ ଏବଂ ଇଗ୍‌ନାଇଟ ଶବ୍ଦ ମେଳରୁ ମ୍ୟାଗନାଇଟ ସୃଷ୍ଟି ହୋଇଛି। ଯେଉଁଠାରେ ମ୍ୟାଗେନଟ ଶବ୍ଦ ସହ ତାର ଡିଜାଇନ ଏବଂ ଉତ୍ପାଦର ବିଶେଷତ୍ୱକୁ ପ୍ରକାଶ କରିଥାଏ। ଇଗ୍‌ନାଇଟ ନିସାନ ଭାରତକୁ ଆଣିବାକୁ ଚାହୁଁଥିବା ସେହି ନୂଆ ଯୁଗର ପ୍ରାରମ୍ଭ ଉପରେ ଗୁରୁତ୍ୱ ଦେଇଥାଏ। ଏଥିରେ ଅନେକ ପ୍ରିମିୟମ ସୁବିଧା ସହ ନିସାନ ମ୍ୟାଗନାଇଟର ଷ୍ଟାଇଲିଷ୍ଟ ଡିଜାଇନ। ସଡକ ଉପସ୍ଥିତି କ୍ଷେତ୍ରରେ ଏହା ବେଶ ଶକ୍ତିଶାଳୀ ଏବଂ ମଜବୁତ ପ୍ରଦର୍ଶନ କରିବ। ନିସାନ ମ୍ୟାଗନାଇଟକୁ ମେକ୍ ଫର ଇଣ୍ଡିଆ,ମେକ୍ ଫର ଦି ୱାର୍ଲଡ ଚିନ୍ତାଧାରାରେ ପ୍ରସ୍ତୁତି କରାଯାଇଛି ବୋଲି ନିସାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାକେଶ ଶ୍ରୀବାସ୍ତବ କହିଛନ୍ତି।



# ଖେଳ ଖବର

## ହରିକ୍ରିଷ୍ଣା ଜିତିଲେ ଚେସ୍ ଇଭେଣ୍ଟ

ଚେନ୍ନାଇ, ୧୯।୭ (ପି.ଟି.)- ଭାରତର ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା ଆକ୍ସେଣ୍ଟସ ଚେସ୍ ୯୬୦ ଟୁର୍ନାମେଣ୍ଟ ଜିତିଛନ୍ତି। ୫୩ତମ ବିଲ୍ ଚେସ୍ ଫେଷ୍ଟିଭାଲ୍ ୨୦୨୦ର ଏହା ହେଉଛି ଏକ ଅଂଶ ବିଶେଷ। ୭ ରାଉଣ୍ଡ ଖେଳରେ ହରିକ୍ରିଷ୍ଣା ୫.୫ ପଏଣ୍ଟ ଅର୍ଜନ କରିଥିଲେ। ଇଭେଣ୍ଟରେ ହରିକ୍ରିଷ୍ଣା (୨୬୯୦ ଏଲୋ ପଏଣ୍ଟ) ଅପରାଜେୟ ରହିଥିଲେ। ଫାଇନାଲ ରାଉଣ୍ଡରେ ସୁଇସ୍ ଖେଳାଳି ନୋଏଲ୍ ଷ୍ଟଡର୍‌ଙ୍କ ନିକଟରୁ ପୋଲାଣ୍ଡର ରାଡୋସ୍ଲାଭ ଓଜାସେକ୍‌ଙ୍କ ପରାଜୟରୁ ତାଙ୍କୁ ଫାଇଦା ମିଳିଥିଲା। ଚେସ୍ ୯୬୦ ଇଭେଣ୍ଟ (ଫିଶର ରାଣ୍ଡମ୍ ଚେସ୍ ଭାବେ ମଧ ପରିଚିତ)ରେ ଜର୍ମାନୀର ୧୫ବର୍ଷୀୟ ଭିନ୍‌ସେଣ୍ଟ କିମର ଚମତ୍କାର ପ୍ରଦର୍ଶନ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଓଜାସେକ୍ ୪.୫ ପଏଣ୍ଟ ସହ ତୃତୀୟ ହୋଇଥିଲେ। ଇଂଲଣ୍ଡର ମାଇକେଲ ଆଡାମ୍ସଙ୍କ ସହ ଏକ ଡ୍ର ସହ ହରିକ୍ରିଷ୍ଣାଙ୍କ ଅଭିଯାନ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ରାଉଣ୍ଡରେ ସେ ଯଥାକ୍ରମେ ଆଲେକ୍‌ଜାଣ୍ଡର ଡନ୍‌ଚେଙ୍କୋ ଏବଂ ସୁଇଜରଲାଣ୍ଡର ନୋଏଲ୍ ଷ୍ଟଡର୍‌ଙ୍କୁ ହରାଇ ଦେଇଥିଲେ।

# ଫଲୋଅନ ଏଡ଼ାଇଲା ୱେଷ୍ଟଇଣ୍ଡିଜ

**ମାଞ୍ଚେଷ୍ଟର, ୧୯।୭**



ଷ୍ଟୁଆର୍ଟ ବ୍ରଡ୍

କ୍ରେଗ୍ ବ୍ରାଥୱେଟ ଓ ଶାମରା ବ୍ରୁକ୍ସଙ୍କ ଦୃଢ଼ ବ୍ୟାଟିଂ ସହାୟତାରେ ୱେଷ୍ଟଇଣ୍ଡିଜ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଫଲୋଅନ ଏଡ଼ାଇଛି। ଖବର ମିଳିବା ବେଳକୁ ଦଳ ୮ ଉଇକେଟ ହରାଇ ୨୭୨ ରନ ସଂଗ୍ରହ କରିଛି।

ଦ୍ୱିତୀୟ ଦିବସ ଶେଷ ବେଳକୁ ୱେଷ୍ଟଇଣ୍ଡିଜ ୧ ଉଇକେଟ ହରାଇ ୩୨ ରନ କରିଥିଲା। ଶନିବାର ତୃତୀୟ ଦିବସ ଖେଳ ବର୍ଷା ଯୋଗୁ ବାତିଲ ହୋଇଥିଲା। ରବିବାର ୪ର୍ଥ ଦିବସରେ ୩୨/୧ରୁ ଖେଳ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ୭୦ ରନରେ ଦ୍ୱିତୀୟ ଓ ୧୨୩ରେ ତୃତୀୟ ଉଇକେଟ ହରାଇଥିଲା। ଆଲଜାରି ଜୋସେଫ ୫୨ ବଲ୍‌ରୁ ୩୨ ରନ କରି ଦିବସର ପ୍ରଥମ ବ୍ୟାଟ୍ସମ୍ୟାନଭାବେ ଆଉଟ ହୋଇଥିଲେ। ସ୍ପିନର ଡୋମିନିକ୍ ବେସ୍ ଏହି ଉଇକେଟ ପାଇଥିଲେ। ଶାଇ ହୋପ୍ ଭଲ ଆରମ୍ଭ କରିଥିଲେ ମଧ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ବ୍ୟକ୍ତିଗତ ୨୫(୭୧ ବଲ, ୫ ଚୌକା) ରନ କରିଥିବାବେଳେ ସାମ୍ କୁରାନଙ୍କ ବଲ୍‌ରେ ଉଇକେଟ କିପର ଜୋସ୍ ବଟଲରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ଧୈର୍ଯ୍ୟର ସହ ବ୍ୟାଟିଂ କରିଥିବା ବ୍ରାଥୱେଟ ଓ ଯୁବ ବ୍ୟାଟ୍ସମ୍ୟାନ ବ୍ରୁକ୍ସ ଦଳୀୟ ଇନିଂସକୁ ଆଗେଇ ନେଇଥିଲେ। ଇତିମଧ୍ୟରେ ବ୍ରାଥୱେଟ କ୍ୟାରିୟରର ୧୯ତମ ଅର୍ଦ୍ଧଶତକ ପୂରଣ କରିଥିଲେ। ଆତ୍ମବିଶ୍ୱାସର ସହ ଖେଳି ଶତକ ଆଡ଼କୁ ଅଗ୍ରସର ହୋଇଥିଲେ ଏହି ନିର୍ଭରଯୋଗ୍ୟ ଓପନର। ତେବେ ସେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରି ନ ଥିଲେ। ୧୬୫ ବଲ୍‌ରୁ ୭ ଚୌକା ସହ ୭୫ ରନ କରିଥିବାବେଳେ ସେ ବେନ୍ ଷ୍ଟୋକ୍ସଙ୍କ ଏକ ଲେନ୍ଥ ବଲ୍‌କୁ ଲେଗ୍ ସାଇଡ୍‌ରେ ଖେଳିବାକୁ ଯାଇ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। ଆଉଟ ହେବା ପୂର୍ବରୁ କିନ୍ତୁ ୩ଟି ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ କ୍ରେଗ୍। ସେ ଦ୍ୱିତୀୟ ଉଇକେଟ ଯୋଡ଼ିରେ ବ୍ରାଥୱେଟ ଓ ଜୋସେଫଙ୍କ ସହ ୫୪, ତୃତୀୟ ଉଇକେଟରେ ହୋପ୍‌ଙ୍କ ସହ ୫୩ ଏବଂ ୪ର୍ଥ ଉଇକେଟରେ ବ୍ରୁକ୍ସଙ୍କ ସହ ୭୬ ରନ ଯୋଡ଼ିଥିଲେ। ତା' ବିରତି ବେଳକୁ ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୨୨୭ ରନ କରିଥିଲା। କ୍ୟାରିୟରର ୫ମ ଟେଷ୍ଟ ଖେଳୁଥିବା ବ୍ରୁକ୍ସ ଏହା ମଧ୍ୟରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରି ସାରିଥିଲେ। ୯୬ ବଲ୍‌ରୁ ୯ ଚୌକା ସହ ୫୦ ରନ ପୂରଣ କରିଥିଲେ। ବିରତି ପରେ ଘାତକ ବୋଲିଂ କରିଥିଲେ ଷ୍ଟୁଆର୍ଟ ବ୍ରଡ୍। ବ୍ରୁକ୍ସ ୧୩୭ ବଲ୍‌ରୁ ୧୧ ଚୌକା ସହାୟତାରେ ୬୮ ରନ କରିଥିବାବେଳେ ବ୍ରଡ୍‌ଙ୍କ ପ୍ରଥମ ଶିକାର ବନିଥିଲେ। ଆଉଟ ହେବା ପୂର୍ବରୁ ସେ ରଷ୍ଟନ ଚେଜ୍‌ଙ୍କ ସହ ୫ମ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୪୩ ରନ ଯୋଗ କରିଥିଲେ। ଜର୍ମେନ ବ୍ଲାକ୍‌ଉଡ୍ ଖାତା ଖୋଲିବା ପୂର୍ବରୁ ବ୍ରଡ୍‌ଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ ଶେନ ଡୋରିଚ୍(୦)ଙ୍କୁ ଏଲବିଡବ୍ଲ୍ୟୁ କରି ୱେଷ୍ଟଇଣ୍ଡିଜକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ ଏହି ଦ୍ରୁତ ବୋଲର। ଫଳରେ ଏକଦା ୪ ଉଇକେଟ ହରାଇ ୨୪୨ ରନ କରିଥିବା ୱେଷ୍ଟଇଣ୍ଡିଜ ଇନିଂସ ୨୫୨/୭ ହୋଇ ଯାଇଥିଲା। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ୍ ୩ଟି, ସାମ୍ କୁରାନ ୨ଟି ଏବଂ ଡୋମିନିକ ବେସ, ବେନ୍ ଷ୍ଟୋକ୍ସ ଓ କ୍ରିସ୍ ୱୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ ମଝିରେ ଡୋମିନିକ୍ ସିବ୍‌ଲେ ତ୍ରୁଟି ବଶତଃ ଲାଳ ଲଗାଇ ବଲ୍‌କୁ ଚିକ୍କଣ କରିଥିଲେ। ଏହା ଦୃଷ୍ଟିକୁ ଆସିବାପରେ ଅମ୍ପାୟର ଡାରେନ ଗଫ ଏବଂ ରିଚାର୍ଡ ଇଲିଂୱର୍ଥ ଏହାକୁ ବିଶୋଧନ କରିଥିଲେ।

## ବିସିସିଆଇ ପଦରୁ ସବା କରିମ୍‌ଙ୍କ ଇସ୍ତଫା



**ମୁମ୍ବାଇ, ୧୯।୭ (ପି.ଟି.):** ପୂର୍ବତନ କ୍ରିକେଟର ସବା କରିମ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ରିକେଟ ଅପରେଶନ ଜେନେରାଲ ମ୍ୟାନେଜର ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କୁ ପଦରୁ ଇସ୍ତଫା ଦେବା ପାଇଁ କୁହାଯାଇଥିଲା। ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି ଇସ୍ତଫା ଦେବାର ଗୋଟିଏ ସପ୍ତାହ ପରେ କରିମ୍ ପଦ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୭ ଡିସେମ୍ବରରେ କରିମ୍ ଦାୟିତ୍ୱ ଗ୍ରହଣ କରିଥିଲେ। ୫୨ ବର୍ଷୀୟ କରିମ୍ ଦାୟିତ୍ୱ ନେଇ ସେତେଟା ସଫଳ ହୋଇପାରି ନ ଥିଲେ ବୋଲି ଆଲୋଚନା ହୋଇଥିଲା। ଫଳରେ ସେ ସମସ୍ତଙ୍କ ନଜରରେ ରହିଥିଲେ। ତେବେ ବୋର୍ଡ ତରଫରୁ ଏ ନେଇ କୌଣସି ଔପଚାରିକ ଘୋଷଣା କରାଯାଇନାହିଁ। ଘରୋଇ କ୍ରିକେଟ ନେଇ ଯୋଜନା ଓ ପରିଚାଳନାରେ କରିମ୍‌ଙ୍କ କାର୍ଯ୍ୟ ନେଇ ବୋର୍ଡ ସନ୍ତୁଷ୍ଟ ନ ଥିଲା।

କରିମ୍‌ଙ୍କୁ ପଦରୁ ଇସ୍ତଫା ଦେବାକୁ କୁହାଯାଇଥିଲା ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି। କୋଭିଡ୍ -୧୯ ମହାମାରୀକୁ ଦୃଷ୍ଟିରେ ରଖି ଘରୋଇ କ୍ରିକେଟ ପାଇଁ ସେ ଏକ ଗଠନମୂଳକ ଯୋଜନା ପ୍ରସ୍ତୁତ କରିବାରେ ବିଫଳ ହୋଇଥିଲେ ବୋଲି କୁହାଯାଇଛି। ଦେଶରେ ମହାମାରୀର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଡିସେମ୍ବର ପୂର୍ବରୁ ଘରୋଇ କ୍ରିକେଟ ଆରମ୍ଭ ହେବା ଅସମ୍ଭବ ମନେହେଉଛି। ଯଦି ଅନୁମାନ ଅନୁସାରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆଗାମୀ ସେପ୍ଟେମ୍ବର-ନଭେମ୍ବରରେ ଆୟୋଜନ ହୁଏ ତେବେ ଏହି ସମୟରେ ଘରୋଇ କ୍ରିକେଟ ଆୟୋଜନ ହୋଇପାରିବ ନାହିଁ। ଏହାପୂର୍ବରୁ ଜୋହରିଙ୍କ ଇସ୍ତଫାକୁ ମଧ ଗ୍ରହଣ କରାଯାଇଛି। ବୋର୍ଡର ମୁଖ୍ୟ ଫାଇନାନ୍ସିଆଲ ଅଫିସର ସନ୍ତୋଷ ରାଙ୍ଗେନେକର ମଧ ଗତବର୍ଷ ଇସ୍ତଫା ଦେଇଥିଲେ।

## ଫିଗୁରେଡୋଙ୍କୁ ଫ୍ଲାଇୱେଟ ଟାଇଟଲ

**ଆବୁଧାବି, ୧୯।୭ (ଏପି):** ବ୍ରାଜିଲର ଡେଭିସନ ଫିଗୁରେଡୋ ଅଲ୍‌ଟିମେଟ ଫାଇଟିଂ ଚାମ୍ପିୟନଶିପ୍ (ୟୁଏଫସି) ଫ୍ଲାଇୱେଟ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଲଢ଼େଇର ପ୍ରଥମ ରାଉଣ୍ଡ ଶେଷ ହେବାକୁ ୧୨ ସେକେଣ୍ଡ ଥିବାବେଳେ ସେ ପ୍ରତିଦ୍ୱନ୍ଦ୍ୱୀ ଜୋସେଫ ବେନାଭିଡେଜଙ୍କୁ ରିଅର ନେକେଡ

**ଅଲ୍‌ଟିମେଟ ଫାଇଟିଂ ଚାମ୍ପିୟନଶିପ୍**

ଚୋକ୍ କରି ଦେଇଥିଲେ। ୟୁଏଫସି ଇତିହାସରେ ଫିଗୁରେଡୋ ହେଉଛନ୍ତି ତୃତୀୟ ୧୨୫-ପାଉଣ୍ଡ ଚାମ୍ପିୟନ। ୫ ମାସ ମଧ୍ୟରେ ବେନାଭିଡେଜଙ୍କ ବିପକ୍ଷରେ ଏହା ତାଙ୍କର ଦ୍ୱିତୀୟ ବିଜୟ। ଫିଗୁରେଡୋ ପଞ୍ଚ୍ ମାଧ୍ୟମରେ ବେନାଭିଡେଜଙ୍କୁ ୩ ଥର ଧରାଶାୟୀ କରିଥିବାବେଳେ ଏକାଧିକଥର ଚୋକ୍ ସୁଯୋଗ ମିସ୍ କରିଥିଲେ। ଶେଷରେ ସେ ସଫଳତାର ସହ ଚୋକ୍ କରି ବେନାଭିଡେଜଙ୍କୁ ଅଣନିଃଶ୍ୱାସୀ କରି ଦେଇଥିଲେ। ଗତ ଫେବୃୟାରୀରେ ହେନରି ସେଜୁଡୋ ଅବସର ନେବାଦ୍ୱାରା ଏହି ଟାଇଟଲ ଫାଙ୍କା ପଡ଼ିଥିଲା। ପୂର୍ବରୁ କେବଳ ଡିମେଟ୍ରିଅସ ଜନସନ ଓ ସେଜୁଡୋ ୧୨୫-ପାଉଣ୍ଡ ଫ୍ଲାଇୱେଟ ଟାଇଟଲର ଅଧିକାରୀ ଥିଲେ। ଫିଗୁରେଡୋ ପ୍ରଥମ ଅଣଆମେରିକୀୟ ଫାଇଟରଭାବେ ଏହି କ୍ଲବରେ ସାମିଲ ହୋଇଛନ୍ତି।



ଲଢ଼େଇ ଅବସରରେ ଡେଭିସନ ଫିଗୁରେଡୋ (ବାମ)।

## ଆଇସିସି ବୈଠକ ଆଜି

**ଦୁବାଇ,୧୯।୭(ପି.ଟି.):** ସୋମବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ଭର୍ଚୁଆଲ ବୋର୍ଡ ବୈଠକ ବସିବ। ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ନେଇ ଗତ ଦୁଇମାସ ହେବ କୌଣସି ନିଷ୍ପତ୍ତି ନିଆଯାଇପାରି ନାହିଁ। ଏହି ବୈଠକରେ ବିଶ୍ୱକପ୍ ନେଇ ନିର୍ଣ୍ଣାୟକ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ଟି୨୦ ବିଶ୍ୱକପ୍ ବାତିଲ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଶା ରଖିଛି। ଏପରି ହେଲେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ହେବା ପାଇଁ ବାଟ ଫିଟିବ। ଟି୨୦ ବଶ୍ୱକପ୍ ଅକ୍ଟୋବର ୧୮ରୁ ଆରମ୍ଭ ହୋଇ ନଭେମ୍ବର ୧୫ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଥିଲା।

## ସୁମାକରଙ୍କ ରେକର୍ଡ ସମକକ୍ଷ ହେଲେ ହାମିଲଟନ

**ବୁଦାପେଷ୍ଟ, ୧୯।୭:** ଲୁଇସ୍ ହାମିଲଟନ୍ ୮ମ ଥର ହଙ୍ଗେରିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ଫଳରେ ଗୋଟିଏ ଟ୍ରାକ୍‌ରେ ସର୍ବାଧିକ ବିଜୟ ହାସଲ କରିବାରେ ଜର୍ମାନୀର ଫର୍ମୁଲା ୱାନ କିମ୍ବଦନ୍ତୀ ମାଇକେଲ ସୁମାକର ଯେଉଁ ରେକର୍ଡ କରିଛନ୍ତି, ତାହାର ସେ ସମକକ୍ଷ ହୋଇ ପାରିଛନ୍ତି। ପୁନଶ୍ଚ ଏହା ହେଉଛି ତାଙ୍କ କ୍ୟାରିୟରର ୮୬ତମ ଟାଇଟଲ। ଫର୍ମୁଲା ୱାନରେ ସବୁଠାରୁ ଅଧିକ ଟାଇଟଲ (୯୧) ଜିତିବା ରେକର୍ଡ ମଧ ସୁମାକରଙ୍କ ନାମରେ ରହିଛି। ଏହାଠାରୁ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ର ଏହି ଡ୍ରାଇଭର ମାତ୍ର ୫ ବିଜୟ ପଛରେ ରହିଛନ୍ତି। ଗ୍ରୀଡ୍‌ର ୭ମ ସ୍ଥାନରୁ ଆରମ୍ଭ କରିଥିବା ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନଙ୍କ କାର୍ ରେସ୍ ଆରମ୍ଭ ହେବାରୁ ୨୦ମିନିଟ ପୂର୍ବରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ତାଙ୍କ କାର୍ ବ୍ୟାରିୟରକୁ ଧକ୍କା ଦେବାରୁ ଏହାର ସମ୍ମୁଖ ଭାଗ ଭାଙ୍ଗି ଯାଇଥିଲା। ତଥାପି ସେ ୯ ସେକେଣ୍ଡ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅବଶ୍ୟ ରେସ୍‌ର ଶେଷ ଭାଗରେ ହାମିଲଟନଙ୍କ ମର୍ସିଡିଜ ଟିମ୍‌ମେଟ ଭାଲଟେରି ବୋଟାସ ତାଙ୍କୁ କଡ଼ା ଟକ୍କର ଦେଇଥିଲେ। ତାଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ରେସିଂ ପଏଣ୍ଟର ଲାନ୍ସ ଷ୍ଟ୍ରୋଲ୍, ରେଡବୁଲ୍‌ର ଆଲେକ୍‌ଜାଣ୍ଡର ଆଲ୍‌ବନ୍, ଫେରାରିର ସେବାଷ୍ଟିଆନ ଭେଟେଲ, ରେସିଂ ପଏଣ୍ଟର ସର୍ଗିଓ ପେରେଜ ଏବଂ ରେନଲ୍ଟର ଡାନିଏଲ ରିକାର୍ଡୋ ଯଥାକ୍ରମେ ୪ର୍ଥ, ୫ମ, ୬ଷ୍ଠ ୭ମ ଓ ୮ମ ସ୍ଥାନରେ ରହିଥିଲେ। ହାସର କେଭିନ ମାଗ୍ନସେନ ଓ ମ୍ୟାକଲରେନର କାର୍ଲୋସ ସେଞ୍ଜ୍ ଜୁନିୟର ୯ମ ଓ ୧୦ମ ସ୍ଥାନ ଅଧିକାର କରିଥିଲେ।



ହଙ୍ଗେରିଆନ୍ ଗ୍ରାଁ ପ୍ରି ଜିତିବା ପରେ ହାମିଲଟନ।



ଗତ କିଛିଦିନ ତଳେ ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ଶ୍ରେନୁ ପାରିଖ ଦର୍ଶକଙ୍କୁ ଟ୍ୱିଟର ମାଧ୍ୟମରେ କରୋନାରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ବୋଲି ଜଣାଇଥିଲେ। ବର୍ତ୍ତମାନ ସେ କରୋନାକୁ ହରାଇ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ଏନେଇ ସେ ଇନ୍ଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରି ସୂଚନା ଦେଇଛନ୍ତି। ଶ୍ରେନୁ ଯେଉଁ ଫଟୋ ଶେୟାର କରିଛନ୍ତି ସେଥିରେ ସେ ହସ୍ପିଟାଲ ବାହାରେ ଏକ ହ୍ୱିଲ ଚେୟାର୍‌ରେ ବସିଥିବା ନଜର୍ ଆସିଛନ୍ତି। ହସ୍ପିଟାଲରୁ ଛୁଟି ମିଳିଥିବାରୁ ସେ ବହୁତ ଖୁସି ଥିବା ପ୍ରକାଶ କରିଛନ୍ତି।

# ବନ୍ୟା ବିନା ବଞ୍ଚିବନି 'କାଜିରଙ୍ଗା'

**ପ୍ରକୃତିର ଭିନ୍ନ ଏକ ସୃଷ୍ଟି 'କାଜିରଙ୍ଗା ଜାତୀୟ ଉଦ୍ୟାନ'। ଅସରନ୍ତି ବନ୍ୟଜୀବନରେ ଭରପୂର ଏହି ଅଭୟାରଣ୍ୟ ଏକ ଶିଙ୍ଗିଆ ଗଣ୍ଡାଙ୍କ ପାଇଁ ବେଶ୍ ପ୍ରସିଦ୍ଧ। ତେବେ ପ୍ରତିବର୍ଷ ମୌସୁମୀ ବର୍ଷାରେ ବନ୍ୟା ପ୍ଲାବିତ ହୋଇପଡ଼େ ଏହି ସ୍ଥାନ। ବ୍ରହ୍ମପୁତ୍ର ନଦୀର ବନ୍ୟା ଜଳରେ ଭାସିଯାଆନ୍ତି ଜୀବଜନ୍ତୁ। କ୍ଷତିଗ୍ରସ୍ତ ହୋଇଯାଏ ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀ। ଏହା ସତ୍ତ୍ୱେ ବନ୍ୟା ହିଁ 'କାଜିରଙ୍ଗା'ରେ ଭରିଥାଏ ଜୀବନ। ୪୩୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟର ପ୍ରାକୃତିକ ଢାଞ୍ଚା ଏମିତି ଯେ, ବିନା ବନ୍ୟାରେ ଏହାର ପରିସଂସ୍ଥା ହିଁ ନଷ୍ଟ ହୋଇଯିବ।**



**କେବଳ ଅଭିଶାପ ନୁହେଁ, ଆଶୀର୍ବାଦ ମଧ୍ୟ**

**ନୂଆଦିଲ୍ଲୀ:** ବ୍ରହ୍ମପୁତ୍ର ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ସମଗ୍ର ଆସାମର ଚିତ୍ରକୁ ବଦଳାଇ ଦେଇଛି। ଏଥିରେ ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟାପାଣିରେ ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି 'କାଜିରଙ୍ଗା ଜାତୀୟ ଉଦ୍ୟାନ'। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅବସ୍ଥା ବି ସଙ୍ଗିନ। ଜଳମଗ୍ନ କାଜିରଙ୍ଗାର ମୂଲ୍ୟବାନ ଜୀବସମ୍ପଦକୁ ସୁରକ୍ଷା ଦେବାକୁ ରେସ୍କ୍ୟୁ ଅପରେଶନ ପୂରା ଦମ୍‌ରେ ଆରମ୍ଭ ହୋଇଛି। ଏତେସବୁ ପରେ ବି ବନ୍ୟା ପାଲଟିଛି 'କାଜିରଙ୍ଗା' ପାଇଁ ଆଶୀର୍ବାଦ। ଏଠାକାର ବୈଚିତ୍ର୍ୟମୟ ଇକୋସିଷ୍ଟମ୍‌ର ସନ୍ତୁଳନ ରକ୍ଷା କରିବା ଲାଗି ବନ୍ୟା ନିହାତି ଆବଶ୍ୟକ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଆସାମର ଗୋଲାଘାଟ, କର୍‌ବୀ ଆଙ୍ଗ୍‌ଲଙ୍ଗ ଏବଂ ନାଗାଁଓ ଜିଲାରେ ପରିବ୍ୟାପ୍ତ କାଜିରଙ୍ଗା। ଜାତୀୟ ଉଦ୍ୟାନ ଜୈବବିବିଧତା ଲାଗି ପ୍ରସିଦ୍ଧ। ଏକଶିଙ୍ଗିଆ। ଗଣ୍ଡାଙ୍କ ଅମରାବତୀ ଭାବେ ଏହା ପୃଥିବୀରେ ନାଁ କରିଛି। ଏଠାକାର ସ୍ୱତନ୍ତ୍ର ଜୈବମଣ୍ଡଳ ଲାଗି ୧୯୮୫ରେ ୟୁନେସ୍କୋ ପକ୍ଷରୁ ଏହାକୁ ମିଳିଛି ବିଶ୍ୱ ଐତିହ୍ୟ ମାନ୍ୟତା। ତେବେ ୧୯୮୮ ପରେ ଚଳିତ ବର୍ଷ କାଜିରଙ୍ଗା ଦେଖିଛି ସବୁଠୁ ବଡ଼ ବନ୍ୟା। ଏଥିରେ ଏବେ ସୁଦ୍ଧା ୧୦ ଗଣ୍ଡାଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ୧୩୩ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରାଯାଇଛି।

ଆସାମର ପ୍ରାକୃତିକ ସଂରଚନା ହିଁ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ। କାଜିରଙ୍ଗା ନ୍ୟାଶନାଲ ପାର୍କକୁ ଘେରିରହିଛି ବ୍ରହ୍ମପୁତ୍ର ନଦୀ ଏବଂ କର୍‌ବୀ ଆଙ୍ଗ୍‌ଲଙ୍ଗ ପାହାଡ଼ିଆ ଇଲାକା। ତେଣୁ ଏଠାରେ ହେଉଥିବା ବର୍ଷାବିପ୍ଳାତ ବନ୍ୟା ସ୍ଥିତି ସୃଷ୍ଟି କରିଥାଏ। ଏ ସଂକ୍ରାନ୍ତରେ କାଜିରଙ୍ଗା ନ୍ୟାଶନାଲ ପାର୍କ ଟାଇଗର ରିଜର୍ଭର ଡାଇରେକ୍ଟର ପି. ଶିବାକୁମାର କୁହନ୍ତି, ଅଧିକାଂଶ ଜୈବମଣ୍ଡଳ ଭୂମିରୂପ ଅନୁଯାୟୀ ତିଆରି। ହେଲେ କାଜିରଙ୍ଗା ଏହାର ବ୍ୟତିକ୍ରମ। ଏହାର ଇକୋସିଷ୍ଟମ ମୂଳତଃ ନଦୀ ସହ ସମ୍ପର୍କିତ। ତେଣୁ ବିନା ପାଣିରେ ଏହି ପରିସଂସ୍ଥା ଉଜୁଡ଼ିଯିବ।

ସୂଚନାଯୋଗ୍ୟ, ଯେଉଁ ଭୂଭାଗ ଉପରେ କାଜିରଙ୍ଗା ଜାତୀୟ ଉଦ୍ୟାନ ଛିଡ଼ାହୋଇଛି ତାହା ସମ୍ପୂର୍ଣ୍ଣ ରୂପେ ବ୍ରହ୍ମପୁତ୍ର ଏବଂ ଏହାର ଶାଖାନଦୀ ଯୋଗୁ ସମ୍ଭବ। ଅର୍ଥାତ୍ ବନ୍ୟାପାଣି ପ୍ରବାହରେ ପାହାଡ଼ରୁ ଆସୁଥିବା ପଟୁମାଟି ହିଁ ଏହାର ଭୂଭାଗର ମୂଳଭିତ୍ତି। ପ୍ରତିବର୍ଷ ହେଉଥିବା ବନ୍ୟା ପାର୍କର ଲ୍ୟାଣ୍ଡସ୍କେପ୍ ପ୍ରସ୍ତୁତ କରିଥାଏ। ଏଠାକାର ଘନଜଙ୍ଗଲ, ଜମି ଏବଂ ବିଭିନ୍ନ ପ୍ରଜାତିର ମାଛ ବନ୍ୟାପାଣିରୁ ହିଁ ପୋଷକ ତତ୍ତ୍ୱ ସଂଗ୍ରହ କରିଥାନ୍ତି। କେବଳ ଏତିକି ନୁହେଁ, ବନ୍ୟା ଦ୍ୱାରା ଝଡ଼ିପଡୁଥିବା ପତ୍ର ସଫା ହୋଇ ନଦୀଗର୍ଭକୁ ଚାଲିଯାଏ। ଏହା ଅଞ୍ଚଳ ପାଇଁ ଜରୁରୀ। କାରଣ ଭୂଭାଗରେ ପତ୍ର ଜମାହୋଇ ରହିଲେ ଘାସ ଗଜୁରିବାରେ ସମସ୍ୟା ହୋଇଥାଏ। ଏହା ବନ୍ୟଜନ୍ତୁଙ୍କ ପାଇଁ ଖାଦ୍ୟାଭାବ ସମସ୍ୟା ସୃଷ୍ଟି କରିଥାଏ। ବନ୍ୟା ହୋଇ ନ ଥିଲେ ଅଞ୍ଚଳର ବିସ୍ତୀର୍ଣ୍ଣ ତୃଣଭୂମି ଘଞ୍ଚ ଜଙ୍ଗଲ ରୂପାନ୍ତରିତ ହୋଇସାରନ୍ତାଣି ବୋଲି ୱାଇଲ୍ଡ ଲାଇଫ୍ ୱାର୍ଡେନ ଉତ୍ତମ ସୌକିଆ ମତ ଦେଇଛନ୍ତି। ସେଣ୍ଟର ଅଫ୍ ୱାଇଲ୍ଡ ଲାଇଫ୍ ରିହାବିଲିଟେଶନ ଏବଂ କଞ୍ଜର୍ଭେଶନର ମୁଖ୍ୟ ରାଥିନ ବର୍ମନ କହିଛନ୍ତି, ପୂର୍ବରୁ ପ୍ରତି ୧୦ ବର୍ଷରେ ବନ୍ୟା ଆସୁଥିଲା। ଏପରି ପ୍ରାକୃତିକ ବିପର୍ଯ୍ୟୟ ସହ ଅଭ୍ୟସ୍ତ ନ ଥିବା ବନ୍ୟଜନ୍ତୁ ବନ୍ୟାକୁ ସାମ୍ନା କରି ନ ପାରି ମୃତ୍ୟୁମୁଖରେ ପଡୁଥିଲେ। ଏବେ ପ୍ରତିବର୍ଷ ବନ୍ୟା ଆସୁଥିବାରୁ ସେମାନେ ମଧ୍ୟ ନିଜକୁ ସୁରକ୍ଷିତ ରଖିବାର ବାଟ ବାଛିନେଲେଣି। ସମ୍ଭାବ୍ୟ ବନ୍ୟାସ୍ଥିତିକୁ ଆକଳନ କରି ସେମାନେ ଉଚ୍ଚ ପାହାଡ଼ିଆ ସ୍ଥାନକୁ ପଳାଉଛନ୍ତି। ବର୍ମନ ଆହୁରି ମଧ୍ୟ କହିଛନ୍ତି, ବନ୍ୟାରେ କେବଳ ସବଳ ପ୍ରାଣୀମାନେ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥାନ୍ତି। ଅପେକ୍ଷାକୃତ ଦୁର୍ବଳ ଏବଂ ରୋଗଗ୍ରସ୍ତ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଯେଉଁମାନେ ସବଳ ସେମାନେ ହିଁ ପରିସଂସ୍ଥା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାନ୍ତି।

ଜନ୍ମଦିନ ଶୁଭେଚ୍ଛା



ଲରେନ୍
ଆୟରଲ୍ୟାଣ୍ଡ (Dublin)ନିବାସୀ
ଶ୍ରୀଯୁକ୍ତ ପ୍ରବୀଣ ନାୟକଙ୍କର ଏକମାତ୍ର ସୁକନ୍ୟା ଲରେନ୍‌ର ଜନ୍ମବାର୍ଷିକୀ ଅବସରରେ କୋଟି କୋଟି ଶୁଭକାମନା ଓ ଆଶୀର୍ବାଦ।
-:ଶୁଭେଚ୍ଛା ସହ:-
ବାବା, ମାମା, ଜେଜେ, ମା', ପିଉସା, ପିଉସୀ, ସୋନୁ ଭାଇ, ଗୁଡୁ ଭାଇ, ଅଜା, ଆଈ, ମଉସା, ମାଉସୀ ଓ ମାମୁମାନେ।
ଧ-୪୬୨୮



ଉର୍ବଶୀ ରୌତେଲା

## 'ଚିକ୍‌ନୀ ଚମେଲୀ' ଫର୍ମରେ ଉର୍ବଶୀ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କୁ କିଏ ନ ଜାଣେ। ସମସ୍ତେ ତାଙ୍କ ଫିଗର୍ ଏବଂ ଡ୍ୟାନ୍ସ ଅନ୍ଦାଜ୍‌ର ଦିୱାନା। ତାଙ୍କ ଭିଡିଓକୁ ଯେପରି ଫ୍ୟାନମାନେ ଚାହିଁ ବସିଥାନ୍ତି। ଉର୍ବଶୀ ଫିଲ୍ମ ସହିତ ସୋସିଆଲ ମିଡିଆରେ ମଧ୍ୟ ଧମାଲ ମଚାଉଛନ୍ତି। ତାଙ୍କର ଗୋଟିଏ ଭିଡିଓ ଆସିଲେ ହିଁ ତାହା ଭାଇରାଲ ହୋଇଯାଇଥାଏ। ତେବେ କରୋନା ଲକଡାଉନ ସମୟରେ ସମସ୍ତେ ନିଜ ନିଜ ଘରେ ରହି ସମୟ ବିତାଉଛନ୍ତି। ଘରେ ରହି ସେଲିବ୍ରିଟିଙ୍କର ଥ୍ରୋବ୍ୟାକ ଭିଡିଓ ଗୁଡ଼ିକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରୁଛନ୍ତି। ନିକଟରେ ଉର୍ବଶୀ ରୌତେଲାଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି। ସେ ଏହି ଭିଡିଓରେ 'ଚିକନୀ ଚମେଲୀ' ଗୀତରେ ଜବରଦସ୍ତ ଡ୍ୟାନ୍ସ କରୁଛନ୍ତି। ଏହି ଭିଡିଓକୁ ତାଙ୍କ ଟିମ୍ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହା ଏବେ ଖୁବ ଭାଇରାଲ ହେଉଛି। ଉର୍ବଶୀଙ୍କ ଏହି ଜବରଦସ୍ତ ଷ୍ଟେଜ ବ୍ଲାଷ୍ଟ କରୁଥିବା ଡ୍ୟାନ୍ସ ଦେଖି ଫ୍ୟାନମାନେ ଲାଇକ୍ କରିବାସହ କମେଣ୍ଟ ଦେବା ମଧ୍ୟ ଆରମ୍ଭ କରିଦେଇଛନ୍ତି। ଉର୍ବଶୀଙ୍କୁ ସୋସିଆଲ ମିଡିଆର କୁଇନ୍ ମଧ୍ୟ କୁହାଯାଏ। ତାଙ୍କ ପୋଷ୍ଟ ଖୁବ ଦୃଷ୍ଟିଆର୍କଷଣ କରିଥାଏ। ବହୁତ ସଂଖ୍ୟାରେ ଫ୍ୟାନ୍ସ ଫଲୋଇଙ୍ଗ ଥିବା କାରଣରୁ ତାଙ୍କ ଫଟୋ ଏବଂ ଭିଡିଓ ଖୁବ ଭାଇରାଲ ହୋଇଥାଏ। ଆପଣଙ୍କୁ ଜଣାଇବାକୁ ଚାହିଁବୁ ଯେ ଉର୍ବଶୀ ସନି ଦେଓଲଙ୍କ ସହିତ 'ସିଂହ ସାହାବ ଦ ଗ୍ରେଟ' ଫିଲ୍ମରେ ପାଦ ରଖିଥିଲେ। ଉର୍ବଶୀ ବହୁତ ଜଲଦି ନିଜର ଅପକମିଙ୍ଗ ଫିଲ୍ମ 'ଭର୍ଜିନ ଭାନୁପ୍ରିୟା'ରେ ନଜର ଆସିବେ। ଏହା ଓଟିଟି ପ୍ଲାଟଫର୍ମରେ ଜି-୫ରେ ରିଲିଜ ହେବ ବୋଲି ଜଣାପଡ଼ିଛି।

## ପୃଥିବୀମୁହାଁ ଜଳନ୍ତା ଗ୍ରହାଣୁପିଣ୍ଡ



**ୱାଶିଂଟନ:** ପୃଥିବୀ ମୁହାଁ ଏକ ଜଳନ୍ତା ଗ୍ରହାଣୁପିଣ୍ଡ ମାଡ଼ି ଆସୁଛି। ଏହା ପୃଥିବୀ ପାଇଁ ବିପଦ ଜନକ ହୋଇପାରେ ବୋଲି ନାସା ପକ୍ଷରୁ କୁହାଯାଇଛି। ଏହି ଗ୍ରହାଣୁପିଣ୍ଡ ୨୦୨୦-ଏନ୍‌ଡି ଜୁଲାଇ ୨୪ରେ ପୃଥିବୀର ନିକଟବର୍ତ୍ତୀ ହେବ। ଏହାର ଲମ୍ବ ୧୭୦ ମିଟର ଥିବାବେଳେ ଏହା ଘଣ୍ଟାପ୍ରତି ୪୮ ହଜାର କିମି ବେଗରେ ପୃଥିବୀ ଆଡ଼କୁ ମାଡ଼ି ଆସୁଛି। ଏଭଳି କ୍ଷୁଦ୍ର ଗ୍ରହାଣୁପିଣ୍ଡ ବହୁ ସମୟରେ ପୃଥିବୀର ମହାକର୍ଷଣ ଶକ୍ତି ପ୍ରଭାବରେ ନିଜ କକ୍ଷ ପଥରୁ ହଟି ଯାଇଥାନ୍ତି। ଫଳରେ ଏହା ପୃଥିବୀରେ ଉପରେ ବିପଦ ସୃଷ୍ଟି କରିଥାଏ। ଏପରିସ୍ଥଳେ ପୃଥିବୀ ସହିତ ଧକ୍କା ହେବାର ଆଶଙ୍କା ବଢ଼ିଯାଇଥାଏ ବୋଲି ନାସାର ମହାକାଶ ବିଜ୍ଞାନୀମାନେ ମତପୋଷଣ କରିଛନ୍ତି।

## ଆଖୁ ଚୋପାରୁ ମାସ୍କ

**ନୂଆଦିଲ୍ଲୀ:** କରୋନା ସଂକ୍ରମଣ ରୋକିବାକୁ ମାସ୍କ ପିନ୍ଧିବା ଜରୁରୀ ବୋଲି କହିଛନ୍ତି ସ୍ୱାସ୍ଥ୍ୟବିଜ୍ଞାନୀ ଓ ଡାକ୍ତର। କରୋନା ଭଳି ଏକ ଅଦୃଶ୍ୟ ମହାମାରୀ ସହ ଲଢିବାକୁ ହେଲେ ହାତ ଧୋଇବା, ସୋସିଆଲ ଡିଷ୍ଟାନସିଂ ରଖିବା, ଫେସମାସ୍କ, ଗ୍ଲୋଭ୍ସ ଆଦି ପିନ୍ଧିବାକୁ କୁହାଯାଇଛି। ହେଲେ ଏବେ ଏହାର ବହୁଳ ବ୍ୟବହାର ଫଳରେ ଦିନକୁ ଦିନ ମେଡିକାଲ ବର୍ଜ୍ୟବସ୍ତୁ ପରିମାଣ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଏବେ ରାଜଧାନୀ ଦିଲ୍ଲୀର ଏକ କମ୍ପାନୀ ଏଫିବାର ଆଖୁର ଚୋପା ଓ ବର୍ଜ୍ୟବସ୍ତୁରୁ ମାସ୍କ ତିଆରି କରିଛି। ଏହାକୁ ଜଣେ ବ୍ୟକ୍ତି ୩୦ ଥର ବ୍ୟବହାର କରିପାରିବେ ବୋଲି କମ୍ପାନୀ କହିଛି। ଆଉ ବ୍ୟବହାର ପରେ ଏହାକୁ ଫିଙ୍ଗିଦେଲେ ଏହା ସହଜରେ ଡିକମ୍ପୋଜ ମଧ୍ୟ ହୋଇପାରିବ। ଏଫିବାର ଗ୍ରୁପର ଫାଉଣ୍ଡର ରାଜେଶ ଭରଦ୍ୱାଜ କହିଛନ୍ତି ବାୟୋଫେସ ମାସ୍କ ଏକ ବାୟୋଡିଗ୍ରେଡେବଲ ମାସ୍କ। ଏଥିରେ ଆଣ୍ଟି ବ୍ୟାକ୍ଟିରିଆ ପ୍ରପଟି ମଧ୍ୟ ରହିଛି। କାରଣ ଏହାକୁ ପିଏଲ୍‌ଏ କମ୍ପାଉଣ୍ଡ ଓ ଫଲିଏଟିକ୍ ଏସିଡ଼ରେ ପ୍ରସ୍ତୁତ କରାଯାଇଛି। ସେଥିପାଇଁ ଏହା ବାୟୋଡିଗ୍ରେଡେବଲ ଓ ଆଣ୍ଟି ବ୍ୟାକ୍ଟିରିଆଲ ଅଟେ। ଏହାକୁ ୩୦ଥର ଧୋଇ ବ୍ୟବହାର କରିବା ପରେ ଫୋପାଡି ଦେଲେ ଏହା ପରିବେଶର କୌଣସି କ୍ଷତି କରିବ ନାହିଁ। କାରଣ ଏହା ପ୍ରକୃତିରୁ ଆସିଥିଲା ଓ ପ୍ରକୃତିକୁ ଫେରିଯାଇଛି।



## ପରପାରିରେ ନିର୍ଦ୍ଦେଶକ ରଜତ



**ମୁମ୍ବାଇ:** ବଲିଉଡ୍ ଦୁନିଆକୁ ଲାଗିଛି ଆଉ ଏକ ଧକ୍କା। ନାମୀଦାମୀ ନିର୍ଦ୍ଦେଶକ ରଜତ ମୁଖାର୍ଜୀଙ୍କୁ ହରାଇଛି ସିନେ ଦୁନିଆ। ଶନିବାର ରାତିରେ ଜୟପୁରଠାରେ ତାଙ୍କର ଦେହାନ୍ତ ହୋଇଥିବା କୁହାଯାଉଛି। ତେବେ ଗତ ଏପ୍ରିଲ ମାସରୁ ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଚିକିତ୍ସା ଚାଲୁଥିବା ସମୟରେ ହିଁ ତାଙ୍କର ପରଲୋକ ହୋଇଛି। ବଲିଉଡ୍ ଅଭିନେତା ମନୋଜ ବାଜପେୟୀ ଏହି ଖବର ଶୁଣି ଭାଙ୍ଗି ପଡିବା ସହ ସୋସିଆଲ ମିଡିଆ ଜରିଆରେ ଶୋକ ପ୍ରକାଶ କରିଛନ୍ତି। ରଜତ ମୁମ୍ବାଇରେ ରହୁଥିବା ବେଳେ ଲକ୍‌ଡାଉନ ଯୋଗୁ ସେ ତାଙ୍କ ହୋମ୍‌ଟାଇନ ଜୟପୁର ଚାଲି ଯାଇଥିଲେ। ତାଙ୍କର କିଡ୍‌ନୀ ସମସ୍ୟା ସହ ଫୁସ୍‌ଫୁସ୍‌ରେ ଇନ୍‌ଫେକ୍ସନ ମଧ୍ୟ ଥିଲା। ନିର୍ଦ୍ଦେଶକ ରଜତ ମୁଖାର୍ଜୀ ପ୍ୟାର ତୁନେ କ୍ୟା କିୟା, ରୋଡ, ଲଭ୍ ଇନ୍ ନେପାଳ ଓ ଉମ୍ମିଦ ଭଳି ଫିଲ୍ମ ଭେଟି ଦେଇଥିଲେ ଦର୍ଶକଙ୍କୁ। ତାଙ୍କ ବିୟୋଗରେ ଅଭିନେତା ମନୋଜ ବାଜପେୟୀ ଟୁଇଟ୍ କରି ଲେଖିଛନ୍ତି, ଏହି ଖବରକୁ ମୁଁ ବିଶ୍ୱାସ କରିପାରୁନାହିଁ। ଆମେ ଆଉ କେବେ ମିଶିବାନି କି କାମକୁ ନେଇ ଚର୍ଚ୍ଚା କରିବାନି ବୋଲି ମୋତେ ବିଶ୍ୱାସ ହେଉନି। ଯେଉଁଠି ଅଛ ବନ୍ଧୁ ସୁଖରେ ଥାଅ। ହଂସଲ ମେହେତା ଲେଖିଛନ୍ତି ବନ୍ଧୁ ତୁମେ ସବୁଦିନ ପାଇଁ ମନେ ରହିବ। ରଜତଙ୍କ ଦେହାନ୍ତ ପରେ ୨୦୨୦ ବଲିଉଡ୍ ଦୁନିଆ ପାଇଁ କେବଳ ଦୁଃଖ ନେଇ ଆସିଛି ବୋଲି ଆଲୋଚନା ହେଉଛି।

## ଆକାଶରେ ଉଡ଼ିଲେ ମାଛ-ଚିଙ୍ଗୁଡ଼ି

**ଶ୍ରୀକାକୁଲମ୍:** ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଏବଂ ୟାନାମ ଜିଲାରେ ଟର୍ନାଡୋ ଦେଖାଦେଇଛି। ଦେଶରେ ଏଭଳି ଘଟଣା ପ୍ରାୟତଃ କମ୍ ଦେଖିବାକୁ ମିଳିଥାଏ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଟର୍ନାଡୋ ଯୋଗୁ ଏଠାରେ ଥିବା ମାଛପାଳନ କେନ୍ଦ୍ର ସମେତ ଅନ୍ୟ କେତେକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ମାଛପାଳନ କେନ୍ଦ୍ରରେ ଥିବା ମାଛ, ଚିଙ୍ଗୁଡ଼ି ୪୫ ମିନିଟ୍ ଧରି ଆକାଶରେ ଉଡ଼ିବୁଲିଥିଲେ। ପରେ ଟର୍ନାଡୋ ବଙ୍ଗୋପସାଗର ମୁହାଁ ହୋଇଥିଲା। ଟର୍ନାଡୋ ପରେ ଏହି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମାଛ ଏବଂ ଚିଙ୍ଗୁଡ଼ି ପଡ଼ିଥିଲା। ଲୋକେ ଏସବୁକୁ ଘରକୁ ବୋହି ନେଇଯାଇଥିଲେ। ଏହାର ୫୬ ସେକେଣ୍ଡର ଏକ ଭିଡ଼ିଓ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ, ସାଧାରଣତଃ ଏଭଳି ଟର୍ନାଡୋ ଆମେରିକା, ଟେକ୍ସାସ୍, ଅଲବାମା ଭଳି ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ଦେଖାଦେଇଥାଏ।



## ପ୍ରଭାସଙ୍କ ସହ ନଜର ଆସିବେ ଦୀପିକା





**ମୁମ୍ବାଇ:** ବାହୁବଳୀ ରିଲିଜ ହେବା ପରେ ସାଉଥ ସୁପରଷ୍ଟାର ପ୍ରଭାସଙ୍କ ଯାଦୁ ସାରା ଭାରତରେ ଛାଇ ଯାଇଥିଲା। ଏହି ଫିଲ୍ମ ତାଙ୍କୁ ଇଣ୍ଟରନ୍ୟାଶନାଲ ଷ୍ଟାର ମଧ୍ୟ କରିଦେଇଥିଲା। ସେପଟେ ବଲିଉଡ ନାୟିକା ଦୀପିକାଙ୍କୁ ମଧ୍ୟ ତାଙ୍କ ଅଭିନୟ ପାଇଁ ଦର୍ଶକ ବେଶ ପସନ୍ଦ କରନ୍ତି। ଏହି ନାୟିକା କେବଳ ବଲିଉଡ ନୁହେଁ ଏବେ ହଲିଉଡ୍‌ରେ କିଛି ପ୍ରୋଜେକ୍ଟରେ କାମ କରୁଥିବା ଜଣାପଡିଛି। ଏବେ ବଲିଉଡ୍‌ରେ ଉତ୍ତର-ଦକ୍ଷିଣ ଯୋଡିଙ୍କୁ ଦେଖିବାକୁ ମିଳିବ। ବୈଜୟନ୍ତି ମୁଭିଜ ଭାରତୀୟ ସିନେମା ଜଗତରେ ୫୦ବର୍ଷ ପୂରଣ କରିବା ଅବସରରେ ଏବେ ବାହୁବଳୀ ପ୍ରଭାସ ଓ ପଦ୍ମାବତ ଫେମ ଦୀପିକା ପାଦୁକୋନଙ୍କୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯାଉଥିବା ସୂଚନା ମିଳିଛି। ଏହା ପ୍ରଭାସଙ୍କ ୨୧ତମ ଫିଲ୍ମ ହୋଇଥିବା ବେଳେ ଫିଲ୍ମଟି ବକ୍ସ ଅଫିସରେ ଧୁମ ମଚାଇବ ବୋଲି ଆଶା କରାଯାଉଛି। ଦୀପିକା ପାଦୁକୋନ ତାଙ୍କ ଇନଷ୍ଟାଗ୍ରାମ ଯୋଗେ ଫିଲ୍ମର ଘୋଷଣା ହୋଇଥିବା ଜଣାଇଛନ୍ତି। ଏହି ଫିଲ୍ମର ନିର୍ଦ୍ଦେଶକ ନାଗ ଅଶ୍ୱିନୀ କହିଛନ୍ତି ଏହା ଏକ ସରପ୍ରାଇଜ ପ୍ରୋଜେକ୍ଟ। ଫିଲ୍ମ ରିଲିଜ ପରେ କିଛି ବର୍ଷ ପାଇଁ ଏହା ଦର୍ଶକଙ୍କ ହୃଦୟରେ ନିଶ୍ଚିତ ଭାବେ ଅଭୁଲା ହୋଇ ରହିବ।

ମନେ ପଡ଼ନ୍ତି

In loving memory of beloved mother



Late Maya Rani Pal
Mayapuri Apartment
BBSR-2
Date of Birth: 28. 08.1955
Date of Demise: 20.07.2018
There isn't a day that goes by when we don't wish we could hold your hand and talk to you. Love you & Miss yoy.
Your everloving
Samir Kumar Pal, Satarapu Pal, Madhulika Pal.
D-67117

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଧ୍ରୁବ ଚରଣ ଜେନା
ବ୍ରହ୍ମପୁର, ବ୍ରହ୍ମଗିରି, କୃଷ୍ଣପ୍ରସାଦ, ପୁରୀ
ଆବିର୍ଭାବ: ୧୭।୦୩।୧୯୬୧
ତିରୋଧାନ: ୧୦।୦୭।୨୦୨୦
ଆପଣ ଏକାଧାରରେ ଜଣେ ସାହିତ୍ୟ ସାଧକ, ବକ୍ତା, ସଙ୍ଗଠକ, ପଠନ କର୍ତ୍ତା, ଉପଦେଷ୍ଟା ତଥା କର୍ମଠ ଶିକ୍ଷକ କବି ଥିଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ଆମର ଚିର ସ୍ମୃତିରେ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ମମତା ଜେନା, ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ।
ଧ-୬୯୬୦୪

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଅନ୍ନପୂର୍ଣ୍ଣା ବେହେରା
କାଞ୍ଚନ ବଜାର, ଢେଙ୍କାନାଳ
ଆବିର୍ଭାବ: ୧୯୫୪ ମସିହା
ତିରୋଧାନ: ୦୨।୦୮।୨୦୧୬
(ଚିତାଲାଗି ଅମାବାସ୍ୟା)
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ତୋର ସ୍ନେହ, ମମତାଭରା ହସହସ ମୁଖ ସଦାବେଳେ ମନେପଡୁଛି। ତୁ ସବୁଦିନ ପାଇଁ ଏମିତି ଆମ ହୃଦୟରେ ରହିଛୁ ଓ ରହିଥିବୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଶଶଧର ବେହେରା, ପୁଅ-ବୋହୂ, ଝିଅ-ଜ୍ୱାଇଁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୬୮୭୦



# ସମୁଦ୍ରରୁ ଭୂମିକମ୍ପ ସମ୍ପର୍କରେ ଜାଣିହେବ

ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ଭୂମିକମ୍ପ ଅନ୍ୟତମ। ଏହା କେତେବେଳେ ସଂଗଠିତ ହେବ ତାହା ଆକଳନ କରିବା ଏତେ ସହଜ ନୁହେଁ। ତେବେ ଏ ସମ୍ପର୍କରେ ପ୍ରାକ୍ ସୂଚନା ପାଇବା ପାଇଁ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ତେବେ ଏ କ୍ଷେତ୍ରରେ ଗୋଟିଏ ପାଦ ଆଗେଇବାରେ ସକ୍ଷମ ହୋଇଛନ୍ତି ଜାପାନର ଭୂମିକମ୍ପ ବିଶେଷଜ୍ଞମାନେ। ସମୁଦ୍ର ଭିତର ଭାଗ ଉପରେ ଗବେଷଣା କରି ସେମାନେ ଏ ନେଇ କିଛି ତଥ୍ୟ ହାସଲ କରିଛନ୍ତି। ଏହି ତଥ୍ୟକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିବା ପରେ ସେମାନେ ଜାଣିପାରିଛନ୍ତି ଯେ, ସମୁଦ୍ରର ଭିତର ଭାଗରେ ଏପରି ତତ୍ତ୍ୱ ରହିଛି ଯାହାକୁ ଆଧାର କରି ଭୂମିକମ୍ପ ବିଷୟରେ ପ୍ରାକ୍ ସୂଚନା ଦେଇହେବ। ତେବେ ଏ ନେଇ ନିଜ ଉକ୍ତିକୁ ଆହୁରି ଦୃଢ଼ କରିବାକୁ ୨-୩ବର୍ଷ ଲାଗିବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।

# ପୁତ୍ରର ଋଣ ଶୁଝା


ପ୍ର. ରମେଶ ଚନ୍ଦ୍ର ପରିଡ଼ା

ମାତୃ ଋଣ କଦାପି ଶୁଝି ହୁଏ ନାହିଁ। କାରଣ ମା' ଏକ ଅନନ୍ୟ ମରିଷ। ନୂଆ ଜୀନନଟିଏ ସୃଷ୍ଟି କରିବାରେ ମା'ର ଭୂମିକା ଅତୁଳନୀୟ। ସମାୟନ ପରଠାରୁ ଶିଶୁଟିକୁ ଜନ୍ମଦେବା ପର୍ଯ୍ୟନ୍ତ ଅନ୍ୟ ସମସ୍ତ ପ୍ରକ୍ରିୟା ମାତୃଗର୍ଭରେ ସାଧିତ ହୋଇଥାଏ। ତେବେ ଅନ୍ୟ ସବୁ ପ୍ରଜାତିର ସ୍ତନ୍ୟପାୟୀଙ୍କ ତୁଳନାରେ ମଣିଷର ଭ୍ରୂଣ ମା'ଠାରୁ ଦାବି କରିଥାଏ ଜୀବନଧାରଣ ଏବଂ ମଣିଷ ବିକାଶ ଲାଗି ଆବଶ୍ୟକ ଅଧିକ ମାତ୍ରାର ଉପାଦାନ।

ଭୂମିଷ୍ଠ ହେଲା ପରେ ମା' ଶିଶୁଟିକୁ ସ୍ତନ୍ୟପାନ କରାଇବା ତଥା ଅନ୍ୟ ସମସ୍ତ ମାତୃସୁଲଭ ଯତ୍ନ ନେବା ଏବଂ ଏପରି କି ପ୍ରାପ୍ତବୟସ୍କ ହେଲା ପରେ ମଧ୍ୟ ତା' ପ୍ରତି ସର୍ବୋତୋଭାବେ ସମର୍ପିତ ହୋଇ ପରେ ଏସବୁ ଅଧିକ ମାତ୍ରାରେ ଘଟିବାର ଦେଖାଯାଉଛି। ଏହାର କାରଣ ସମ୍ପର୍କରେ ଏକ ସୂଚନା ପ୍ରଦାନ କରାଯାଇଛି 'ଜର୍ନାଲ ଅଫ ମଲିକୁଲାର ହ୍ୟୁମାନ ରିପ୍ରଡକ୍ସନ'ର ଜାନୁୟାରୀ, ୨୦୨୦ ସଂଖ୍ୟାରେ, ଯେଉଁଥିରେ ଜିନୀୟ ସଂପୃକ୍ତିକୁ ନେଇ ଏକ ବ୍ୟାଖ୍ୟାନ ରହିଛି। ତଦନୁଯାୟୀ ନିବନ୍ଧଟି ରଚନା କରିଥିବା ଗବେଷକମାନେ ତାଙ୍କ ପରୀକ୍ଷାରେ ପୁରୁଷ ଭ୍ରୂଣ ଗର୍ଭରେ ଧାରଣ କରିଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିବା ନତୁବା ପୁଅଟିଏ ଜନ୍ମ ଦେବାର ଠିକ୍ ପରେ ପରେ ମହିଳାମାନଙ୍କଠାରେ ୱାଇ-କ୍ରୋମୋଜୋମ୍ ସନ୍ଧାନ ପାଇଥିଲେ। ତେଣୁ ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଏହି କ୍ରୋମୋଜୋମ୍ ଭ୍ରୂଣଠାରୁ ମା' ଦେହକୁ ଆସିଛି ବୋଲି। ଏ କ୍ଷେତ୍ରରେ ଅନ୍ୟ ଏକ ଯୁଗାନ୍ତକାରୀ ଆବିଷ୍କାର ହୋଇଥିଲା ୨୦୧୨ ମସିହାରେ। ସେତେବେଳେ ୬୩ ଶତାଂଶ ମା'ଙ୍କ ମସ୍ତିଷ୍କରେ ପୁତ୍ର ସନ୍ତାନ ଜନ୍ମ ଦେବାର ଅନେକ ବର୍ଷ ପରେ ମଧ୍ୟ ୱାଇ-କ୍ରୋମୋଜୋମ୍ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ୯୪ବର୍ଷୀୟା ମହିଳାଙ୍କଠାରେ ଏହା ଥିବାର




ରହିବାର ଦେଖାଯାଏ। ମା'ର ଏହି ସମର୍ପଣ ଭାବର କାରଣ ଖୋଜି ବାହାର କରିବା ସମ୍ଭବ ହୋଇ ନ ଥିଲେ ମଧ୍ୟ ତା' ମୂଳରେ କିଛି ଜୈବିକ ରହସ୍ୟ ବିଦ୍ୟମାନ ଥିବାର ଅନୁମାନ କରାଯାଏ। ଅନେକେ ଏହାକୁ ବ୍ୟାଖ୍ୟା କରୁଥିଲେ ସମ୍ପନ୍ନ ପାଇଁ ମା' ଏବଂ ବାପାଙ୍କର ଭିନ୍ନ ଭିନ୍ନ ଜିନୀୟ ଅବଦାନ ମାଧ୍ୟମରେ। ସେମାନଙ୍କ ମତରେ ସେ ଉଭୟେ ଶିଶୁକୁ ପ୍ରଦାନ କରିଥାଆନ୍ତି ସମସଂଖ୍ୟକ ନାଭିକୀୟ କ୍ରୋମୋଜୋମ୍। କିନ୍ତୁ ଏହା ବ୍ୟତୀତ ମା'ର ଡିମ୍ବାଣୁରେ ଥିବା 'ମିଟୋକୋଣ୍ଡ୍ରିଆ'ରେ ସେ ସମ୍ପୂର୍ଣ୍ଣ ଅଧିକାରୀ ହୋଇଥାଏ। ସମ୍ଭବତଃ ଏଥିରେ ଥିବା ଜିନ୍‌ଗୁଡିକର ତହିଁରେ କୌଣସି ଭୂମିକା ରହିଛି। ତେବେ ବର୍ତ୍ତମାନ ବିଶେଷକରି ପୁଅ ସହିତ ମା'ର ଅସାମାନ୍ୟ ସଂପୃକ୍ତିକୁ ନେଇ ଭିନ୍ନ ଏକ ନୂତନ ତଥ୍ୟ ଉପସ୍ଥାପିତ କରାଗଲାଣି।

ସନ୍ତାନ ଜନ୍ମ ଦେବା ନାରୀଠାରେ ଆଣିଥାଏ ଅନେକ ପରିବର୍ତ୍ତନ- ଶରୀରର ଗାଠନିକ ତଥା କ୍ରିୟାଜନିତ ଏବଂ ମନସ୍ତାତ୍ତ୍ୱିକ। କିନ୍ତୁ ସମୟକ୍ରମେ ପ୍ରଥମ ଦୁଇଟି ଅନେକାଂଶରେ ସାଧାରଣ ହୋଇଯାଏ। କେବଳ ତୃତୀୟଟି ପରିବର୍ତ୍ତନ ରହିଯାଏ ସ୍ଥାୟୀ ରୂପେ। ବିଶେଷକରି ପୁତ୍ର ସନ୍ତାନଟିଏ ଜନ୍ମ ଦେବା ଏକମାତ୍ର କାରଣ ହେଲା ଯେ, ସେମାନେ ପ୍ରତ୍ୟେକ ଅନ୍ତତଃ ଗୋଟିଏ ଲେଖାଏଁ ପୁତ୍ର ସନ୍ତାନ ଜନ୍ମଦେଇଥିଲେ। ଅତଏବ ତାହା ତାଙ୍କରିଠାରୁ ସେମାନଙ୍କ ଦେହକୁ ଆସିଥିଲା।

ବୈଜ୍ଞାନିକମାନଙ୍କ ମତରେ ଏହା ମା'ମାନଙ୍କଠାରେ ହରମୋନୀୟ ସ୍ଥିତି ବଦଳାଇ ଦେଇ ତାଙ୍କୁ କର୍କଟ ରୋଗ ତଥା ସଂକ୍ରମଣ ଓ ମସ୍ତିଷ୍କ ରୋଗରୁ ଦୀର୍ଘକାଳୀନ ଭିତ୍ତିରେ ସୁରକ୍ଷା ପ୍ରଦାନ କରେ। ଫଳରେ ତାଙ୍କର ବଞ୍ଚି ରହିବାର ସମ୍ଭାବନା ବୃଦ୍ଧିପାଏ, ଯାହା କି ଶିଶୁମାନଙ୍କ ପାଇଁ ଲାଭଦାୟକ। ସମ୍ଭବତଃ ଏହା ମା'ମାନଙ୍କୁ ବାପମାନଙ୍କ ତୁଳନାରେ ପୁତ୍ର ସନ୍ତାନ ପ୍ରତି ଅଧିକ ସମର୍ପିତ ହେବାକୁ ପ୍ରରୋଚିତ କରେ। ଅନ୍ୟପକ୍ଷରେ, ମା' ସୁସ୍ୱାସ୍ଥ୍ୟ ଏବଂ ଦୀର୍ଘଜୀବନ ପାଇଁ ଏହା ସନ୍ତାନର ପ୍ରାକୃତିକ ଅବଦାନ ବୋଲି ବିଚାର କରାଯାଇପାରେ। କିଞ୍ଚିତ ମାତ୍ରାରେ ହେଲେ ବି ମାତୃ ଋଣ ଶୁଝିବା ପାଇଁ ପ୍ରକୃତି କ'ଣ ଏ ବ୍ୟବସ୍ଥା କରିଛି !

*-ଉଷା ନିବାସ, ୧୨୪/୨୪୪୫*
*ଖଣ୍ଡଗିରି ବିହାର, ଭୁବନେଶ୍ୱର*
*ମୋ : ୯୯୩୭୯୮୫୭୬୭*

# ବୁଦ୍ଧିମତ୍ତା ବଢ଼ାଏ ସୁନିଦ୍ରା



ବୁଦ୍ଧିମତ୍ତା ବଢ଼ାଇବାର ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି ? ସୁନିଦ୍ରା। ଯଦି ଜଣେ ବ୍ୟକ୍ତି ଆବଶ୍ୟକ ମୁତାବକ ନିଦ୍ରା ଯାଆନ୍ତି ତେବେ ତାହାର ସୁପ୍ରଭାବ ବୁଦ୍ଧିମତ୍ତା ଉପରେ ପଡିଥାଏ। 'ବୁଦ୍ଧିମତ୍ତା ଏବଂ ସୁନିଦ୍ରା' ବିଷୟବସ୍ତୁ ଉପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିମାନଙ୍କୁ ପ୍ରତିଦିନ ଆବଶ୍ୟକ ମୁତାବକ ଶୋଇବାକୁ ପରାମର୍ଶ ଦିଆଯାଇଥିବା ବେଳେ ଅନ୍ୟ ଗ୍ରୁପ୍‌ରେ ଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ମନ ମୁତାବକ ଶୋଇବାକୁ କୁହାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଯେଉଁମାନେ ନିୟମିତ ଆବଶ୍ୟକ ମୁତାବକ ଶୋଉଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ପ୍ରଖର ଥିବାର ଜଣାପଡିଥିଲା। ହେଲେ ଶୋଇବା ପୂର୍ବରୁ ହାଲକା ଖାଦ୍ୟ ଖାଇବା ସହ ବେଡ୍ ରୁମ୍‌ର ପରିବେଶ ଶାନ୍ତ ହେବା ନିହାତି ଦରକାର ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# କରୋନା ଓ ଡାଇବେଟିସ୍



"କରୋନା ଭାଇରସ ବର୍ତ୍ତମାନ ବିଶ୍ୱର ଅଧିକାଂଶ ଦେଶରେ କାୟା ବିସ୍ତାର କରିଛି। ସାଧାରଣ ଲୋକଙ୍କ ତୁଳନାରେ ଡାଇବେଟିସ୍ ରୋଗୀଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି କ୍ଷୀଣ ପାଉଥିବାରୁ ଏହି ଭୂତାଣୁ ଶୀଘ୍ର ସଂକ୍ରମିତ ହୋଇଥାଏ। ବୟସ୍କ ଡାଇବେଟିସ୍ ରୋଗୀ, ଅନିୟନ୍ତ୍ରିତ ରକ୍ତ ସର୍କରାରେ ଆକ୍ରାନ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ରୋଗର ଭୟାଭୟତା ଏବଂ ମୃତ୍ୟୁ ଆଶଙ୍କା ବେଶି..."


ଡା. ସୁନୀଲ କୁମାର କୋଟା

କୋଭିଡ୍-୧୯ ଭୂତାଣୁ ବିଶେଷ କରି ନିଃଶ୍ୱାସଜନିତ ବାୟୁ କଣିକା ଦ୍ୱାରା ସଂଚାରିତ ହୋଇଥାଏ। ୯୮% ରୋଗୀଙ୍କଠାରେ ଏହା ମୃଦୁ ଅବସ୍ଥାରେ ଥିବା ବେଳେ ୨% ରୋଗୀଙ୍କର ମୃତ୍ୟୁ ଘଟିଥାଏ। ୮୦% ରୋଗୀଙ୍କଠାରେ ଏହା ସାମାନ୍ୟ ଫ୍ଲୁ ଭାବେ ଦେଖା ଦେଇଥାଏ ଏବଂ ରୋଗୀ ନିଜ ଘରେ ହିଁ ଆରୋଗ୍ୟ ଲାଭ କରିଥାନ୍ତି। ୨୦% ରୋଗୀଙ୍କ କ୍ଷେତ୍ରରେ ଏହା ଜଟିଳ ରୂପ ଧାରଣ କରି ମୃତ୍ୟୁ ଆଶଙ୍କା ବୃଦ୍ଧି କରିଥାଏ। ଏହା ବୟସ୍କ, ଶିଶୁ, ଉଚ୍ଚରକ୍ତ ଚାପ, ଫୁସ୍‌ଫୁସ୍, କିଡ୍‌ନୀ, ଯକୃତ, ହୃତ୍‌ପିଣ୍ଡ ସମସ୍ୟା ଥିବା ରୋଗୀ ଏବଂ ବିଶେଷ କରି ମଧୁମେହ ବା ଡାଇବେଟିସ୍ ରୋଗୀଙ୍କ ଲାଗି ଅଧିକ ବିପଦପୂର୍ଣ୍ଣ।

**ଖାଦ୍ୟ ପେୟ:** ଡାଇବେଟିସ୍ ରୋଗୀ ବର୍ତ୍ତମାନ ସମୟରେ ଶ୍ୱେତସାର(ଭାତ, ରୁଟି)ର ପରିମାଣ କମାଇ ପୁଷ୍ଟିସାର, ଭିଟାମିନ୍, ମିନେରାଲ ଯୁକ୍ତ ଖାଦ୍ୟ ତରକାରି, ଡାଲି, ସାଲାଡ୍‌ର ମାତ୍ରା ବଢାଇବା ଦରକାର। ଭଲ ଭାବେ ରୋଷେଇ ହୋଇଥିବା ଆମିଷ ଖାଦ୍ୟ ଖାଇପାରିବେ। ବାହାର ଖାଦ୍ୟ, ତେଲ ମସଲାଯୁକ୍ତ ଖାଦ୍ୟ ନ ଖାଇ ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ଥଣ୍ଡା ଖାଦ୍ୟ କିମ୍ବା ପାନୀୟ ବଦଳରେ ଉଷୁମ ଖାଦ୍ୟ ଉପକାରୀ। ଉଷୁମ ପାଣି ସହ ଗରମ ସୁପ୍ ଆଦି ପିଇବା ଭଲ।

**ସତର୍କତା:** - ହାତକୁ ୨୦ ସେକେଣ୍ଡ ଧରି ସାବୁନ ଅଥବା ଆଲକହଲ୍ ଯୁକ୍ତ ସାନିଟାଇଜରରେ ଧୁଅନ୍ତୁ।

- ଛିଙ୍କିବା, କାଶିବା, ସମୟରେ ନିଜ ନାକ ଏବଂ ମୁହଁକୁ ରୁମାଲ କିମ୍ବା ଟିସୁରେ ଘୋଡାଇ ରଖନ୍ତୁ। ରୁମାଲକୁ ଭଲ ଭାବେ ଧୁଅନ୍ତୁ ଏବଂ ଟିସୁ ବ୍ୟବହାର କରୁଥିଲେ ଏହାକୁ କଭର ଥିବା ଡଷ୍ଟବିନ୍‌ରେ ଫିଙ୍ଗି ଦିଅନ୍ତୁ। ବାରମ୍ବାର ମୁହଁ, ପାଟି, ନାକକୁ ସ୍ପର୍ଶ କରିବାଠୁ ନିଜକୁ ଦୂରେଇ ରଖନ୍ତୁ।
- ମାସ୍କ ବ୍ୟବହାର କରିବା ପୂର୍ବରୁ ଏବଂ ପରେ ହାତକୁ ୨୦ ସେକେଣ୍ଡ ଧରି ଧୁଅନ୍ତୁ। ମାସ୍କରେ ଯେପରି ନାକ ଏବଂ ପାଟି ଭଲ ଭାବେ ଘୋଡାଇ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏହାକୁ ବେକରେ ଟାଙ୍ଗନ୍ତୁ ନାହିଁ। ଝାଳ ଲାଗିଲେ ତୁରନ୍ତ ଏହାକୁ ବଦଳାନ୍ତୁ। ଏହାକୁ ଭଲ ଭାବେ ସଫା କରନ୍ତୁ। ଯଦି ବର୍ଜନଯୋଗ୍ୟ ମାସ୍କ ବ୍ୟବହାର କରୁଛନ୍ତି ତେବେ ଖୋଲିବା ପରେ ଡିସ୍‌ଇନ୍‌ଫେକ୍ଟ କରି ଡଷ୍ଟବିନ୍‌ରେ ଫିଙ୍ଗି ଦିଅନ୍ତୁ।
- ଘରର ଚଟାଣ, ସୋଫା, ଟେବୁଲ୍, ଚେୟାର, କମ୍ପ୍ୟୁଟର, ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଅଧିକ ବ୍ୟବହାର ହେଉଥିବା ଜିନିଷକୁ ଭଲ ଭାବେ ସାନିଟାଇଜ୍ କରନ୍ତୁ। ସେହିପରି ନିଜ ପର୍ସନାଲ ଜିନିଷ ଯଥା ଡ୍ରେସ୍, ଟାୱେଲ, ବେଡ୍‌ଶିଟ୍ ଆଦି ଅନ୍ୟକୁ ବ୍ୟବହାର କରିବାକୁ ଦିଅନ୍ତୁ ନାହିଁ।
- ଆଖ ପାଖରେ କୌଣସି ଲୋକ ଅସୁସ୍ଥ ଥିଲେ ବା କାଶ, ଛିଙ୍କ ହେଉଥିଲେ ତାଙ୍କ ପାଖକୁ ଯାଆନ୍ତୁ ନାହିଁ। ନିହାତି ଆବଶ୍ୟକ ନ ଥିଲେ ଜନଗହଳି ସ୍ଥାନକୁ ଆଦୌ ଯାଆନ୍ତୁ ନାହିଁ ଏବଂ ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବହାର କରନ୍ତୁ ନାହିଁ।
- ଅଫିସ୍ କାମ ଘରେ ଥାଇ( ୱାର୍କ ଫ୍ରମ୍ ହୋମ) କରିବାକୁ ଚେଷ୍ଟା କରନ୍ତୁ। ଏମିତି କି ଯଦି ସମ୍ଭବ ତେବେ ଡାକ୍ତରୀ ସେବା ମଧ୍ୟ ଫୋନ୍ ଯୋଗେ ନେଇପାରିଲେ ଭଲ।
- ଦୈନନ୍ଦିନ ୩୦ମିନିଟ୍ ଚାଲନ୍ତୁ, ସପ୍ତାହକୁ ୩ଦିନ ୧୦ ମିନିଟ୍ ଲେଖାଏଁ ମାଂସପେଶୀ ସୁଦୃଢ଼ କରିବା ଭଳି ବ୍ୟାୟାମ କରନ୍ତୁ। ଏକତ୍ର ବ୍ୟାୟାମ, ଜିମ୍, ସ୍ୱିମିଙ୍ଗ୍‌ପୁଲ୍ ଆଦି ନ ଯିବା ଭଲ।

**ରିସ୍କ ଫ୍ୟାକ୍ଟର:** ଯଦି ଘରେ କରୋନା ରୋଗୀ ବାହାରନ୍ତି, କୌଣସି ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସନ୍ତି କିମ୍ବା ୧ ମିଟରରୁ କମ୍ ବ୍ୟବଧାନରେ ସାମ୍ନା ସାମ୍ନି ହୋଇଥାନ୍ତି(ଏରୋପ୍ଲେନ୍ ଯାତ୍ରା ମଧ୍ୟ ଅନ୍ତର୍ଭୁକ୍ତ) ତେବେ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏହି ରୋଗ ସଂକ୍ରମଣର ଆଶଙ୍କା ବେଶି। ଅର୍ଥାତ୍ ଏମାନେ କଣ୍ଟାକ୍ଟ ଲିଷ୍ଟ ଅନ୍ତର୍ଭୁକ୍ତ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ୧୪ ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ଦରକାର। କାରଣ ରୋଗର ଲକ୍ଷଣ ଜଣା ପଡିବା ଯାଏ ଏହି ୧୪ ଦିନ(ଇନ୍‌କ୍ୟୁବେଶନ୍ ପିରିଅଡ୍) ସର୍ବାଧିକ ସତର୍କ ରହିବା ଆବଶ୍ୟକ ସମସ୍ତ ମେଡିସିନ୍, ଇନ୍‌ସୁଲିନ୍, ସିରିଞ୍ଜ, ଛୁଞ୍ଚି ଆଦି କିଣି ରଖନ୍ତୁ। ମାସ୍କ ଏବଂ ସାନିଟାଇଜର ମଧ୍ୟ ଅଧିକ ପରିମାଣରେ ରଖନ୍ତୁ। କୌଣସି କାରଣରୁ ହଠାତ୍ ଶର୍କରା ମାତ୍ରା ହ୍ରାସ ହେଲେ ଏହାକୁ ଠିକ୍ କରିବା ଲାଗି ଚିନି, ଚକ୍‌ଲେଟ, ଗ୍ଲୁକୋଜ ଆଦି ପାଖରେ ରଖନ୍ତୁ। ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ଇନ୍‌ଫ୍ଲୁଏଞ୍ଜା ଏବଂ ନ୍ୟୁମୋକୋକାଲ ଭ୍ୟାକ୍ସିନ୍ ନେଇ ପାରିବେ ଏବଂ ଇନ୍‌ସୁଲିନ୍ ନେଉଥିଲେ ମଝିରେ ମଝିରେ ୟୁରିନ୍ କେଟୋନ୍ ଟେଷ୍ଟ କରିବେ। ବାହାରକୁ ନ ଯାଇ ଘରେ ଗ୍ଲୁକୋମିଟର ରଖି ବ୍ଲଡ୍ ସୁଗାର ଟେଷ୍ଟ କରିପାରିବେ।

**ଔଷଧରେ ପରିବର୍ତ୍ତନ:** ଡାଇବେଟିସ୍ ରୋଗୀ ଅତ୍ୟଧିକ ବ୍ଲଡ୍ ସୁଗାର ହ୍ରାସ କରୁଥିବା ଏବଂ ଦେହରେ ଜଳୀୟାଂଶ ଘଟାଉଥିବା ଔଷଧ ବ୍ୟବହାର ନ କରିବା ଭଲ। ଅନ୍ୟ ଔଷଧର ମାତ୍ରା ବି କମାଇବା ଦରକାର। କୌଣସି ଅସୁସ୍ଥତା ଯୋଗୁ ଡାକ୍ତରଖାନାରେ ଭର୍ତ୍ତି ହେଲେ ଆବଶ୍ୟକସ୍ଥଳେ ଇନ୍‌ସୁଲିନ୍ ନେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ତେବେ ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ବନ୍ଦ କିମ୍ବା ପରିବର୍ତ୍ତନ କରନ୍ତୁ ନାହିଁ।

ମନେରଖନ୍ତୁ କୋଭିଡ୍-୧୯ ସମ୍ବନ୍ଧିତ କୌଣସି ଠିକ ତଥ୍ୟ ଜାଣିବା କିମ୍ବା




ଆବଶ୍ୟକ। ଏ ସମୟରେ ପରିବାରର ଅନ୍ୟ ସଦସ୍ୟ ବିଶେଷ କରି ବୃଦ୍ଧ, ଶିଶୁ ଏବଂ ଗର୍ଭବତୀଙ୍କଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଆବଶ୍ୟକ।

**କିପରି ପ୍ରସ୍ତୁତ ରହିବେ:** ନିଜ ଡାକ୍ତରଙ୍କ ଯୋଗାଯୋଗ ନମ୍ବର, ବ୍ୟବହାର କରୁଥିବା ଔଷଧ ଲିଷ୍ଟ ଆଦି ପରିବାର ସଦସ୍ୟଙ୍କୁ ଦିଅନ୍ତୁ। ଏକ ମାସ ପର୍ଯ୍ୟନ୍ତ ସହାୟତା ଲାଗି ଯେକୌଣସି ସାଇଟ୍ ନ ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(WHO), CDC-USA, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ(ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର)ରୁ ରିପୋର୍ଟ ସଂଗ୍ରହ କରିପାରିବେ।

*-ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର କ୍ଲିନିକ, ବ୍ରହ୍ମପୁର*

## ସ୍ୱାସ୍ଥ୍ୟ ସୂଚନା

- ନିଜର ଓଜନକୁ ସବୁବେଳେ ସନ୍ତୁଳିତ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଓଜନ ବଢ଼ିଲେ ତାହା କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ଯଦି ଆପଣ ନିଜ ଶରୀରରେ କୌଣସି ରୋଗର ଲକ୍ଷଣ ବିଷୟରେ ପ୍ରାକ୍ ସୂଚନା ପାଉଛନ୍ତି ତେବେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ। କୌଣସି ରୋଗର କାରଣକୁ ଅବହେଳା କରି ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର ସମ୍ମୁଖୀନ ହୁଅନ୍ତୁ ନାହିଁ।
- ଏବେ ତ ବର୍ଷାଦିନ। ଥଣ୍ଡା, କାଶ, ଜ୍ୱର ଆଦି ଦ୍ୱାରା ଆକ୍ରାନ୍ତ ହେବା ପ୍ରାୟ ସାଧାରଣ କଥା। ତେବେ ଏପରି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ସକାଳୁ ବିଛଣାରୁ ଉଠିବା ସମୟରେ ବିଛଣା ଉପରେ କିଛି ସମୟ ବସି ତା'ପରେ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ।
- ବ୍ୟାୟାମ କରିବା ସମୟରେ ଯଦି ହାଲିଆ ଲାଗୁଛି ତେବେ କିଛି ସମୟ ବିଶ୍ରାମ ନେଇ ତା'ପରେ ବ୍ୟାୟାମ କରନ୍ତୁ। ନିଜକୁ ଅସୁସ୍ଥ ଲାଗୁଥିଲେ ବ୍ୟାୟାମଠାରୁ ବିରତ ରହିବା ଭଲ।
- ଏପରି ବ୍ୟାୟାମ କରନ୍ତୁ ନାହିଁ ଯାହା ଦ୍ୱାରା ଶରୀର ପ୍ରଭାବିତ ହେବ। ତେଣୁ ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟ ଏବଂ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ପ୍ରତିଦିନ କିଛି ସମୟ ଚାଲନ୍ତୁ। ଏପରି ଅଭ୍ୟାସକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।



## ବ୍ରେକ୍‌ଫାଷ୍ଟ



ବ୍ରେକଫାଷ୍ଟ (ସକାଳ ଜଳଖିଆ) ଆମ ଶରୀର ପାଇଁ ବେଶ୍ ଉପକାରୀ। କେତେକ ଏହାକୁ ଯଥେଷ୍ଟ ଗୁରୁତ୍ୱ ଦିଅନ୍ତି ନାହିଁ। ତେବେ ବ୍ରେକଫାଷ୍ଟ ପାଇଁ ଆମେ କେଉଁ କଥା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ଜାଣନ୍ତୁ ସେ ସମ୍ପର୍କରେ...

- ପ୍ରତିଦିନ ସକାଳେ କେତେବେଳେ ବ୍ରେକ୍‌ଫାଷ୍ଟ ଖାଇବେ ତାହାର ସମୟ ନିର୍ଘଣ୍ଟ କରନ୍ତୁ।
- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସକାଳୁ ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ଠିକ୍ ସମୟରେ ବ୍ରେକଫାଷ୍ଟ ଖାଆନ୍ତୁ।
- ଏହାର ଖାଦ୍ୟ ତାଲିକାରେ ହାଲକା ସ୍ନାକ୍ସଜାତୀୟ ଖାଦ୍ୟ, ତଟକା ଫଳମୂଳ, ଜୁସ୍ ସାମିଲ କରନ୍ତୁ।
- ବ୍ରେକଫାଷ୍ଟରେ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ।
- ବ୍ରେକଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ତେଣୁ ଏପରି ହାଲକା ଖାଦ୍ୟ ଖାଆନ୍ତୁ, ଯାହାକୁ ଖାଇବା ଦ୍ୱାରା ମନ ପ୍ରଫୁଲ୍ଲ ରହିବ ତଥା ଫୁର୍ତ୍ତି ରହିବ।
- ଯଦି ଆପଣ ସକାଳୁ ବ୍ୟାୟାମ କରୁଛନ୍ତି ତେବେ ବ୍ୟାୟାମ କରି ଫେରିବା ପରେ କିଛି ସମୟ ବିଶ୍ରାମ କରନ୍ତୁ ତା'ପରେ ବ୍ରେକଫାଷ୍ଟ ଖାଆନ୍ତୁ।

## ଦୁଇ ୱାର୍ଡ ୭ଦିନ ଶଟ୍‌ଡାଉନ

**ବାଲିଅନ୍ତା,(ଡି.ଏନ୍.ଏ.):** ବାଲିଅନ୍ତା ପଞ୍ଚାୟତର ଏକ ଗ୍ରାମର ଜଣେ ଯୁବକ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଗ୍ରାମର ୨ଟି ୱାର୍ଡକୁ ସରପଞ୍ଚ ନମିତା ବେହେରା ୭ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶନିବାରଠାରୁ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ ଦୁଇ ୱାର୍ଡକୁ ସାନିଟାଇଜ୍ କରାଯାଇଛି। ଆକ୍ରାନ୍ତ ଯୁବକଙ୍କ ପରିବାର ସଦସ୍ୟଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇବା ଲାଗି ଏହି ପଦକ୍ଷେପ ନିଆଯାଇଛି ବୋଲି ସରପଞ୍ଚ ବେହେରା କହିଛନ୍ତି।

## ସଂକ୍ଷେପରେ

### ୩୬ ଗ୍ରାମ ବ୍ରାଉନସୁଗାର ଜବତ, ୨ ଜେଲ୍ ଗଲେ

**ଭୁବନେଶ୍ୱର,୧୯।୭ (ବ୍ୟୁରୋ):** ବଡ଼ଗଡ଼ ଥାନା ପୋଲିସ ଓ କ୍ୟୁଏଟି ମିଳିତ ଚଢାଉ କରି ୩୬ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜେବିନଗର ଅଞ୍ଚଳର ସୁରଜ ସାହା (୨୦) ଓ ବଡ଼ଗଡ଼ ଉପରସାହିର ସିଙ୍କୁ ସିଂହ(୨୬)। ସୂଚନା ମୁତାବକ, ବଡ଼ଗଡ଼ ଥାନା ଅଞ୍ଚଳରେ ୨ ଅଭିଯୁକ୍ତ ବହୁଦିନ ହେବ ନିଶା କାରବାର ଚଳାଇଛନ୍ତି। ଏନେ କ୍ୟୁଏଟି ନିକଟରେ ଖବର ପହଁଚିବା ପରେ ସେମାନଙ୍କୁ ଧରିବା ପାଇଁ କ୍ୟୁଏଟି ଓ ବଡଗଡ ଥାନା ପୋଲିସ ଜାଲ ବିଛାଇଥିଲା। ରବିବାର ସେମାନେ ବାଇକ୍‌ରେ ଆସି ବ୍ରହ୍ମେଶ୍ୱର ଖେଳପଡିଆ ନିକଟରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ପୋଲିସ ସେମାନଙ୍କୁ କାବୁ କରି ବ୍ରାଉନସୁଗାର, ୩ ହଜାର ୬ ଶହ ଟଙ୍କା, ବାଇକ ଓ ମୋବଇଲ ଫୋନ୍ ଜବତ କରିଥିଲା। କେସ୍ ନଂ.୨୧୪/୨୦ ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ମୁଣ୍ଡିଆପଡ଼ା ଜଙ୍ଗଲରେ ବାଘ ଆତଙ୍କ

**ବୋଲଗଡ଼,୧୯।୭(ଡି.ଏନ୍.ଏ.):** ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନପାଳ କାର୍ଯ୍ୟାଳୟ ଅଧୀନ ମୁଣ୍ଡିଆପଡା ଜଙ୍ଗଲ ନାଗାପଲ୍ଲୀ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ବାଘ ଆତଙ୍କ ଦେଖାଯାଇଛି। ଏହି ଜଙ୍ଗଲ ଅଞ୍ଚଳରେ ରବିବାର ଅପରାହ୍ନରେ ପାଟବନ୍ଧ ଗ୍ରାମର ଅରବିନ୍ଦ ସାମନ୍ତରାୟଙ୍କ ଦୁଇଟି ଗୋରୁ ବାଘ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଏ ନେଇ ସ୍ଥାନୀୟ ଗ୍ରାମବାସୀଙ୍କୁ ସତର୍କ କରାଯାଇଥିବା ବନପାଳ ପ୍ରଦୀପ୍ତ ପଟ୍ଟନାୟକ କହିଛନ୍ତି। ସୂଚନାଥାଉ କି, ଗତ ଅକ୍ଟୋବର ମାସରେ ଖୋର୍ଦ୍ଧା ରେଞ୍ଜର ଓ ବୋଲଗଡ ବନପାଳଙ୍କ ସମେତ ବନବିଭାଗର କର୍ମଚାରୀମାନେ ଜଙ୍ଗଲ ଅଞ୍ଚଳରେ ବାଘ ପାଦଚିହ୍ନ ଠାବ କରିଥିଲେ।

### ୧୪୧୦ ପ୍ରବାସୀଙ୍କୁ ମିଳିଲା ୨୮ଲକ୍ଷ ୨୦ହଜାର

**ନିମାପଡ଼ା,୧୯।୭(ଡି.ଏନ୍.ଏ.):** ନିମାପଡ଼ାକୁ ରାଜ୍ୟ ବାହାରୁ ଫେରି ବିଭିନ୍ନ ପଞ୍ଚାୟତର ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର(ଟିଏମ୍‌ସି)ରେ ରହି ଡିସଚାର୍ଜ ହୋଇଥିବା ୧୪୧୦ପ୍ରବାସୀଙ୍କୁ ଦୁଇ ହଜାର ଟଙ୍କା ହିସାବରେ ମୋଟ୍ ୨୮ ଲକ୍ଷ ୨୦ହଜାର ଟଙ୍କା କରୋନା ସହାୟତା ରାଶି ପ୍ରଦାନ କରାଯାଇଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି। ଏହି ରାଶି ପ୍ରତ୍ୟେକ ପ୍ରବାସୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ନିମାପଡ଼ା ବ୍ଲକର ବିଭିନ୍ନ ଟିଏମ୍‌ସିରେ ୨୧ଦିନ ଅବଧି ଶେଷ କରିଥିବା ଆଉ ଶତାଧିକ ପ୍ରବାସୀଙ୍କୁ ଖୁବ୍‌ଶୀଘ୍ର ସହାୟତା ରାଶି ଦିଆଯିବ ବୋଲି ବିଡିଓ କହିଛନ୍ତି। ରାଜ୍ୟ ବାହାରୁ ପ୍ରାୟ ୧୪ଶହରୁ ଉର୍ଦ୍ଧ୍ୱ ପ୍ରବାସୀ ନିମାପଡ଼ାକୁ ଫେରି ସରକାରଙ୍କ ନିୟମ ମାନି ଟିଏମ୍‌ସିରେ ରହି ସୁରକ୍ଷିତ ଭାବେ ଘରକୁ ଫେରିଥିବାରୁ ସମସ୍ତଙ୍କୁ ବିଡିଓ, ବିଭିନ୍ନ ପଞ୍ଚାୟତର ପିଇଓ ଏବଂ ସରପଞ୍ଚମାନେ ଧନ୍ୟବାଦ ଦେଇଛନ୍ତି।

### ଭଦ୍ରକର ପୂର୍ବତନ ଏସ୍‌ପିଙ୍କ ପରଲୋକ



**ବାଲେଶ୍ୱର ଅଫିସ,୧୯।୭:** ଭଦ୍ରକର ପୂର୍ବତନ ଏସ୍‌ପି ଚିନ୍ତାମଣି ପଣ୍ଡାଙ୍କର ବାଲେଶ୍ୱର ଜିଲା ରେମୁଣାସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ଘଟିଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ୧୯୭୫ ମସିହାରେ ପୋଲିସ ବିଭାଗରେ ଯୋଗଦେଇ ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, ଭଦ୍ରକ ଆଦି ସ୍ଥାନରେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଥିଲେ। ବିଶେଷକରି ମୟୂରଭଞ୍ଜ ଜିଲାରେ ମାଓବାଦୀ ଦମନରେ ସେ ସକ୍ରିୟ ଭୂମିକା ଗ୍ରହଣ କରି ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ପାଇଥିଲେ। ସେ ମଧ ମୁଖ୍ୟମନ୍ତ୍ରୀଙ୍କ ଠାରୁ ବିଭିନ୍ନ ସମୟରେ ପୁରସ୍କୃତ ହୋଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ଆକାଶବାଣୀର ଖବର ଉପସ୍ଥାପକ ଡ. ଶୁଭେନ୍ଦୁ କୁମାର ପଣ୍ଡା, ପୁତ୍ରବଧୂ, ଝିଅଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ।

# ସୁରକ୍ଷା-ପରୀକ୍ଷା: ସବୁଥିରୁ ବଞ୍ଚିତ

**କଟକ ଅଫିସ,୧୯।୭**

- ବ୍ୟାଟେରି ଆମ୍ବୁଲାନ୍ସ ଚାଳକଙ୍କ ଦୁଃଖ
- ୨ ସପ୍ତାହରେ ୨ ଜଣ କରୋନା ଆକ୍ରାନ୍ତ ହେଲେଣି
- କ୍ୱାରାଣ୍ଟାଇନରେ ୧୦ ଜଣ ରହିଛନ୍ତି




ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ୪୮ ଜଣ ବ୍ୟାଟେରି ଆମ୍ବୁଲାନ୍ସ ଚାଳକଙ୍କ ପାଇଁ ଏଯାଏ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ହୋଇନାହିଁ। ଏମାନେ ସମସ୍ତେ କେବଳ କପଡ଼ା ମାସ୍କ ଓ ଗ୍ଲୋବସ ପିନ୍ଧି କାମ କରୁଛନ୍ତି। ଗତ ୨ଟି ସପ୍ତାହରେ ଏମାନଙ୍କ ମଧ୍ୟରୁ ୨ ଜଣ କରୋନା ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଆହୁରି ୧୦ ଜଣଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି।

ସୂଚନା ଅନୁଯାୟୀ, ଏସ୍‌ସିବି ପରିସରରେ ବିଭିନ୍ନ ବିଭାଗକୁ ଚଳପ୍ରଚଳ ପାଇଁ ୫ଟି ଓ ବିଭିନ୍ନ ୱାର୍ଡକୁ ମେଡିସିନ ନେବା ଆଣିବା ପାଇଁ ଗୋଟିଏ ବ୍ୟାଟେରି ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏହି ରିକ୍ସାଗୁଡ଼ିକର ପରିଚାଳନା ଏକ ବେସରକାରୀ ସଂସ୍ଥାକୁ ଦିଆଯାଇଛି। ସେହି ସଂସ୍ଥା ଅଧୀନରେ ୪୮ରୁ ଅଧିକ କର୍ମଚାରୀ କାମ କରୁଛନ୍ତି। ପ୍ରତି ରିକ୍ସାରେ ଜଣେ ଡ୍ରାଇଭର ଓ ଅନ୍ୟ ଜଣେ ସହାୟକ କାମ କରନ୍ତି। ସେମାନେ କାଜୁଆଲିଟିରୁ ରୋଗୀ ଭର୍ତ୍ତି ହେବା ପରେ ୱାର୍ଡକୁ ନେବା, ବିଭିନ୍ନ ୱାର୍ଡରୁ ରୋଗୀଙ୍କୁ ନେଇ ପରୀକ୍ଷା କରାଇବା, ୱାର୍ଡକୁ ମେଡିସିନ ଯୋଗାଇବା କାମ ୨୪ ଘଣ୍ଟା ନିରବଚ୍ଛିନ୍ନ ଭାବେ କରିଥାନ୍ତି। ଫଳରେ ଏମାନେ ପ୍ରତ୍ୟକ୍ଷ ଭାବେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ସଂସ୍ପର୍ଶରେ ଆସୁନ୍ତି। କିନ୍ତୁ ସେମାନଙ୍କ ଭିତରୁ କରୋନା ପଜିଟିଭ ବାହାରିବାର ୨ ସପ୍ତାହ ବିତି ଯାଇଥିଲେ ମଧ ଅନ୍ୟମାନଙ୍କର କୋଭିଡ୍ ଟେଷ୍ଟ କରାଯାଇ ନାହିଁ। ସୁରକ୍ଷା ପାଇଁ ସେମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା କିଟ୍ ଦିଆଯାଇ ନାହିଁ। ଏନେଇ ଉକ୍ତ ସଂସ୍ଥାର ପରିଚାଳକ ଅନିରୁଦ୍ଧ ସାହୁ କହିଛନ୍ତି ଯେ ଆସନ୍ତା ରବିବାରଠାରୁ ଦୈନିକ ୬ ଜଣଙ୍କ କୋଭିଡ୍ ଟେଷ୍ଟ କରାଯିବ। ସମସ୍ତଙ୍କୁ ୨ଟି ଲେଖାଏ ଏନ୍ ୯୫ ମାସ୍କ ଦିଆଯାଇଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପିପିଇ କିଟ୍ ମଗାଯାଇଥିଲେ ମଧ ଦୈନିକ ୪୮ଟି କିଟ୍ ଦେଇହେବ ନାହିଁ ବୋଲି ସେମାନେ ରୋକ୍‌ଠୋକ୍ ମନା କରିଛନ୍ତି। କେବଳ ପଜିଟିଭ କେସ୍ ନେବା ଆଣିବା କରିବା ବେଳେ ପିପିଇ କିଟ୍ ଦିଆଯିବ ବୋଲି କୁହାଯାଇଛି।



ପୁରୀ ସହରର ଏକ ରାସ୍ତାପାର୍ଶ୍ୱ ଶିମିଳି ଗଛ ଡାଳରେ ପକ୍ଷୀଟିଏ ଫୁଲ କଢ଼ିକୁ ଖାଉଛି।

# ସୁନାଚେନ୍ ଲୁଟେରା ଗ୍ୟାଙ୍ଗ୍‌ର ୫ ଗିରଫ

**ଭୁବନେଶ୍ୱର,୧୯।୭ (ବ୍ୟୁରୋ)**

- ୩ ଫେରାର: ୮ ସୁନାଚେନ୍, ୨ ବାଇକ ଜବତ
- ଗ୍ୟାଙ୍ଗ ସଦସ୍ୟଙ୍କ ନାମରେ ୨୦ରୁ ଉର୍ଦ୍ଧ୍ୱ ମାମଲା
- ଲକ୍‌ଡାଉନ୍‌ରେ ମହିଳାଙ୍କୁ କରୁଥିଲେ ଟାର୍ଗେଟ୍

ଲକ୍‌ଡାଉନରେ ରାଜଧାନୀର ବିଭିନ୍ନ ସ୍ଥାନରୁ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ କରୁଥିବା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ କରିଛି ନୟାପଲୀ ପୋଲିସ। ଏହି ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୩ଜଣ ଫେରାର ହୋଇ ଯାଇଛନ୍ତି। ସେମାନଙ୍କଠାରୁ ୮ଟି ସୁନାଚେନ୍, ୨ଟି ବାଇକ୍ ଜବତ ହୋଇଛି। ଗିରଫ ଲୁଟେରା ହେଲେ ସଡ଼କ ବସ୍ତିର ସୁଦର୍ଶନ ନାୟକ ଓରଫ ପପୁ, କଳ୍ପନା ସ୍କୋୟାର କ୍ୱାର୍ଟର୍ସ ନଂ. ୨ ଆର୍ ୯/୯ରେ ରହୁଥିବା ବୁଲୁ ନାୟକ, ତାରିଣୀ ବସ୍ତିର ସର୍ବେଶ୍ୱର ଗୋଛାୟତ ଓରଫ ଟିଙ୍କୁ। ୨ଜଣ ରିସିଭର ବଡ଼ଗଡ଼ ଅଞ୍ଚଳର ଲୋଚନ କୁମାର ବେହେରା ଓ ଭରତପୁର ବାସିନ୍ଦା ସୁଶାନ୍ତ କୁମାର ମହାରଣା। ସେମାନଙ୍କ ବିରୋଧରେ ପୋଲିସ କେସ୍ ନଂ-୨୩୪/୨୦ ରୁଜୁ କରି କୋର୍ଟ ଚାଲାଣ କରିଛି। ଫେରାର ସଦସ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଛି। ସୁଦର୍ଶନଙ୍କ ନାମରେ ନୟାପଲୀ, କ୍ୟାପିଟାଲ ଥାନାରେ ୮ଟି ମାମଲା ରହିଛି। ସର୍ବେଶ୍ୱରଙ୍କ ନାମରେ ବିଭିନ୍ନ ଥାନାରେ ୭ଟି ମାମଲା ରହିଛି। ସେହିପରି ବୁଲୁଙ୍କ ନାମରେ ବିଭିନ୍ନ ଥାନାରେ ୫ଟି ମାମଲା ରହିଛି।

ସୂଚନା ଅନୁଯାୟୀ, ଏହି ଗ୍ୟାଙ୍ଗ୍ ରାଜଧାନୀର ବିଭିନ୍ନ ସ୍ଥାନରୁ ବାଇକ ଭଡ଼ାରେ ଆଣନ୍ତି। ଲକ୍‌ଡାଉନ ସମୟରେ ସହର ଭିତରେ ବୁଲି ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ କରିଥାନ୍ତି। ଗତ ୧ ତାରିଖରେ ସିଆର୍‌ପିଏଫ୍ କ୍ୟାମ୍ପସ ନିକଟରୁ ଅନ୍ୱୟା ଦାଶଙ୍କ ବେକରୁ ସୁନାଚେନ୍ ଲୁଟି ନେଇଥିଲେ। ଏ ନେଇ ପୋଲିସ କେସ୍ ନଂ. ୨୩୪/୨୦ ରୁଜୁ କରି ତଦନ୍ତ କରୁଥିଲା। ପୂର୍ବରୁ ଲୁଟ ସ୍ଥାନରୁ ପୋଲିସ ସିସିଟିଭି ଫୁଟେଜ ଜବତ କରି ଲୁଟେରାଙ୍କୁ ଚିହ୍ନଟ କରୁଥିଲା। ଅନୁସୟାଙ୍କ ଠାରୁ ଲୁଟ କରିଥିବା ଲୁଟେରାଙ୍କ ଫୁଟେଜ ତାଙ୍କ ଘର ନିକଟରେ ସିସିଟିଭି ଫୁଟେଜରୁ ଏକ ଗ୍ୟାଙ୍ଗ ସଂପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ଟିଙ୍କୁଙ୍କୁ ଉଠାଇ ଆଣି ପଚରାଉଚରା କରିବାରୁ ସବୁ କଥା ଜଣାପଡ଼ିଥିଲା।

## କାତପଡ଼ା, ହଳଦିଆପଡ଼ା ଗ୍ରାମ କଣ୍ଟେନ୍‌ମେଣ୍ଟ ଜୋନ୍

**କଣାସ,୧୯।୭(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ କାତପଡ଼ା ଓ ହଳଦିଆପଡା ଗ୍ରାମରେ ରବିବାର ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଉକ୍ତ ଦୁଇ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। ଚିହ୍ନଟ ଦୁଇ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ରିପୋର୍ଟ ଆସିବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଲୋକମାନେ ବାହାରକୁ ନ ଯିବା ଓ ବାହାର ଲୋକଙ୍କୁ ଏହି ଜୋନ୍ ପରିସରକୁ ନ ଆସିବା ଲାଗି ନିର୍ଦ୍ଦେଶ ରହିଛି। ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ବିଡିଓ କହିଛନ୍ତି।

## ‘ଗଣମାଧ୍ୟମ ସଂସ୍ଥାରେ ଯୁବ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

**କଟକ ଅଫିସ,୧୯।୭**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ରବିବାର ଏକ ୱେବିନାର ଅନୁଷ୍ଠିତ ହୋଇଛି। ‘ସାମ୍ପ୍ରତିକ ସମୟରେ ଗଣମାଧ୍ୟମ ପାଇଁ ଆହ୍ୱାନ’ ଶୀର୍ଷକ ଆଲୋଚନାରେ ମୁଖ୍ୟବକ୍ତା ଥିବା ବରିଷ୍ଠ ଖବରଦାତା ସଞ୍ଜୟ ଜେନା କହିଥିଲେ, କରୋନାର ଘଡ଼ିସନ୍ଧି ମୂହୂର୍ତ୍ତରେ ବି ଗଣମାଧ୍ୟମ ନିଜର ଦାୟିତ୍ୱ ତୁଲାଉଛି। ଏ ସମୟରେ ଟେକ୍ନୋଲୋଜି ଜାଣିଥିବା ନୂଆପିଢ଼ିର ଖବରଦାତାଙ୍କ ଉପରେ ଗଣମାଧ୍ୟମ ସଂସ୍ଥା ନିର୍ଭରଶୀଳ ହୋଇଛି। ବିଭାଗୀୟ ସହକାରୀ ପ୍ରଫେସର ଡ. ଜୟନ୍ତ ସ୍ୱାଇଁ କହିଥିଲେ, ନିଜ ଜୀବନକୁ ବିପଦରେ ପକାଇ ଖବର ସଂଗ୍ରହ କରୁଥିବା ଗଣମାଧ୍ୟମର ପ୍ରତିନିଧିମାନେ ଧନୀ ଓ ଗରିବ ପାର୍ଥକ୍ୟ ନ ଦେଖି ଖବରକୁ ହିଁ ମହତ୍ତ୍ୱ ଦେବା ଦରକାର। ଲୋକ ସମ୍ପର୍କ ବିଶେଷଜ୍ଞ ଡା. ଅଶୋକ ପଣ୍ଡା କହିଥିଲେ ଯେ, ବର୍ତ୍ତମାନ ଆମେ ସାମ୍ନା କରୁଥିବା ସବୁଠୁ ବଡ଼ ଆହ୍ୱାନ ହେଉଛି କିପରି ଗଣମାଧ୍ୟମର ସ୍ଥିତାବସ୍ଥା ଜାରି ରହିବ। ଡ. ପ୍ରଭାସ ଆଚାର୍ଯ୍ୟ କହିଥିଲେ, ଗଣମାଧ୍ୟମ ପ୍ରତିନିଧି ନିର୍ଭୀକ ଭାବେ ଖବର ସଂଗ୍ରହ କରିବା ଦରକାର। ଅନ୍ୟମାନଙ୍କ ମଧ୍ୟରେ କାଶିପୁର ଆଇଆଇଏମର ସହ ଅଧ୍ୟାପକ ଡ. ସ୍ମାରକ ସମରଜିତ ଓ ଏନ୍‌ଏବିଏମ୍‌ର ପୂର୍ବତନ ନିର୍ଦ୍ଦେଶକ ଦୀପକ ସାମନ୍ତରାୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ସହ ଅଧ୍ୟାପକ ତାରାପ୍ରସାଦ ଷଡ଼ଙ୍ଗୀ, ସାର୍ଥକ ଅଭ୍ୟୁଦୟ, ସୁମିତ ବେହେରା, ଦୁଷ୍ମନ୍ତ ଦାସ ସାମିଲ ଥିଲେ। ଛାତ୍ରୀ ଅଳକା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରିଜର୍ଭ ଲେନ୍‌ର ୨ କନଷ୍ଟେବଲଙ୍କୁ କରୋନା

**ଭୁବନେଶ୍ୱର,୧୯।୭ (ବ୍ୟୁରୋ)**

- ଛାନିଆରେ ମଞ୍ଚେଶ୍ୱର ଥାନା କର୍ମଚାରୀ
- ସମସ୍ତ କର୍ମଚାରୀଙ୍କ ହେଲା ସ୍ୱାବ୍ ଟେଷ୍ଟ

କମିଶନରେଟ ପୋଲିସ ରିଜର୍ଭ ଲେନ୍‌ର ୨ଜଣ କନ୍‌ଷ୍ଟେବଲ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଯାହାକୁ ନେଇ ରିଜର୍ଭ ଲେନ୍ ଏବଂ ମଞ୍ଚେଶ୍ୱର ଥାନାର ସମସ୍ତ କର୍ମଚାରୀଙ୍କ ଛାତିରେ ଛନକା ପଶିଛି। କାରଣ ଜଣେ କନ୍‌ଷ୍ଟେବଲଙ୍କ ଘର କେନ୍ଦ୍ରାପଡ଼ା ହୋଇଥିବା ବେଳେ ସେ ଦୁଇମାସ ପୂର୍ବେ ମଞ୍ଚେଶ୍ୱର ଥାନାରେ କାର୍ଯ୍ୟ କରୁଥିଲେ। ଛୁଟିରେ ଘରକୁ ଯାଇଥିଲେ। ଘରୁ ଫେରିବା ପରେ ଆଇସୋଲେଶନ୍‌ରେ ଥିଲେ। ତାଙ୍କର କୋଭିଡ୍ ଟେଷ୍ଟ ପରେ ସେ ପଜିଟିଭ୍ ମିଳିଛନ୍ତି। ପୂର୍ବରୁ ତାଙ୍କ ସହ ମିଶିଥିବା ଥାନାର ସମସ୍ତ କର୍ମଚାରୀ ଭୟରେ ଅଛନ୍ତି। ରବିବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ବିଏମ୍‌ସି ପକ୍ଷରୁ ଏକ ଡାକ୍ତରୀ ଟିମ୍ ଆସି ଥାନାର ସମସ୍ତ କର୍ମଚାରୀଙ୍କ ସ୍ୱାବ୍ ଟେଷ୍ଟ କରିଛନ୍ତି। ଏଥିସହ ଥାନା ନିକଟ ଏକ ସଂସ୍ଥାରେ ଏକାଧିକ ଯୁବତୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଥାନା କର୍ମଚାରୀ ଭୟରେ ରହିଛନ୍ତି। କାରଣ ଅନେକ ସମୟରେ ଏହି ଯୁବତୀମାନେ ଥାନା ଆଗ ଦେଇ ଯାତାୟାତ କରନ୍ତି।

ସେହିପରି ରିଜର୍ଭ ପୋଲିସ୍‌ର ଅନ୍ୟ ଜଣେ କନ୍‌ଷ୍ଟେବଲଙ୍କ ଘର ଗଞ୍ଜାମ ହୋଇଥିବାବେଳେ ସେ ମଧ ଛୁଟିରେ ଗ୍ରାମକୁ ଯାଇଥିଲେ। ଘରୁ ଫେରି ସେ ଆଇସୋଲେଶନ୍‌ରେ ଥିଲେ। ପରେ ତାଙ୍କଠାରେ କରୋନା ଲକ୍ଷଣ ଦେବାରୁ ସେ ଟେଷ୍ଟ କରାଇଥିଲେ। ତାଙ୍କର ପଜିଟିଭ୍ ବାହାରିଥିଲା। ଉଭୟ କନଷ୍ଟେବଲଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ପୋଲିସ କମିଶନର ଷଡ଼ଙ୍ଗୀ କହିଛନ୍ତି। ସବୁଠୁ ବଡ଼ କଥା ହେଲା ଏହି ଦୁଇ କନଷ୍ଟେବଲଙ୍କୁ ନେଇ ସମସ୍ତ ଯବାନ ଚିନ୍ତାରେ ଅଛନ୍ତି। ତେଣୁ ଖୁବ୍‌ଶୀଘ୍ର ଯବାନ ଓ ପୋଲିସ କର୍ମଚାରୀଙ୍କ କୋଭିଡ ପରୀକ୍ଷା ହେବ ବୋଲି ଜଣାପଡ଼ିଛି। ଏ ନେଇ ପୋଲିସ କମିଶନର ଷଡ଼ଙ୍ଗୀ ବିଏମ୍‌ସିର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଥାନା କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ୨ଫୁଟ ଉଚ୍ଚର ବିରଳ ପ୍ରଜାତିର ପକ୍ଷୀ ଉଦ୍ଧାର



**ସାକ୍ଷୀଗୋପାଳ,୧୯।୭(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ବ୍ଲକ ଅନ୍ତର୍ଗତ ବାଘସାହି ଗ୍ରାମର ପ୍ରଫୁଲ୍ଲ ଦାସଙ୍କ କ୍ଷେତରୁ ରବିବାର ଗ୍ରାମବାସୀ ୨ ଫୁଟ ଉଚ୍ଚର ବିରଳ ପ୍ରଜାତିର ପକ୍ଷୀକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ଏହି ପକ୍ଷୀକୁ ଦେଖିବା ଲାଗି ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ସ୍ଥାନୀୟ ବନ କର୍ମଚାରୀ ପହଞ୍ଚି ପକ୍ଷୀକୁ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲରେ ଛାଡିଥିବା ଫରେଷ୍ଟର ପ୍ରଦୀପ୍ତ କୁମାର ପଟ୍ଟନାୟକ କହିଛନ୍ତି।

## କରୋନା ବେଳେ ବାସଚ୍ୟୁତ କରା ନ ଯାଉ

**କଟକ ଅଫିସ,୧୯।୭**

ରାଜ୍ୟ ସରକାର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଏମସ୍ ପ୍ଲସ କରିବା ପାଇଁ ଯୋଜନା ରଖିଛନ୍ତି। ସେଥିପାଇଁ ଭୂମି ଅଧିଗ୍ରହଣ ଓ ଷ୍ଟାଫ୍ କ୍ୱାର୍ଟର ଖାଲି କରାଯିବା ଅଭିଯାନକୁ ଜୋରଦାର କରାଯାଇଛି। ସହରରେ ସଂକ୍ରମଣ ସର୍ବାଧିକ ଥିବାବେଳେ ହସ୍ପିଟାଲ କର୍ମଚାରୀଙ୍କୁ ବାସଚ୍ୟୁତ କରା ନ ଯାଉ। କାରଣ ସରକାରୀ ନିର୍ଦ୍ଦେଶ ଥିବା ସତ୍ତ୍ୱେ ମେଡିକାଲ କର୍ମଚାରୀଙ୍କୁ କେହି ମାଲିକ ଘର ଭଡ଼ାରେ ଦେଉନାହାନ୍ତି। ଏସ୍‌ସିବି ତୃତୀୟ ଶ୍ରେଣୀ କର୍ମଚାରୀ ସଂଘର ସଭ୍ୟମାନେ ଶୁକ୍ରବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ହାଇକୋର୍ଟ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଉଚ୍ଛେଦ କିମ୍ବା ସରକାରୀ ବାସଭବନ ଖାଲି କରାଇବାକୁ ବାରଣ କରିଛନ୍ତି। ରାଜ୍ୟ ସରକାର ମଧ ମହାମାରୀ ସମୟରେ ସମସ୍ତଙ୍କୁ ଘରେ ରହିବା ପାଇଁ କହୁଛନ୍ତି। ତେଣୁ ସଂପ୍ରସାରଣ କାମ ଆରମ୍ଭ ହେବା ପୂର୍ବରୁ ଥଇଥାନର ଉପଯୁକ୍ତ ବ୍ୟବସ୍ଥା କରି ଘର ଖାଲି କରାଯାଉ ବୋଲି ସଂଘ କହିଛି।

# ଟ୍ରକ ଧକ୍କାରେ ହୋଟେଲ ମାଲିକ ମୃତ, ସାଙ୍ଗ ଗୁରୁତର

**ଭୁବନେଶ୍ୱର,୧୯।୭ (ବ୍ୟୁରୋ)**

ଖଣ୍ଡଗିରି ଥାନା ଅନ୍ତର୍ଗତ କସ୍‌ମୋପଲ୍ଲୀ ଟ୍ରାଫିକ ଛକରେ ଟ୍ରକ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ପଛରେ ବସିଥିବା ତାଙ୍କ ସାଙ୍ଗ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଭରତପୁର ଅଞ୍ଚଳର କେ. ନାରାୟଣ (୪୩) ଓ ସେ ଜଣେ ହୋଟେଲ ମାଲିକ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଏଥିସହ ମୃତ ନାରାୟଣଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳ ସାଙ୍ଗ ବିଜୟ ସେନାପତିଙ୍କୁ ଏମ୍‌ସରେ ଭର୍ତ୍ତି କରିଛି।

ସୂଚନା ମୁତାବକ, ନାରାୟଣଙ୍କର ଭରତପୁରରେ ଏକ ହୋଟେଲ କରିଛନ୍ତି। ରବିବାର ପୂର୍ବାହ୍ନ ୧୧ଟାରେ ଦୁଇ ସାଙ୍ଗ ଆଇଗଣିଆ ଆଳୁ ଗଦିକୁ ସ୍କୁଟିରେ ଯାଉଥିବାବେଳେ କସ୍‌ମୋପଲ୍ଲୀ ଟ୍ରାଫିକ ଛକ ହମ୍ପସ୍‌ରେ ଅଟକିଯାଇଥିଲେ। ଏହିସମୟରେ ପଛରୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ (ଓଆର-୦୧-କେ-୧୧୯୧) ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା।

# ସହରସାହିରେ ବ୍ୟାପୁଛି କରୋନା

**କଟକ ଅଫିସ,୧୯।୭**

**ଚିନ୍ତା ବଢ଼ାଇଲେ ସ୍ଥାନୀୟ ଆକ୍ରାନ୍ତ**

କଟକ ସହରରେ ଏବେ ସାହିକୁ ସାହି କରୋନା ବ୍ୟାପିଲାଣି। ପ୍ରତିଦିନ ସହରର ବିଭିନ୍ନ ସାହିରୁ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ଆକ୍ରାନ୍ତ ରହିଥିବା ବେଳେ କମ୍ ସଂଖ୍ୟାରେ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଫଳରେ ସହରରେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହେଉଥିବା ଅନୁମାନ କରାଯାଉଛି।

ରବିବାର ସହରର ବିଭିନ୍ନ ସାହିରୁ ନୂଆ ସଂକ୍ରମିତ ବାହାରିଛନ୍ତି। ସେମାନଙ୍କ ମଧ୍ୟରୁ ଡଗରପଡ଼ା ଗୋପାଳସାହି ଅଞ୍ଚଳରୁ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିବା ପରେ ହୋମ କ୍ୱାରାଣ୍ଟାଇନରେ ଥିଲେ। ରବିବାର ସେମାନଙ୍କର ରିପୋର୍ଟ ପଜିଟିଭ ଥିବା ଜଣାପଡ଼ିଛି। ଅନ୍ୟ ଦୁଇଜଣ ଆକ୍ରାନ୍ତ ଗଞ୍ଜାମ ଫେରନ୍ତା ଅଟନ୍ତି। ସେମାନେ ମଧ ହୋମ କ୍ୱାରାଣ୍ଟାଇନରେ ଥିଲେ। ଦୁଇ ଦିନ ତଳେ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ପୁରୀଘାଟସ୍ଥିତ ମେଟ୍ରୋ ବିଲ୍ଡିଂର ୬ ଜଣ କର୍ମଚାରୀ କରୋନା ପଜିଟିଭ ବାହାରିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ପୁରୁଷ ଓ ୨ ଜଣ ମହିଳା ଆକ୍ରାନ୍ତ ଥିବାବେଳେ ସମସ୍ତ ସ୍ଥାନୀୟ ଆକ୍ରାନ୍ତ ଅଛନ୍ତି। ସେହିପରି ଦିୱାନ ବଜାର ଅଞ୍ଚଳରୁ ୨ ଜଣ ପୁରୁଷ ଆକ୍ରାନ୍ତ ଥିବାବେଳେ ମଙ୍ଗଳାବାଗ ବଣିଆସାହି, ରାଣୀହାଟ, ସୂତାହାଟ, ଖଟବିନ ସାହିରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅଧିକାଂଶ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସେହିପରି ପୁରୁଣା ରାଉସପାଟଣା କଣ୍ଟେନମେଣ୍ଟ ଜୋନରୁ ଆଉ ଜଣେ ମହିଳା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ପୂର୍ବର ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଥିବାବେଳେ ସାଆନ୍ତ ସାହିରୁ ଜଣେ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବାମ୍ପକୁଦା ପ୍ରଷ୍ଟେନ ପାର୍କ ଅଞ୍ଚଳରୁ ଜଣେ ପୁରୁଷ ଆକ୍ରାନ୍ତ ବାହାରିଛନ୍ତି। ସମସ୍ତ ଆକ୍ରାନ୍ତଙ୍କ କୌଣସି ଗସ୍ତ ବିବରଣୀ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇନାହିଁ। ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରୁ ନିଆଳିରୁ ୭ ଜଣ, ସାଲେପୁର ୫ ଜଣ, ବାଙ୍କୀ ଏବଂ ନରସିଂହପୁର ୨ ଜଣ ଲେଖାଏ ଆକ୍ରାନ୍ତ ବାହାରିଥିବା ଜଣାପଡ଼ିଛି।

# କାନ୍ଥରେ କରୋନା ସଚେତନତା ବାର୍ତ୍ତା



**ଖୋର୍ଦ୍ଧା ଅଫିସ,୧୯।୭**

ଖୋର୍ଦ୍ଧା ଜିଲା ଓ ପୌରାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପୌର ପ୍ରଶାସନ ପକ୍ଷରୁ ଜନ ସଚେତନତା ଉଦ୍ଦେଶ୍ୟରେ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ସହରର ବିଭିନ୍ନ କାନ୍ଥ ଓ ପାଚେରିରେ କରୋନାର ଭୟାନକ ରୂପ, ମାସ୍କ ପରିଧାନ, କିପରି ହାତ ଧୋଇବେ, ବଜାର, ଗ୍ରସେରି ଓ ପରିବା ଆଦି କିଣିବା ବେଳେ ସାମାଜିକ ଦୂରତ୍ୱ ରଖିବେ ସେ ନେଇ ଚିତ୍ର ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଛି। ଖୋର୍ଦ୍ଧା ପୌରାଞ୍ଚଳ କାର୍ଯ୍ୟାଳୟ, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ କାନ୍ଥର ଦୁଇ ପାର୍ଶ୍ୱ ରାସ୍ତାରେ ଏଭଳି ଚିତ୍ର ଅଙ୍କନ କରାଯାଇଛି। ଏହି ରାସ୍ତା ଦେଇ ଯାଉଥିବା ଲୋକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ବେଳେବେଳେ ଯୁବପୀଢ଼ି ଏହିସବୁ ସୁଦୃଶ୍ୟ ଚିତ୍ର ପାଖରେ ଠିଆ ହୋଇ ସେଲ୍‌ଫି ଉଠାଉଥିବା ଦେଖିବାକୁ ମିଳୁଛି। ଏ ନେଇ ଖୋର୍ଦ୍ଧା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି, ଖୋର୍ଦ୍ଧା ସହରରେ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଏଭଳି ଚିତ୍ର ଅଙ୍କାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଜୁଲାଇ ୨୦/୨୦୨୦ Monday, July 20/2020

# କେବଳ ରଣଜୀ, ଭିନୁ ମଙ୍କଡ ଟ୍ରଫି ଖେଳାଯିବ

ମୁମ୍ବାଇ, ୧୯।୭ (ପି.ଟି.)

କୋଭିଡ୍-୧୯ ମହାମାରୀର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଆଗାମୀ ଘରୋଇ କ୍ରିକେଟ ସେସନକୁ କାଟଛାଣ୍ଟ କରିବାକୁ ବୋର୍ଡ ନିଷ୍ପତ୍ତି ନେଇଛି। ଏଥର କେବଳ ରଣଜୀ ଟ୍ରଫି ଓ ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି ଖେଳାଯିବ ବୋଲି ବୋର୍ଡ ତରଫରୁ କୁହାଯାଇଛି। ଏହି କ୍ରମରେ ଦୁଲୀପ୍ ଟ୍ରଫି, ଦେଓଧର ଟ୍ରଫି, ବିଜୟ ହାଜାରେ ଟ୍ରଫି ଓ ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିକୁ ବୋର୍ଡ ବାତିଲ କରିଛି। ତେବେ ସୟଦ ମୁସ୍ତାକ ଅଲୀ ଟି ୨୦ ଟୁର୍ନାମେଣ୍ଟ ଆୟୋଜନ କରିବା ପାଇଁ ଚଳିତ ବର୍ଷ ପ୍ରୟାସ କରାଯିବ।

ପୂର୍ବରୁ ଯେପରି ରଣଜୀ ଟ୍ରଫି ପ୍ରାରମ୍ଭିକ ବେଳେ ଖେଳାଯାଉଥିଲା ଏଥର ଏହା ଠିକ୍ ସେହିଭଳି ଖେଳାଯିବ ବୋଲି ଆଶା କରାଯାଉଛି। ସାରା ଦେଶକୁ ୫ଟି ଭୌଗୋଳିକ ଅଞ୍ଚଳରେ ବିଭକ୍ତ କରାଯିବ ଓ ଏହି ଅଞ୍ଚଳଗୁଡିକୁ ନେଇ ରଣଜୀ ଖେଳାଯିବ। ଏଗୁଡିକ ହେଲା ଉତ୍ତର, ପଶ୍ଚିମ, ଦକ୍ଷିଣ, ପୂର୍ବ ଓ କେନ୍ଦ୍ରୀୟ ଅଞ୍ଚଳ। ପ୍ରଥମେ ଜୋନ୍‌ଗୁଡିକ ମଧ୍ୟରେ ମ୍ୟାଚ୍ ଖେଳାଯିବ ଓ ସମ୍ପୃକ୍ତ ଜୋନ୍‌ର ବିଜେତା ଘୋଷଣା କରାଯିବ। ଏହାପରେ ଜୋନ୍‌ଗୁଡିକର ବିଜେତା ଦଳଗୁଡିକ ନକ୍‌ଆଉଟ୍ ଟୁର୍ନାମେଣ୍ଟ ଖେଳିବା ପରେ ରଣଜୀ ଚାମ୍ପିୟନ କେଉଁ ଦଳ ହେବ ଜଣାପଡିବ।

ରଣଜୀ ଟ୍ରଫିରେ ପ୍ରତିବର୍ଷ ୩୮ଟି ଦଳ ଓ ପାଖାପାଖି ୫୦୦ ଖେଳାଳି ଅଂଶଗ୍ରହଣ କରିଥାନ୍ତି। ଦୁଲୀପ ଟ୍ରଫି ଓ ଇରାନୀ ଟ୍ରଫି ପାଇଁ ଖେଳାଳିମାନେ ରଣଜୀରୁ ହିଁ ବଛା ଯାଇଥାନ୍ତି। ତେବେ ପ୍ରତିଭା ଚିହ୍ନଟ ତଥା ଅନ୍ୱେଷଣ ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରିବା ଜରୁରୀ ହୋଇପଡିଛି ବୋଲି ବିସିସିଆଇ ହୃଦୟଙ୍ଗମ କରିଛି।














For more details, please contact your nearest Hero outlet. ^As per cumulative dispatch numbers till 15th September, 2019. **Largest two-wheeler selling company in the world for any particular country for the year 2019.

**Authorized Dealers: Bhubaneswar:** Rohan Hero - 7799766422; Bharat Hero - 7799766378; DD Hero - 7799766329; **Balasore**: Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero-8448389695; **Behrampur:** Lakshmi Hero - 7799766350; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Angul:** Parbati Hero - 7799766342; **Dhenkanal:** Som Hero - 7799766347; **Talcher:** Tarini Hero – 7799766374. For Institutional and Bulk Sales please write to: bhubaneshwar@heromotocorp.com

L&K | SAATCHI & SAATCHI


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ